

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୯ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 29 November 2025

Vol.No. 36 ■ No.314 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ

ସାଗରିକା ପୂଜା ସଂଖ୍ୟା

ସାଗରିକା

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


## ମୋହନ ସରକାର ଆଣିଲେ ଅତିରିକ୍ତ ବଜେଟ୍

# ୧୭ ହଜାର ୪୪୦ କୋଟିର ବଜେଟ୍ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୮/୧୧ (ନି.ପ୍ର): ରାଜ୍ୟ ସରକାର ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି। ସପ୍ତଦଶ ବିଧାନସଭାର ୫ମ ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅପରାହ୍ଣରେ ୧୭ ହଜାର ୪୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି। ଏହି ଅତିରିକ୍ତ ବଜେଟ୍ ମାଧ୍ୟମରେ ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଶିଳ୍ପ, ସଂସ୍କୃତି, କୃଷି, ମହିଳା ସଶକ୍ତୀକରଣ ଆଦି ବିଭାଗର ବିକାଶ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅତିରିକ୍ତ ବଜେଟ୍‌ରେ ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ପ୍ରାଥମିକ ଓ ଉଚ୍ଚଶିକ୍ଷାର ବିକାଶ ପାଇଁ ୨,୩୨୭ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହି ବଜେଟ୍ ମାଧ୍ୟମରେ ରାଜ୍ୟର ଶିକ୍ଷା ବିଭାଗ ଅଧିକ ଅଗ୍ରସର ହୋଇପାରିବ ବୋଲି ଆଶା କରାଯାଉଛି। ଏହି ଅତିରିକ୍ତ ବଜେଟ୍‌ରେ ଶିକ୍ଷା ପରେ କୃଷି ଏବଂ କୃଷକଙ୍କୁ ଦ୍ୱିତୀୟ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ରାଜ୍ୟର ଚାଷୀମାନଙ୍କ ପାଇଁ ସରକାର ଅତିରିକ୍ତ ବଜେଟ୍‌ରେ ୧୬,୭୩ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ସେହିପରି ମହିଳା ଏବଂ ଶିଶୁ ବିକାଶ ବିଭାଗ ପାଇଁ ଅତିରିକ୍ତ ବଜେଟ୍‌ରେ ୧,୫୫୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଅତିରିକ୍ତ ବଜେଟ୍‌ରେ ଶିଳ୍ପ ଓ ଗଚ୍ଛଗର ପାଇଁ ୩୩୭ କୋଟି ଟଙ୍କା, ମମତା ଯୋଜନା ପାଇଁ ୧୪୧ କୋଟି, ଗୋପବନ୍ଧୁ ଜନ ଆରୋଗ୍ୟ- ୪୪୦ କୋଟି, ବିପର୍ଯ୍ୟୟ ପରିଚାଳନା ପାଇଁ ୧୭୧ କୋଟି, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ପାଇଁ ୫୩୧ କୋଟି, ପ୍ରଶାସନିକ ଖର୍ଚ୍ଚ ପାଇଁ ୩,୩୮୯ କୋଟି ଟଙ୍କା, ସାମାଜିକ ସେବା ପାଇଁ ୫, ୯୪୮ କୋଟି ଟଙ୍କା, ସ୍ୱାସ୍ଥ୍ୟ ବିଭାଗ ପାଇଁ ୧୧୬୪ କୋଟି ଟଙ୍କା, ପଞ୍ଚାୟତିରାଜ ବିଭାଗ ପାଇଁ ୬୧୬ କୋଟି ଟଙ୍କା, ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପାଇଁ ୩୬୩ କୋଟି ଟଙ୍କା, ସୁଭଦ୍ରା ଯୋଜନା ପାଇଁ ୨୯୫ କୋଟି ଟଙ୍କା, ନନ୍ଦନକାନନର ବିକାଶ ପାଇଁ ୮୦ କୋଟି ଟଙ୍କା, ପରିବେଶ, ପର୍ଯ୍ୟଟନର ବିକାଶ ପାଇଁ ୮୦ କୋଟି, ବନ୍ୟପ୍ରାଣୀ ସଂରକ୍ଷଣ ଓ ସୁରକ୍ଷା ପାଇଁ ୨୫ କୋଟି ଓ ସହରୀ ବିକାଶ ପାଇଁ ୩୦୩ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି।

# ଖୋଲିଲା ମଣ୍ଡି, ହେଲେ ଉଠିପାରୁନି ଧାନ: ମଣ୍ଡି ପ୍ରସଙ୍ଗରେ ବିଧାନସଭାରେ ଶାସକ ବିରୋଧୀ ମୁହାଁମୁହିଁ



ଭୁବନେଶ୍ୱର, ୨୮/୧୧ (ନି.ପ୍ର): ବହୁ ଅପେକ୍ଷା ପରେ ଆଜି ବରଗଡ଼ ଓ ସମ୍ବଲପୁରରେ ଖୋଲିଛି ମଣ୍ଡି । ହେଲେ ବରଗଡ଼ ଜିଲ୍ଲାରେ ଏଯାଏଁ ଚାଷୀଙ୍କୁ ମିଳିନି ଟୋକନ । ସେପଟେ ସମ୍ବଲପୁରରେ ମିଲରଙ୍କ ସହ ଚୁକ୍ତି ହୋଇନାହିଁ । ଏଭଳି ସ୍ଥିତିରେ ଧାନ ବିକିବାକୁ ନେଇ ଚାଷୀ ଦ୍ୱନ୍ଦ୍ୱରେ ପଡିଛନ୍ତି । ଏପଟେ ବିଧାନସଭାରେ ମଣ୍ଡି ପ୍ରସଙ୍ଗକୁ ନେଇ ମୁହାଁମୁହିଁ ହୋଇଛନ୍ତି ଶାସକ ବିରୋଧୀ। ଓଡ଼ିଶାର ଭାତ ହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାରେ ଆନୁଷ୍ଠାନିକ ଭାବେ ଖୋଲିଛି ମଣ୍ଡି । ସମ୍ବଲପୁରରେ ବି ଆଜିଠୁ ମଣ୍ଡି ଖୋଲିଛି । ମଣ୍ଡି ଖୋଲିବା ପରେ ଚାଷୀ ଉତ୍ସାହିତ । ବିକିବା ପାଇଁ ଟ୍ରାକ୍ଟରରେ ଧାନ ଲଦି ମାର୍କେଟ ୟାର୍ଡକୁ ଆଣିଛନ୍ତି । କିନ୍ତୁ ଉଭୟ ଜିଲ୍ଲାରେ ବହୁ ଚାଷୀଙ୍କୁ ଏବେ ବି ଟୋକନ ମିଳିନି । ସେହିପରି ଚାଷୀଙ୍କ ଚୁକ୍ତି ହୋଇନଥିବାରୁ, ଧାନ କିଏ କିଣିବ? ସେ ନେଇ ସୃଷ୍ଟି ହୋଇଛି ଦ୍ୱନ୍ଦ୍ୱ । ବିଧାନସଭାରେ ଉଠିଛି ଏହି ପ୍ରସଙ୍ଗ। ମୁହାଁମୁହିଁ ହୋଇଛନ୍ତି ଶାସକ ବିରୋଧୀ। ଗୃହରେ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛି ବିଜେଡି । କଂଗ୍ରେସ ବି ସମାଲୋଚନା କରିଛି। ଅନ୍ୟପଟେ ଅଭିଯୋଗକୁ ଖଣ୍ଡନ କରିବା ସହ ଧାନ କିଣା ଆରମ୍ଭ ହୋଇଛି ବୋଲି କହିଛନ୍ତି ସମବାୟ ମନ୍ତ୍ରୀ । ରାଜ୍ୟର ପାଖାପାଖି ୨୦ଲକ୍ଷ ଚାଷୀ ପଞ୍ଜୀକରଣ କରି ଧାନ ବିକିବାକୁ ଅପେକ୍ଷା କରିଛନ୍ତି । କିନ୍ତୁ ଏବେ ବି ୨୮ ଜିଲ୍ଲାରେ ମଣ୍ଡି ଖୋଲି ନଥିବାରୁ ଚିନ୍ତାରେ ପଡିଛନ୍ତି ।

# ୩୦ ତାରିଖ ଯାଏ ପ୍ରବଳ ବର୍ଷା ସମ୍ଭାବନା : ୪ ରାଜ୍ୟକୁ ଆଲର୍ଟ

ଭୁବନେଶ୍ୱର, ୨୮/୧୧ (ନି.ପ୍ର): ମାଲାକ୍କା ପ୍ରଣାଳୀରେ ସୃଷ୍ଟ ବାତ୍ୟା ସେନୟାର ଦୁର୍ବଳ ହୋଇ ଅବପାତରେ ପରିଣତ ହୋଇସାରିଥିବା ବେଳେ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଶ୍ରୀଲଙ୍କା ଉପକୂଳରେ କେନ୍ଦ୍ରୀଭୂତ ଗଭୀର ଅବପାତ ବାତ୍ୟାର ରୂପ ନେଇଛି । ଡିଟୱା ନାଁରେ ନାମିତ ଏହି ବାତ୍ୟା ଦକ୍ଷିଣ ଦକ୍ଷିଣ ପୂର୍ବ ଦିଗରେ ଚେନ୍ନାଇଠାରୁ ୫୬୦ କିଲୋମିଟର ଏବଂ ପୁଡୁଚେରୀଠାରୁ ୪୬୦ କିଲୋମିଟର ଦୂରରେ ରହିଛି । କ୍ରମେ ଏହା ଉତ୍ତର ଉତ୍ତର ପଶ୍ଚିମ ଦିଗକୁ ଗତି କରି ଆସନ୍ତା ୩୦ ତାରିଖ ସୁଦ୍ଧା ଏହା ଉତ୍ତର ତାମିଲନାଡୁ-ପୁଡୁଚେରୀ-ଦକ୍ଷିଣ ଆନ୍ଧ୍ର ଉପକୂଳରେ ପହଞ୍ଚିବ । ପାଣିପାଗ ବିଭାଗର ସୂଚନା ଅନୁସାରେ, ବାତ୍ୟା ପ୍ରଭାବରେ ଶ୍ରୀଲଙ୍କା ସହ ତାମିଲନାଡୁ, ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶରେ ଭୀଷଣ ବର୍ଷା ହେବ । ଓଡିଶାରେ ଏହାର ପ୍ରଭାବ ରହିବା ସମ୍ଭାବନା କମ୍ । ତେବେ ଦକ୍ଷିଣ ଓ ଉପକୂଳବର୍ତ୍ତୀ ଓଡ଼ିଶାରେ ପାଗ ମେଘୁଆ ରହିପାରେ ।

# ଆଦର୍ଶ ଗ୍ରୁପ୍ ଚିଟ୍‌ଫଣ୍ଡ ଠକେଇ ମାମଲା: ଦୁଇ ଜଣ ବ୍ୟକ୍ତିଙ୍କ ଘରେ ଇଡି ରେଡ୍

କଟକ, ୨୮/୧୧ (ନି.ପ୍ର): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଅଞ୍ଚଳର ନତକାଇ ଓ ରାମକୃଷ୍ଣପୁର ଦୁଇ ଜଣ ବ୍ୟକ୍ତିଙ୍କ ଘରେ ଇଡି ରେଡ । ଆଦର୍ଶ ଗ୍ରୁପ ଚିଟଫଣ୍ଡ ଠକେଇ ମାମଲାରେ ପ୍ରବର୍ତନ ନିର୍ଦ୍ଦେଶଳୟ ଚଢ଼ାଉ କରିଛି । ନତକାଇ ଗ୍ରାମ ପଂଚାୟତର ବିଜୟ ରାଉତ ଓ ରାମକୃଷ୍ଣପୁର ପଂଚାୟତ ଜିତେନ୍ଦ୍ର ଓଝାଙ୍କ ଘରେ ସକାଳୁ ସକାଳୁ ଚଢ଼ାଉ କରିଛି ଇଡି । ସେମାନଙ୍କ ଘରେ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ ପଚରା ଉଚରା କରିଛି । ଏହାପରେ ଜିତେନ୍ଦ୍ର ଓଝାଙ୍କୁ ନିଜ ସହ ନେଇଚି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଏହାସହ ଏହି କମ୍ପାନିର ବହୁ କର୍ମଚାରୀଙ୍କ ଘରେ ଏକାଧିକ ଜାଗାରେ ତଦନ୍ତ ଆରମ୍ଭ ହୋଇଥିବା ସୂଚନା ମିଳିଛି । ଏହି ଖୋଳତାଡ଼ରେ ଦୁଇଟି ଟିମର ୮ ଜଣ ଅଫିସର ସାମିଲ ହୋଇଛନ୍ତି । ସୂଚନା ଅନୁଯାୟୀ ୨୦୧୪ରେ ସିବିଆଇ କେଶ ଆଧାରରେ ଇଡି ଆଜି ଯାଞ୍ଚ ପ୍ରକ୍ରିୟା ଜାରି ରଖିଛି । ଆଦର୍ଶ ଗ୍ରୁପର ମୁଖ୍ୟ କୁହାଯାଉଥିବା ବିଜୟ ରାଉତକୁ ସେହି ସମୟରେ ଚିଟ୍‌ଫଣ୍ଡ ଅର୍ଥ ଅନିୟମିତତା ଅଭିଯୋଗରେ ଗିରଫ କରାଯାଇଥିଲା। ୪ ବର୍ଷ ଜେଲରେ ବିତାଇଲା ପରେ ବିଜୟ ରାଉତ ବେଲରେ ଆସିଥିଲେ। ସେହି ମାମଲାକୁ ଆଧାର କରି ଇଡିର ଦୁଇଟି ଟିମ ନିଶ୍ଚିନ୍ତକୋଇଲି ବିଜୟ ରାଉତଙ୍କ ପୈତୃକ ଘର ସହିତ ଅନ୍ୟ ବୋର୍ଡ ମେମ୍ବର ମାନଙ୍କ ଘରେ ମଧ୍ୟ ଚଢ଼ାଉ ଜାରି ରଖିଛି । ସେପଟେ ରାଜଧାନୀରେ ମଧ୍ୟ ବଡ଼ ଧରଣର ଇଡି ରେଡ୍ । ସେଣ୍ଟ୍ରାଲ ଫୋର୍ସ ଉପସ୍ଥିତିରେ ଚାଲିଛି ଚଢ଼ାଉ । ଲୋକଙ୍କ କୋଟି କୋଟି ଟଙ୍କା ହେରଫେର ମାମଲାରେ 'ଆଦର୍ଶ ଚିଟଫଣ୍ଡ' ଏମଡିଙ୍କ ଘରେ ରେଡ୍ ଜାରି । ଆଦର୍ଶ ଚିଟଫଣ୍ଡ ଏମଡି ନିକୁଞ୍ଜ ସାମନ୍ତରାୟଙ୍କ ଘରେ ଇଡିର ଛାନଭିନ୍ ଜାରି ରହିଛି । ଚିଟଫଣ୍ଡ ଠକେଇ ମାମଲରେ ନିକୁଞ୍ଜଙ୍କୁ ୪ବର୍ଷ ଜେଲ ଦଣ୍ଡ ଶୁଣାଇଥିଲେ କୋର୍ଟ । ୩ହଜାର ୭ଶହ କୋଟି ଟଙ୍କା ହେରଫେର ମାମଲାରେ ହୋଇଛି ଏହି ରେଡ୍ । କମ୍ପାନି ଆରମ୍ଭ ହୋଇଥିଲା ମାର୍ଚ୍ଚ ୨୧,୨୦୧୦ମସିହାରେ । ୨୦୧୪ମସିହାରେ ଚଢ଼ାଉ କରିଥିଲା ସିବିଆଇ। ସେତେବେଳେ କମ୍ପାନିର ଏକାଧିକ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଥିଲା । ଆଜି ପୁଣିଥରେ ଇଡି ପକ୍ଷରୁ ଚାଲିଛି ରେଡ୍ ।

# ନୀତୀଶଙ୍କ ଭେଟି: ୧୦ ଲକ୍ଷ ମହିଳାଙ୍କୁ ଦେଲେ ୧୦୦୦କୋଟି ଟଙ୍କା



ନୂଆଦିଲ୍ଲୀ, ୨୮/୧୧ : ବିହାରରେ ମହିଳାମାନଙ୍କୁ ଆର୍ଥିକ ରୂପରେ ସଶକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନେଇଛନ୍ତି ବଡ ପଦକ୍ଷେପ। ମୁଖ୍ୟମନ୍ତ୍ରୀ ମହିଳା ଯୋଜନା ମାଧ୍ୟମରେ ପାଖାପାଖି ୧୦ ଲକ୍ଷ ମହିଳାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଭାବରେ ୧୦ ହଜାର ଟଙ୍କା ଲେଖାଏଁ ପଠାଯାଇଛି। ଏପର୍ଯ୍ୟନ୍ତ ୧ କୋଟି ୪୦ ଲକ୍ଷ ମହିଳା ଏହି ଯୋଜନାରେ ଉପକୃତ ହୋଇସାରିଛନ୍ତି। ବିହାର ବିଧାନସଭା ନିର୍ବାଚନ ପରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ସେ ମହିଳାମାନଙ୍କୁ ଆର୍ଥିକ ରୂପରେ ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନାକୁ ଆହୁରି ଅଧିକ ବ୍ୟାପକ କରିଛନ୍ତି। ଆଜି ସକାଳ ୧୧:୩୦ରେ ତାଙ୍କ ବାସଭବନସ୍ଥିତ ସଂକଳ୍ପ ଅଡିଟୋରିୟମ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡିବିଟି ମାଧ୍ୟମରେ ଏହି ରାଶି ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ୧୦୦୦ କୋଟି ଟଙ୍କା ସ୍ଥାନାନ୍ତର କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୃହମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ସହ ମନ୍ତ୍ରୀ ବିଜୟ କୁମାର ଚୌଧୁରୀ ଉପସ୍ଥିତ ରହିଥିଲେ। ଆଗରୁ ୬ଟି କିସ୍ତି ମିଳିଥିବା ବେଳେ ବିହାର ନିର୍ବାଚନ ପରେ ମହିଳାଙ୍କୁ ପ୍ରଥମ କିସ୍ତି ମିଳିଛି।

▶▶ପୃଷ୍ଠା ୭

# ଶୂନ ମୃତାହତ ପକ୍ଷ ପାଳନ: ୧୩ ଦିନରେ ୧୦ ମୃତ, ୩୦ରୁ ଊର୍ଦ୍ଧ୍ୱ ଆହତ




ରାଇରଙ୍ଗପୁର, ୨୮/୧୧ (ନି.ପ୍ର): ମୟୂରଭଂଜ ଜିଲ୍ଲାରାଇରଙ୍ଗପୁର ଅତିରିକ୍ତ ପରିବହନ ବିଭାଗ ଓ ପୁଲିସ ମିଳିତ ଭାବେ ଶୂନ ମୃତାହତ ପକ୍ଷ ପାଳନ ଅବସରରେ ସଡ଼କ ସୁରକ୍ଷା ନିୟମ ଯାଞ୍ଚ କରିଥିଲେ। ୧୬ ନଭେମ୍ବରଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ନିୟମିତ ଯାଞ୍ଚ କରାଯିବା ସହ ଅମାନିଆ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସଡ଼କ ଦୁର୍ଘଟଣା ଜନିତ ଶୂନ ମୃତାହତ ପକ୍ଷ ପାଳନ କରାଯାଉଥିବା ସୂଚନା ଦିଆଯାଇଛି। ତେବେ ରାଇରଙ୍ଗପୁର ଅତିରିକ୍ତ ପରିବହନ ବିଭାଗ ଅଧିନରେ ଥିବା ବାମନଘାଟି ଓ ପାଞ୍ଚପିଢ଼ି ଉପଖଣ୍ଡରେ ଶୂନ ମୃତାହତ ପକ୍ଷ ପାଳନ ସମୟରେ ବହୁ ଦୁର୍ଘଟଣା ଘଟିଥିବା ବେଳେ ସେଥି ମଧ୍ୟରୁ ରାଇରଙ୍ଗପୁର ଟାଉନ୍ ଥାନା ଅଧୀନରେ ତିନି ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ବିଶୋଇ, ତିରିଂ, ଠାକୁରମୁଣ୍ଡା, ଯଶିପୁର, ବିଶୋଇ,ବହଳଦା ଓ ଜାମଦା ଥାନା

▶▶ପୃଷ୍ଠା ୭

# ଝାରସୁଗୁଡାରେ ୫୪ଟି ବୃହତ ଶିଳ୍ପସଂସ୍ଥା ପାଇଁ ଅନୁମୋଦନ

ଭୁବନେଶ୍ୱର, ୨୮/୧୧ (ନି.ପ୍ର): ରାଜ୍ୟ ଏକକ ବାତାୟନ ପ୍ରଣାଳୀ ମାଧ୍ୟମରେ ଝାରସୁଗୁଡା ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ୫୪ଟି ବୃହତ ଶିଳ୍ପସଂସ୍ଥା ସ୍ଥାପନ ପାଇଁ ଅନୁମୋଦନ ଦିଆଯାଇଛି । ଏଥି ମଧ୍ୟରୁ ୧୪ଟି ବୃହତ ଶିଳ୍ପସଂସ୍ଥା ସ୍ଥାପିତ ହୋଇ ଆଂଶିକ କିମ୍ବା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛନ୍ତି । ଝାରସୁଗୁଡା ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ରାଜ୍ୟ ବିଧାନସଭାରେ ଏହି ସୂଚନା ଦେଇଛନ୍ତି ।

▶▶ପୃଷ୍ଠା ୭

# ଓଡ଼ିଶା ଗସ୍ତ ସାରି ଫେରିଲେ ରାଷ୍ଟ୍ରପତି: ବିଦାୟ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮/୧୧ (ନି.ପ୍ର): ଓଡ଼ିଶା ଗସ୍ତ ସାରି ଫେରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତାଙ୍କୁ ବିଦାୟ ଜଣାଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମ୍ମାନନୀୟା ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଆଜି ଭୁବନେଶ୍ୱର ବିମାନବନ୍ଦରରେ; ମାନ୍ୟବର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି , ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଓ ବରିଷ୍ଠ ମନ୍ତ୍ରୀମାନଙ୍କ ସହିତ ବିଦାୟ ଜଣାଇଲି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ବିଧାନସଭାର ୭୫ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ରାଷ୍ଟ୍ରପତିଙ୍କର ଐତିହାସିକ ସମ୍ବୋଧନ ଆମ ରାଜ୍ୟର ଗଣତାନ୍ତ୍ରିକ ଯାତ୍ରା ପାଇଁ ଏକ ଅବିସ୍ମରଣୀୟ ମୁହୂର୍ତ୍ତ ଥିଲା।

# ଡିସେମ୍ବର ୪ରେ ଭାରତ ଆସୁଛନ୍ତି ଋଷ୍ ରାଷ୍ଟ୍ରପତି ପୁଟିନ୍: ଉଭୟ ଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ସ୍ୱାକ୍ଷର ସମ୍ଭାବନା



ନୂଆଦିଲ୍ଲୀ, ୨୮/୧୧ : ଭାରତ ଆସିବେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ଆସନ୍ତା ଡିସେମ୍ବର ୪ ଓ ୫ ତାରିଖରେ ପୁଟିନ ଭାରତରେ ରହିବେ। ଏଥିସହ ସେ ୨୩ତମ ଭାର-ଋଷ ବାର୍ଷିକ ସମ୍ମିଳନୀରେ ଯୋଗଦେବେ। ଋଷ ଠାରୁ ଭାରତ ତେଲ କିଣୁଥିବାରୁ ଆମେରିକା ପକ୍ଷରୁ ନୂଆଦିଲ୍ଲୀ ଉପରେ ଟାରିଫ ଲଗାଯାଇଛି। ଆମେରିକା ଟାରିଫ ଛାଟ ସତ୍ତ୍ୱେ ଭାରତ-ଋଷ ସମ୍ପର୍କ ଆହୁରି ନିବିଡ଼ ହୋଇଥିଲା। ଏସବୁ ଭିତରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଋଷ ରାଷ୍ଟ୍ରପତି ପୁଟିନଙ୍କୁ ନୂଆଦିଲ୍ଲୀ ଆସିବାକୁ ନିମନ୍ତ୍ରଣ କରିଥିଲେ। ଏବେ ଏହାକୁ ଗ୍ରହଣ କରି ପୁଟିନ ଡିସେମ୍ବର ୪-୫ ଦୁଇ ଦିନିଆ ଭାରତ ଗସ୍ତରେ ଆସିବେ। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣ କ୍ରମେ ଋଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଡିସେମ୍ବ ୪-୫ରେ ଭାରତ ଗସ୍ତରେ ଆସୁଛନ୍ତି। ସେ ୨୩ତମ ଭାରତ-ଋଷ ବାର୍ଷିକ ସମ୍ମିଳନୀରେ ସାମିଲ ହେବେ।" ଏହି ଗସ୍ତ ସମୟରେ ପୁଟିନ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଆଲୋଚନା କରିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ପୁଟିନଙ୍କୁ ରାଷ୍ଟ୍ରପତି ଭବନରେ ସ୍ୱାଗତ କରି ତାଙ୍କ ସମ୍ମାନରେ ଗୋଟିଏ ନୈଶ୍ୟ ଭୋଜିର ଆୟୋଜନ କରିବେ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି।

▶▶ପୃଷ୍ଠା ୭

# ଟ୍ରମ୍ପଙ୍କ ଟାରିଫ ଛାଟ ସତ୍ତ୍ୱେ ରେକର୍ଡ କଲା ଭାରତର ଅଭିବୃଦ୍ଧି ହାର




ନୂଆଦିଲ୍ଲୀ, ୨୮/୧୧ : ସେପ୍ଟେମ୍ବର କ୍ୱାର୍ଟରରେ ଭାରତର ଅର୍ଥନୀତିକ ଇଞ୍ଜିନ ପାଇଛି ବଳ। ଦେଶର ଅର୍ଥନୀତିକ ଅଭିବୃଦ୍ଧି ହାର ବା ଜିଡିପି( ଏଉଚ) ୮.୨% ରହିଛି। ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ କ୍ୱାର୍ଟରରେ ଅର୍ଥନୀତିକ ଅଭିବୃଦ୍ଧି ହାର ବେଶ ଉତ୍ସାହ ଜନକ ରହିଛି। ବର୍ଷକ ତଳେ ସମାନ ସମୟରେ ଦେଶର ବାସ୍ତବ ଜିଡିପି ୫.୬% ରେକର୍ଡ ହୋଇଥିଲା। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ କ୍ୱାର୍ଟରର ଅଭିବୃଦ୍ଧି ହାର ୭.୮% ତୁଳନାରେ ମଧ୍ୟ ଏହା ଅଧିକ। ବିଗତ ୬ଟି କ୍ୱାର୍ଟର ମଧ୍ୟ ବାସ୍ତବ ଜିଡିପି ୮.୨% ହାରରେ କେବେ ବି ବୃଦ୍ଧି ପାଇ ନଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଟାରିଫ ଲଗାଇଥିବାରୁ ଅଭିବୃଦ୍ଧି ହାର ପ୍ରଭାବିତ ହେବ ବୋଲି ଅନେକ ଅର୍ଥନୀତିକ ପଣ୍ଡିତମାନେ ମତ ରଖିଥିଲେ। କିନ୍ତୁ ଟାରିଫ ଛାଟ ସତ୍ତ୍ୱେ ଦେଶର ଅର୍ଥନୀତିକ ଅଭିବୃଦ୍ଧି ହାର ନୂଆ ରେକର୍ଡ କରିଛି। ଉତ୍ପାଦନ, ନିର୍ମାଣ ଓ ସେବା କ୍ଷେତ୍ରକୁ ମିଳିଥିବା ବଳ ଯୋଗୁ ଦେଶର ଅର୍ଥନୀତି ୮.୨% ହାରରେ ଦୌଡ଼ି ଥିବା ଜାତୀୟ ପରିସଂଖ୍ୟନ ଅଫିସ (ଏନଏସ୍‌ଓ) ପକ୍ଷରୁ ଜାରି ତଥ୍ୟରେ କୁହାଯାଇଛି। ସ୍ଥିର ଦରରେ ଜିଡିପି ଜୁଲାଇ-ସେପଟ୍ଟେମ୍ବର କ୍ୱାର୍ଟରରେ ୪୮.୬୩ ଲକ୍ଷ କୋଟି ରହିଛି। ବର୍ଷକ ତଳେ ଏହା ୪୪.୯୪ ଲକ୍ଷ କୋଟି ରହିଥିଲା। ନୋମିନାଲ ଜିଡିପି ୮.୭% ହାରରେ ବଢ଼ି ୮୫.୨୫ ଲକ୍ଷ କୋଟି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଦେଶର ଅଭିବୃଦ୍ଧି ହାରକୁ ଦେଖି ବେଶ ଉତ୍ସାହିତ ହୋଇ ପଡ଼ିଛନ୍ତି। ଏହି ସଂଖ୍ୟା ଅତ୍ୟନ୍ତ ଉତ୍ସାହ ଜନକ ବୋଲି କହିବା ସହ ଭାରତୀୟଙ୍କ କଠିନ ପରିଶ୍ରମ ଓ ଏଣ୍ଟରପ୍ରାଇଜେସକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, " ୨୦୨୫-୨୬ର କ୍ୱାର୍ଟର ୨ରେ ୮.୨% ଜିଡିପି ଅଭିବୃଦ୍ଧି ବେଶ ଉତ୍ସାହଜନକ। ଏହା ଆମର ଅଭିବୃଦ୍ଧି ସପକ୍ଷବାଦୀ ନୀତି ଓ ସଂସ୍କାରର ପ୍ରଭାବକୁ ଦର୍ଶାଉଛି। ଆମ ଲୋକଙ୍କ କଠିନ ପରିଶ୍ରମ ଓ ଏଣ୍ଟରପ୍ରାଇଜେସକୁ ମଧ୍ୟ ଏହା ଦର୍ଶାଉଛି। ଆମ ସରକାର ଅତ୍ୟାଧୁନିକ ସଂସ୍କାର ଜାରି ରଖିବେ ଓ ପ୍ରତିଟି ଲୋକଙ୍କ ଜୀବନ ଶୈଳୀକୁ ଆହୁରି ମଜବୁତ କରିବେ।" କ୍ୱାର୍ଟର ୨ରେ ଉତ୍ପାଦନ ୯.୧%, ନିର୍ମା ୭.୨% ଓ ବ୍ୟାପକ ମାଧ୍ୟମିକ କ୍ଷେତ୍ର ୮.୧% ଅଭିବୃଦ୍ଧି ହୋଇଛି। ଅର୍ଥନୀତିରେ ସେବା କ୍ଷେତ୍ରର ଯୋଗଦାନ ସବୁଠାରୁ ଅଧିକ ରହିଛି। ଏହି କ୍ଷେତ୍ର ୯.୨% ହାରରେ ବଢ଼ିଛି। ତେବେ କୃଷି କ୍ଷେତ୍ରର ଅଭିବୃଦ୍ଧି ସାମାନ୍ୟ ଧିମେଇ ଯାଇଛି। କୃଷି କ୍ଷେତ୍ର କେବଳ ୩.୫% ହାରରେ ବଢ଼ିଥିବା ବେଳେ ବିଜୁଳି, ଗ୍ୟାସ ଓ ଜଳ ଯୋଗାଣର ଅଭିବୃଦ୍ଧି ହାର ୪.୪%ରେ ଆଗେଇଛି।

# ପୁଇଁନ୍ତଲା ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ

ବଲାଙ୍ଗିର,୨୭/୧୧ (ନି.ପ୍ର): ପୁଇଁନ୍ତଲା ବ୍ଲକ ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ରାମଜୀ ହାଇସ୍କୁଲ କୁରୁଲ ଠାରେ ଆୟୋଜିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଆନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୁଇଁନ୍ତଲା ବ୍ଲକ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତ ଉଦ୍‌ଘାଟନ କରିଥିଲେ । ପୂର୍ବତନ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ବ୍ଲକ ଆବାହକ ଗିରିଜା ବାଙ୍କି, ବ୍ଲକ ସଂଯୋଜକ ଜୟକୃଷ୍ଣ ନାଏକ, ପରିଚାଳନା କମିଟି ସଭାପତି ସୁଦାମ ପଟେଲ ସମ୍ମାନିତ ଅତିଥି ରୂପେ ମଂଚାସିନ ଥିଲେ । ବ୍ଲକର ଉଚ୍ଚ ବିଦ୍ୟାଳୟ ଓ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରୁ ୨୦୨ ଟି ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା । ଅପରାହ୍ନରେ ବିଇଓ ରତ୍ନମୟୀ ପୁରୋହିତ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ପୁଇଁନ୍ତଲା ବ୍ଲକ ଅଧ୍ୟକ୍ଷ ସରୋଜ ପଧାନ ମୁଖ୍ୟ ଅତିଥି, ଓଏଭି ମହିମୁଣ୍ଡା ଅଧ୍ୟକ୍ଷ ଅଶୋକ ଖଟୁଆ ମୁଖ୍ୟବକ୍ତା, ଏବିଇଓ ଲଛମନ ପଧାନ, ସରପଂଚ ଅନିତା ସେଟ୍, ସମିତି ସଭ୍ୟ ଯଶୋବନ୍ତୀ ସେଠ, ପ୍ରକୃତିବନ୍ଧୁ ପୂର୍ବତନ ଶିକ୍ଷକ ଦିଗାମ୍ବର ନାଏକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ପୁରସ୍କାର ବିତରଣ କରିଥିଲେ । ତାରାକାନ୍ତ ମିଶ୍ର, ସୁଧାନିଧି ମିଶ୍ର, ରାଜ କିଶୋର ମିଶ୍ର, ସୁବ୍ରତ ବାବୁ, ସନ୍ତୋଷିନୀ ସାହୁ ଓ ସୌରେନ୍ଦ୍ରି ପରିଡା ବିଚାରକ ଭାବେ ଯୋଗଦାନ କରି ପ୍ରକଳ୍ପ ଗୁଡିକର ମୁଲ୍ୟାୟନ କରିଥିଲେ । ବିଭିନ୍ନ ଉପ ବିଷୟବସ୍ତୁ ରୁ ଦୁର୍ଗାପାଲି ଉଚ୍ଚ ବିଦ୍ୟାଳୟର ଛାତ୍ର ସୁଗ୍ୟାନ ପଟେଲ, ମହିମୁଣ୍ଡା ଉଚ୍ଚ ବିଦ୍ୟାଳୟର ଶିବ ନାରାୟଣ ସେଲମା, ପର୍ଥଲ୍ଲା ଉଚ୍ଚ ବିଦ୍ୟାଳୟର ରାଜଲକ୍ଷ୍ମୀ ମେଶ୍ୱା, ବହଲପଦର ଉଚ୍ଚ ବିଦ୍ୟାଳୟର କ୍ରିଷ୍ଣକାନ୍ତ ନାଗ, ବୁବେଲ ଉଚ୍ଚ ବିଦ୍ୟାଳୟର ହିତେଶ ସାଏ ଓ କୁରୁଲ ଉଚ୍ଚ ବିଦ୍ୟାଳୟର ଅର୍ଚ୍ଚିତା ବିଶ୍ୱାଲ ଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇ ଆଗାମୀ ଜିଲ୍ଲା ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ରେ ଯୋଗଦାନ କରିବେ । କାର୍ଯ୍ୟକ୍ରମକୁ କୁରୁଲ ର ପୂର୍ବତନ ଶିକ୍ଷକ ପ୍ରମୋଦ ହୋତା, ବାସନ୍ତୀ ସାହୁ, ଦଧିବାବନ ବାଗ, ରଞ୍ଜୁ ପଟେଲ, ସବୁ ନାଗ, ଶୁକଦେବ ପଟେଲ, ରଘୁନାଥ ପଟେଲ, ନକୁଳ ନାଏକ ସହଯୋଗ କରିଥିଲେ । ଜୟକୃଷ୍ଣ ନାଏକ ବିବରଣୀ ପଠନ କରିଥିବା ବେଳେ ନାରାୟଣ ମିଶ୍ର ମଂଚ ସଂଯୋଜନା କରିଥିଲେ ।

# ନୂଆପଡ଼ାରେ ଅଟକିଲା ବାଲ୍ୟ ବିବାହ

ନୂଆପଡ଼ା,୨୭/୧୧ (ନି.ପ୍ର): ନୂଆପଡ଼ା ଥାନା ଅନ୍ତର୍ଗତ ସିରତୋଲରେ ଜନୈକ ବ୍ୟକ୍ତିଙ୍କ ଘରେ ବାଲ୍ୟ ବିବାହ ଅଟକା ଯାଇଛି । ଉକ୍ତ ବିବାହର ନିମନ୍ତ୍ରଣପତ୍ର ବଣ୍ଟନ ଓ ସମସ୍ତ ଆୟୋଜନ ସରି ସାରିଥିଲା । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟାଳୟର ଜିଲ୍ଲା ସଂଯୋଜକ ରଞ୍ଜନ ସାହୁଙ୍କ ଠାରୁ ଖବର ପାଇ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ତୁରନ୍ତ ଦୁଇଜଣ ଅଧିକାର ମିତ୍ରଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ । ନୂଆପଡ଼ା ଏସ୍.ଡି.ପି.ଓଙ୍କ ନେତୃତ୍ୱରେ ନୂଆପଡ଼ା ଥାନାର କିଛି ଅଧିକାରୀ, ବାଲ୍ୟ ବିବାହ ନିଷେଧ ଅଧିକାରୀ ନିରୁପା ନାଗ, ଜିଲ୍ଲା ସୁରକ୍ଷା ଅଧିକାରୀ ମଞ୍ଜୁ ଶୁକ୍ଲା, ଜିଲ୍ଲା ସଂଯୋଜକ ରଞ୍ଜନ କୁମାର ସାହୁ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧିକାର ମିତ୍ର କୃଷ୍ଣା କୁମାର ଦେଓ୍ୱାଙ୍ଗନ ଓ ଦୀପିକା ନନ୍ଦ, ପୋଲିସ, ମଣ୍ଡଳ ପରିଦର୍ଶୀକା, ଜିଲ୍ଲା ମହିଳା ସଶକ୍ତିକରଣ ହବ୍ କର୍ମକର୍ତ୍ତା, ଚାଇଲ୍ଡ ଲାଇନର ସଦସ୍ୟ ଓ ଅନ୍ୟାନ୍ୟ ପଦାଧିକାରୀ ପହଞ୍ଚି ବାଲ୍ୟ ବିବାହ ବନ୍ଦ କରାଇବା ସହିତ ଏହା ନ କରିବାକୁ ପରିବାର ଲୋକଙ୍କୁ ବୁଝାଇଥିଲେ । ଗ୍ରାମର ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ଏକ ସଚେତନତା ବୈଠକ କରାଯାଇଥିଲା । ବାଲ୍ୟ ବିବାହ ପାଇଁ ପ୍ରସ୍ତୁତ କରୁଥିବା ଅଭିଭାବକ ମାନଙ୍କୁ ଏହା ନକରିବାକୁ ବୁଝାଯାଇଥିଲା । ଶିଶୁ ସୁରକ୍ଷା ଆଇନ ତଥା ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ ଅନୁସାରେ କୌଣସି ପୁଅ ଝିଅଙ୍କ ଅନୁମୋଦିତ ସମୟ ସୀମା ପୂର୍ବରୁ ବିବାହ କରାଇବା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ଅଟେ ତେଣୁ ଏଭଳି କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ବୋଲି ସମସ୍ତେ ପରିବାରଲୋକଙ୍କୁ ପରାମର୍ଶ ଦେଇଥିଲେ । ପରେ ସମସ୍ତ ପରିବାରବର୍ଗ ଏବଂ ସମ୍ପର୍କୀୟ ରାଜି ହୋଇଥିଲେ ଏବଂ ବାଲ୍ୟ ବିବାହ କରିବୁ ନାହିଁ ବୋଲି ଲିଖିତଭାବରେ ଥାନା ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ ।

# ମିଲର କିମ୍ବା ପ୍ରଶାସନିକ ଅଧିକାରୀ ମାନେ ଅସାଧୁ ଉପାୟ ଅବଲମ୍ବନ କଲେ ହେବ କାର୍ଯ୍ୟାନୁଷ୍ଠାନ: ମହେଶ୍ୱର ସାହୁ

କେନ୍ଦୁଝର,୨୭/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ରେ ଚଳିତ ବର୍ଷ ଖରିଫ୍ ଧାନ କିଣା କାରବାର ସ୍ୱଚ୍ଛତା ଓ ଶୃଙ୍ଖଳିତ ଭାବେ କରିବା ପାଇଁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ଅଧିନିୟମ ମାର୍ଗଦର୍ଶିକା ଉଲଘଂନ କରି ଧାନ କିଣା କାରବାରରେ ଅସାଧୁ ଉପାୟ ଅବଲମ୍ବନ କରି କଟନି ଛଟନି କରିବେ ଓ ଚାଷୀ ମାନଙ୍କୁ ହଇରାଣ ହରକତ କରିବେ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । କେନ୍ଦୁଝର ଜିଲ୍ଲା ରେ ଚଳିତ ବର୍ଷ ଖରିଫ୍ ଧାନ କିଣା ୮୨ ଟି ସେବା ସମବାୟ ସମିତି ମାଧ୍ୟମରେ ୯୫ ଟି ଧାନମଣ୍ଡୀ ଖୋଲାଯାଇଛି । ୧୧ଟି ନୂତନ ଧାନମଣ୍ଡି ଖୋଲିବା ପାଇଁ ପ୍ରସ୍ତାବ ଆସିଛି । ଚଳିତ ବର୍ଷ ୭୯ ହଜାର ୧୦୮ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି ।କେନ୍ଦୁଝର ଜିଲ୍ଲା ରେ ଗତ ବର୍ଷ ୫୯ ହଜାର ୬୭୩ ଜଣ ଚାଷୀ ୨୧ ଲକ୍ଷ ୮୮ ହଜାର କୁଇଣ୍ଟାଲ ଧାନ ବିକ୍ରି କରିଥିଲେ । ଗତ ବର୍ଷ ଅପେକ୍ଷା ଏବର୍ଷ ୨୦ ହଜାର ଅଧିକ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସରକାର ଙ୍କ ବ୍ୟାପକ କୃଷକ କଲ୍ୟାଣକାରୀ ଯୋଜନା ଓ ପ୍ରୋସାହନ ଫଳରେ ଚାଷ ପ୍ରତି ଜିଲ୍ଲାରେ ଶିକ୍ଷିତ ବେକାର ଯୁବକ ମାନେ ଚାଷ ପ୍ରତି ଆଗ୍ରହ ବଢିବା ଏକ ଶୁଭ ଲକ୍ଷଣ ବୋଲି ଶ୍ରୀ ସାହୁ କହିଛନ୍ତି ।

## ନୂଆପଡା ସହରରେ ୩ଟି ଭାଲୁ: ସହରବାସୀ ଆତଙ୍କିତ

ନୂଆପଡ଼ା,୨୭/୧୧ (ନି.ପ୍ର): ନୂଆପଡା ସହର ଭାଲୁଙ୍କ ଚରାଭୂଇଁ ପାଲଟିଥିବା ବେଳେ ସହର ବାସୀ ଆତଙ୍କିତ ହୋଇପଡିଛନ୍ତି । ଆଜି ୩ ଗୋଟି ଭାଲୁ ବୁଲୁଥିବା ଦେଖିବାକୁ ମିଳିଛି । ଏହି ବଣୁଆ ଭାଲୁ ନୂଆପଡ଼ା ସହର ବିଭିନ୍ନ କାର୍ଯ୍ୟଳୟ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପାଖରେ ବୁଲୁଥିବା ବେଳେ ଏକ ଘର ପାଚେରୀ ନିକଟରେ ଭାଲୁ ସୋଇଥିବା ଦେଖିବାକୁ ପାଇଥିଲେ । ବନ୍ ବିଭାଗ ପକ୍ଷରୁ ଭାଲୁକୁ ସୁରକ୍ଷିତ ସ୍ଥାନକୁ ଘଉଡାଇବା ପ୍ରୟାସ ପରେ ମଧ ଭାଲୁ ବାରମ୍ବାର ସହର ମୁହାଁ ହୋଇଅଛି । ବନ ଜଙ୍ଗଲରେ ଆବଶ୍ୟକ ପରିମାଣରେ ଖାଦ୍ୟଭାବ ଦେଖା ଯାଉଥିବା ନେଇ ଭାଲୁ ମାନେ ସହର ମୁହାଁ ହେଉଥିବା ଅନୁମାନ କରାଯାଏ । ବନ୍ ବିଭାଗ ପକ୍ଷରୁ ଭାଲୁକୁ ସୁରକ୍ଷିତ ନିକଟ ଜଙ୍ଗଲକୁ ଘଉଡାଇ ଦେଇଥିବା ନେଇ ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ପ୍ରକାଶ କରିଛନ୍ତି ।

# ଧରାପଡିଲା ଭତ୍ତା ହଡ଼ପକାରୀ ପିଇଓ ଗୌତମ ସେଠୀଙ୍କ କାରନାମା

## ■ବର୍ଷ ବର୍ଷ ଧରି ଖାଉଥିଲେ ହିତାଧିକାରୀଙ୍କ ଭତ୍ତାଟଙ୍କା

## ■ସାଂସଦଙ୍କ ଉପସ୍ଥିତିରେ ଫେରାଇଲେ ହିତାଧିକାରୀଙ୍କ ଭତ୍ତା ଟଙ୍କା

ବାଲିଆପାଳ ,୨୭/୧୧ (ନି.ପ୍ର): ଧରା ପଡିଗଲା ଲାଞ୍ଚୁଆ ପିଇଓ ଗୌତମ ସେଠୀ ଙ୍କ ଙ୍କ କାରନାମା ।ବର୍ଷ ବର୍ଷ ଧରି ଗରିବ ଅସହାୟ ବୃଦ୍ଧ ବୃଦ୍ଧା ଙ୍କ ଭତ୍ତା ଟଙ୍କା କୁ ଟିପ ଚିହ୍ନ ଦେଇ ଖାଇଆସୁଥିଲେ ।ହିତାଧିକାରୀ ଅଭିଯୋଗ କଲେ ତମର ଭତ୍ତା ରେ କଣ ଅସୁବିଧା ହୋଇଛି ଦେଖିବା କହି ଆବଶ୍ୟକ ଡକ୍ୟୁମେଣ୍ଟ ନେଇ ଦିନ ଦିନ ପରେ ଦିନ ଗଡାଇ ଆସୁଥିଲେ ।ଏ ନେଇ ଜନୈକା ବିଧବା ମହିଳା ହିତାଧିକାରୀ ବାଲେଶ୍ୱର ସାଂସଦ ଙ୍କ ନିକଟରେ ଅଭିଯୋଗ ପରେ ଲାଞ୍ଚୁଆ ପଞ୍ଚାୟତ ଅଧିକାରିଙ୍କ କାରନାମା ପର୍ଦ୍ଦାଫାସ ହୋଇଛି । ମାସେ କି ଦୁଇ ମାସ ନୁହଁ ବରଂ ଦୀର୍ଘ ଚାରିବର୍ଷ ହେଲା ଏହିଭଳି କାରନାମ ଚାଲିଆସୁଥିବା ବେଳେ ଏବେ ନିଜର ଦୋଷ ସ୍ୱିକାର କରିବା ସହ ଦୁଇଜଣ ହିତାଧରକାରୀଙ୍କ ଟଙ୍କା ଫେରାଇବା ଘଟନା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ମିଳିଥିବା ସୂଚନା ମୂତାବକ କୁଣ୍ଡୁଳୀ ପଞ୍ଚାୟତର ବିଧବା ମହିଳା ସ୍ନେହଲତା ମହାପାତ୍ର ତାଙ୍କ ସ୍ୱାମୀ ଙ୍କ ମୃତ୍ୟୁପରେ ମଧୁବାବୁ ଯୋଜନାରେ ଭତ୍ତା ଟଙ୍କା ପାଇ ଆସୁଥିଲେ । ତେବେ ସେ କିଛିମାସ ପାଇଁ ରାଜ୍ୟ ବାହାରକୁ ତାଙ୍କର ସଂମ୍ପର୍କୀୟଙ୍କ ପାଖକୁ ଯାଇଥିଲେ ।ତେବେ ଘରକୁ ଫେରି ସେ ଭତ୍ତା ଆଣିବାକୁ ଯିବାରୁ ଭତ୍ତାରେ କିଛି ତୃଟି ଥିବାରୁ ପରେ ଟଙ୍କା ମିଳିବ ବୋଲି କୁହାଯାଇଥିଲା ।ସେହିଦିନ ଠାରୁ ସ୍ନେହଲତା ଆଜକୁ ଚାରିବର୍ଷ ହେଲା ଭତ୍ତାଟଙ୍କା ପାଇଁ ବାରମ୍ବାର ଦୌଡି ଦୌଡି ନିରାସ ହୋଇଆସୁଥିଲେ ।ପଞ୍ଚାୟତର ସରପଞ୍ଚ ସମେତ ପରେ କାର ?ୟ୍ୟନିର୍ବାହୀ ଅଧିକାରୀ ଗୌତମ ସେଠୀ ଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିଅସୁଥିଲେ ।ଶ୍ରୀ ସେଠୀ ତାଙ୍କଠାରୁ ପୁଣିଥରେ ସମସ୍ତ ଡକ୍ୟୁମେଣ୍ଟ ନେଇ ଦିନ ଗଡାଇ ଆସୁଥିଲେ ।ଏ ସମ୍ପର୍କରେ ମହିଳା ଜଣଙ୍କ ସାମାଜିକ ଅଧିକାରୀ ରାଜକିଶୋର ପାତ୍ର ଙ୍କ ସହ ଯୋଗ ଯୋଗ କରିବା ପରେ ତାଙ୍କର ଭତ୍ତା ଏକ୍ଟିଭ ଥିବା ଜାଣିବାକୁ ପାଇଥିଲେ ।ପରେ ମହିଳା ଜଣଙ୍କ ଏ ବିଷୟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଙ୍କ ନିକଟରେ ଅଭିଯୋଗ କରିଥିଲେ ।ସାଂସଦ ଶ୍ରୀ ଷଡଙ୍ଗୀ ବିଭିନ୍ନ ରେଜିଷ୍ଟାର ଯାଂଚକରି ବିଧବା ମହିଳାଙ୍କ ଭତ୍ତା ଟଙ୍କା ଆତ୍ମସାର କରାଯାଉଥିବା ଜାଣିବାକୁ ପାଇଥିଲେ ।ଏହିପରି ଭାବେ ଜଣେ ଅନ୍ୟ ଜଣେ ଦିବ୍ୟାଙ୍ଗ ମହିଳା ନେପୁରୀ ମଲ୍ଲିକ ସ୍ୱାମୀ ନରେନ୍ଦ୍ର ମଲ୍ଲିକ ଙ୍କ ଭତ୍ତା ଟଙ୍କା ହଡପ କରାଯାଇଥିବା ସ୍ପଷ୍ଟ ହୋଇଥିଲା ।ଭତ୍ତା ପାଇଁ ବ୍ଲକ ପକ୍ଷରୁ କରାଯାଉଥିବା ସ୍କ୍ରଲରେ ଟିପ ଚିହ୍ନ ଦେଇ ଏହି ଟଙ୍କାକୁ ପିଇଓ ଗୌତମ ସେଠୀ ଆତ୍ମସାତ କରିଆସୁଥିବା ସ୍ପଷ୍ଟ ହୋଇଥିଲା ।ଏନେଇ ସାଂସଦ ବୁଧବାର ବାଲେଶ୍ୱର ସ୍ଥିତ ସକ୍ରୀଟ ହାଉସକୁ ପିଇଓ ଗୌତମ ସେଠୀ,ବିଡିଓ ରାଧାରଞ୍ଜନ ଦାସ,ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ,ବ୍ଲକ ସାମାଜିକ ସୁରକ୍ଷାଅଧିକାରୀ ପାର୍ଥସାରଥୀ ସାହୁ ,ସହକାରୀ ଯନ୍ତ୍ରୀ ପ୍ରମୁଖ ଙ୍କୁ ଡକାଇ ସମସ୍ତଙ୍କ ଉପସ୍ଥିତିରେ ପିଇଓ ଶ୍ରୀ ସେଠୀ ଙ୍କୁ ପଚରା ଉଚୁରା କରିଥିଲେ । ସେଠାରେ ପିଇଓ ଶ୍ରୀ ସେଠୀ ସେ କୁଣ୍ଡୁଳୀ ପଞ୍ଚାୟତରେ ୨୦୨୩ ଜାନୁୟାରୀ ମାସରେ ଯୋଗ ଦେଇଥିବା ବେଳେ ଟଙ୍କା ଉଠାଇଥିବା ସମ୍ପର୍କରେ ସ୍ୱିକାର କରିଥିଲେ । ଏବଂ ସମସ୍ତ ଙ୍କ ଉପସ୍ଥିତିରେ ତାଙ୍କ ରହଣି ସମୟରେ ବିଧାବା ମହିଳା ସ୍ନେହଲତାଙ୍କ ଭତ୍ତା ଟଙ୍କା ୨୮ ହଜାର ୫୦୦ ଟଙ୍କା ଫେରାଇବାପାଇଁ ରାଜି ହୋଇ ତାଙ୍କୁ ନଗଦ ୧୦ ହଜାର ଟଙ୍କ ଫେରାଇଥିଲେ ।ଅବଶିଷ୍ଟ ଟଙ୍କ ସୋମବାର ସୁଦ୍ଧା ଫେରାଇବେ ବୋଲି ଲିଖିତ ପ୍ରତିଶୃତି ଦେଇଥିଲେ । ସେହିପରି ଅନ୍ୟ ଜଣେ ମହିଳା ନେପୁରୀ ମଲ୍ଲିକ ଙ୍କ ଶେଷ ତିନିମାସର ଭତ୍ତା ଟଙ୍କା ବାବଦକୁ ୩୬୦୦ ଟଙ୍କା ଫେରାଇଥିଲେ । ସୂଚନା ଯୋଗ୍ୟ କେବଳ ଏହି ଦୁଇଜଣ ହିତାଧରକାରୀ ନୁହନ୍ତି ଏହିଭଳି ଭାବରେ ବହୁ ହିତାଧରକାରୀ ଙ୍କ ଟଙ୍କାକୁ ପିଇଓ ଶ୍ରୀ ସେଠୀ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । ତେବେ ବିଗତ ଚାରିବର୍ଷ ଧରି ଭତ୍ତା ଟଙ୍କା ଖାଉଥିଲେ ପିଇଓ । ଧରାପଡିବା ପରେ ହିତାଧରକାରୀଙ୍କ ଟଙ୍କା ଫେରାଇଲେ ଟଙ୍କା ।କାହା ଛତ୍ର ଛାୟା ତଳେ ରହି ବର୍ଷ ବର୍ଷ ଧରି ଟଙ୍କା ଲୁଟୁଥିଲେ ।ଭତ୍ତା ଟଙ୍କା ଫେରଇବା ପରେ ସେ ଟଙ୍କା ହଡପ କରିଥିବା ଏକପ୍ରକାର ପ୍ରମାଣିତ ହୋଇଛି । ତେବେ ତାଙ୍କ ବିରୋଧରେ ନିଲମ୍ବନ ଭଳି ବିଭାଗୀୟ କାର୍ଯ୍ୟାନୁଷ୍ଠାନ କାହିଁକି ହେବ ନାହିଁ ? ଏନେଇ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଙ୍କୁ ପଚାରିବାରୁ ଘଟଣାର ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।ସୂଚନା ଯୋଗ୍ୟ ପିଇଓ ଗୌତମ ସେଠୀ ବଣିଆଡିହା ପଞ୍ଚାୟତରେ ଦାୟିତ୍ୱରେ ଥାଇ ଏକାଧିକ ଫଲ୍ସବିଲ କରି ବୁ ଟଙ୍କା ଆତ୍ମସାତ କରିଥିବା ନେଇ ତାଙ୍କ ନାମରେ ଅଭିଯୋଗ ରହିଛି । ।ସରକାରୀ ଅର୍ଥ ହଡପ କିଥିବାରୁ ତାଙ୍କ ବିରୋଧରେ ଏଫଆଇ ଆର ରୁଜୁ କରାଯାଇ ତୁରନ୍ତ ଗିରଫ କରାଯିବାକୁ ଦାବି ଉଠିଛି ।

# ଭୂତ କୋଠି ପାଲଟିଛି ବ୍ରହ୍ମବରଦା ଟେଲିଫୋନ ଏକ୍ସଚେଂଜ : ମୋବାଇଲ ସେବା ଠପ୍

ଧର୍ମଶାଳା,୨୭/୧୧ (ନି.ପ୍ର): ଦୂରସଂଚାର ଭାରତ ସରକାରଙ୍କ ଏକ ଅଙ୍ଗ । ଦିନ ଥିଲା ହଜାର ହଜାର ଗ୍ରାହକ ଟେଲିଫୋନ ଉପରେ ଭରସା କରିଥିଲେ । ଦିନ ବଦଳିବା ସହିତ ଏବେ ଡିଜିଟାଲରେ ସମୟ ପଂହଚିଛି । ଆଲୋଡା ହୋଇ ପଡିଛି ଟେଲିଫୋନ ଓ ଏହାର କାର୍ଯ୍ୟାଳୟ । ବହୁ ସ୍ଥାନରେ ଟେଲିଫୋନ ଏକ୍ସଚେଂଜ ଭୂତ କୋଠିରେ ପରିଣତ ହେଲାଣି । ସ୍ଥାୟୀ ରକ୍ଷଣା ବେକ୍ଷଣ ଉପରେ ସରକାରଙ୍କ ଆନ୍ତରିକ ଓ ଦୂର ଦୃଷ୍ଟି ଅଭାବରୁ ଏଭଳି ଅବସ୍ଥାରେ ପଂହଚି ଥବବା ଗ୍ରାହକ ମହଲରେ ଆଲୋଚନା ହେଉଛି । ଏବଂ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଶଂ ଅଚଳ ହୋଇ ପଡିଲାଣି । ଚଣ୍ଡିଖୋଲ ଟେଲିଫୋନ ଏକ୍ସଚେଂଜ ଅଧିନରେ ରସୁଲପୁର ବ୍ଲକ ବ୍ରହ୍ମବରଦା ଟେଲିଫୋନ କାର୍ଯ୍ୟ କରୁଥିଲା । ସେତେବେଳେ ଲ୍ୟାଣ୍ଡ ଲାଇନ ଯୋଗେ ଘରଘର ସଂଯୋଗ ଦିଆଯାଇଥିଲା । ଗ୍ରାହକ ବଢିବା ସାଂଗକୁ ଚଣ୍ଡିଖୋଲ ଏକ୍ସଚେଂଜ ଉପରେ ସମସ୍ୟା ଦେଖା ଯିବାରୁ ବ୍ରହ୍ମବରଦାଠାରେ ଏକ ନୂତନ ଏକ୍ସଚେଞ୍ଜ କରାଯାଇଥିଲା । ଲକ୍ଷଲକ୍ଷ ଟଙ୍କା ବ୍ୟୟ ବରାଦରେ ଏଠାରେ ବିରାଟ ଗୃହ ନିର୍ମାଣ କରାଯିବା ସହିତ ବହୁ ଅତ୍ୟାଧୁନିକ ଯନ୍ତ୍ରାଶଂ ବସାଯାଇଥିଲା । ଏପରିକି ଲୋକେ ବିଲ ପୈଠ ପାଇଁ ଘଂଟା ଘଂଟା ଧରି ପୋଷ୍ଟ ଅଫିସରେ ଧାଡି ବାନ୍ଧି ଅପେକ୍ଷା କରି ରହୁଥିଲେ । ପରେ ସରକାର ଏହି ସେବା ଉପରେ ଗୁରୁତ୍ୱ ନ ନେଇ ଘରୋଇ କରଣରେ ପରୋକ୍ଷରେ ସହଯୋଗ କଲେ । ଫଳରେ ଏହି ସଂସ୍ଥା ଏବେ ଅଚଳ ହୋଇ ପଡିଛି । ବାରମ୍ବାର ଅଚଳ ହେବା ପରେ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉ ଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା । ଏବେ ଏହି ଏକ୍ସଚେଂଜ ର ବହୁ ଯନ୍ତ୍ରାଶଂ ଅଚଳ ହୋଇ ପଡିଛି । ଏବଂ ଏହାର ଚତୃପାଶ୍ୱ ଗଛ ଲତାରେ ପରିପୂର୍ଣ୍ଣ ହେଲାଣି । ସ୍ଥାୟୀ ରକ୍ଷଣା ବେକ୍ଷଣ ହେଉ ନାହିଁ । ଅବିଭକ୍ତ ବ୍ରହ୍ମବରଦା ହେଉଛି ଏକ ମୁଖ୍ୟ ବ୍ୟବସାୟର ମୁଖ୍ୟ କେନ୍ଦ୍ରସ୍ଥଳ ଭାବେ ବେଶ୍ ପରିଚିତ ଥିବାବେଳେ ଏଠାରେ ବହୁ ସଂଖ୍ୟାରେ ଲୋକେ ଦେଶ ବିଦେଶରେ ରହିଆସୁଛନ୍ତି । ଫଳରେ ସେମାନଙ୍କସହ ଯୋଗାଯୋଗ ସହ ଟେଲିଫୋନ ମାଧ୍ୟମରେ ଏହା ସମ୍ଭବ ନ ହେବାରୁ ଲୋକେ ଘରୋଇ ମୋବାଇଲ ସେବା ଉପରେ ଗୁରୁତ୍ୱ ଦେଲେ । ଏହାର ବିକଳ୍ପ ଭାବେ ଏବେ ମୋବାଇଲ ସେବା ଉପରେ ଭରସା କରିଥିଲେ । ଟାୱାର ଥାଉ ବିଏସଏନଏଲ ସେବା ଅଚଳ ରହୁଛି । ବହୁ ସମୟରେ ଅନେକ ସ୍ଥାନରେ ନେଟ୍ ଓ୍ୱାର୍କ ନ ଥିବା ବେଳେ ଜରୁରୀ ସମୟରେ କାହାରି ସହ ଯୋଗାଯୋଗ ହୋଇପାରୁନଥିବା ଦେଖିବାକୁ ମିଳୁଛି । ମୋବାଇଲ ସେବା ପାଇବାର ବଂଚିତ ହେଉଛନ୍ତି ଉପଭୋକ୍ତା । ମୋବାଇଲ ସେବା ସବୁ ବେଳେ ନେର୍ଟଓ୍ୱାର୍କ ଫେଲ ହେବା ଫଳରେ ବହୁ ସମୟରେ ମୋବାଇଲ ଅଚଳ ରହୁଛି । ଯାହାକୁ ନେଇ ଗ୍ରାହକମାନେ ସରକାରୀ ସେବାରୁ ବଂଚିତ ହେଉଥିବାରୁ ବେସରକାରୀ ସଂସ୍ଥା ଆଡକୁ ମୁହଁ ବଳାଉଛନ୍ତି । ଗ୍ରାହକମାନେ ଭାରତ ସରକାରଙ୍କ ଏହି ସେବାରୁ ନିବୃତ ରହିବା ସହ କାହା ନିକଟରେ ଅଭିଯୋଗ କରିବେ ତାହା ସମ୍ଭବ ପର ହେଉନାହିଁ ।

## ସଂସ୍କୃତ ପରିଷଦ ବଲାଙ୍ଗିରର ମାସିକ ଅଧିବେଶନ

ବଲାଙ୍ଗିର,୨୭/୧୧ (ନି.ପ୍ର): ନୃସିଂହ ମନ୍ଦିର ପରିସରେ ସଂସ୍କୃତ ପରିଷଦ ବଲାଙ୍ଗିର ମାସିକ ଅଧିବେଶନ ଆଇନଜିବୀ ଜୟରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଗିରିଜା ଶଙ୍କର ରଥ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଭାରତୀୟ ସଂସ୍କୃତି ରେ ନାରୀ ଚରିତ୍ର, ପଂଚକନ୍ୟା, ତଥା ଦ୍ରୌପଦୀ ଚରିତ୍ର ଅବତରଣା କରିଥିଲେ । ମୁଖ୍ୟବକ୍ତା ରାଜ କିଶୋର ପଣ୍ଡା ଭକ୍ତିର ସଂଜ୍ଞା ନିରୁପଣ କରି ଭକ୍ତି ଆଧାରିତ ବିଭିନ୍ନ ଚରିତ୍ରର ଦୃଷ୍ଟାନ୍ତ ଦେଇଥିଲେ । ଏହି ଅଧିବେଶନରେ ବ୍ରଜ କିଶୋର ପଣ୍ଡା, ପଣ୍ଡିତ ସନ୍ତୋଷ କୁମାର ଶତପଥୀ, ସିତାଂଶୁ ଶେଖର ନାୟକ, ପର୍ଶୁରାମ ନାୟକ, ପ୍ରାଣ ବଲ୍ଲଭ ତ୍ରିପାଠୀ, ନରେନ୍ଦ୍ର କୁମାର ଆଚାର୍ଯ୍ୟ ଅଂଶଗ୍ରହଣ କରିଥିଲେ । ସମ୍ପାଦକ ଗତ ବିବରଣୀ ପଠନ ପରେ ଉପସଭାପତି କେଶବ ଚନ୍ଦ୍ର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁଣି ପଣ୍ୟ କାରବାରରେ ଇତିହାସ ରଚିଲା ପାରାଦୀପ ବନ୍ଦର

## ନିର୍ଦ୍ଧାରିତ ସମୟ ପୂର୍ବରୁ ୧୦୦ ଏମଏମଟି ପଣ୍ୟ କାରବାର କରି ରେକର୍ଡ



ପାରାଦୀପ, ୨୮/୧୧ : ପୁଣି ପଣ୍ୟ କାରବାର ରେ ଇତିହାସ ରଚିଲା ପାରାଦୀପ ବନ୍ଦର ।ନିର୍ଦ୍ଧାରିତ ସମୟ ପୂର୍ବରୁ ୧୦୦ ଏମଏମଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି ।ଗତକାଲି ନଭେମ୍ବର ମାସ ୨୭ ତାରିଖ ଦିନ କ୍ରମାଗତ ଭାବେ ନବମ ଥର ପାଇଁ ୧୦୦ ଏମଏମଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି । ଗତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ଯେଉଁ ସମୟରେ ୧୦୦ ଏମଏମଟି ପଣ୍ୟ କାରବାର କରିଥିଲା ତାହାର ୧୨ ଦିନ ପୂର୍ବରୁ ଚଳିତ ବର୍ଷ ୧୦୦ ଏମଏମଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି । ଗତ ବର୍ଷ ଡିସେମ୍ବର ମାସ ୯ ତାରିଖ ଦିନ ପାରାଦୀପ ବନ୍ଦର ୧୦୦ ଏମଏମଟି ପଣ୍ୟ କାରବାର କରିଥିଲା । ଚଳିତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ଅନେକ ବାଧାବିଘ୍ନକୁ ସାମ୍ନା କରି ନୂଆ କୀର୍ତ୍ତିମାନ ସ୍ଥାପନ କରିଛି । ଏଥି ପାଇଁ ବନ୍ଦର ବ୍ୟବହାରକାରୀଙ୍କ ଭୂମିକାକୁ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ପ୍ରଶଂସା କରିଛନ୍ତି । ଆଜି ଶୁକ୍ରବାର ବନ୍ଦର ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ଶ୍ରୀ ହରନାଦ କହିଛନ୍ତି ଯେ ଏହି ସମୟ ମଧ୍ୟରେ ବନ୍ଦର ଥର୍ମାଲ କୋଇଲା, ଜିପସମ୍, ପିଓଏଲ, ଷ୍ଟିଲ୍ କାର୍ଗୋ ପରିବହନ ବୃଦ୍ଧି ହୋଇଥିବାରୁ ଏହି ସଫଳତା ହାସଲ ହୋଇପାରିଛି । ବନ୍ଦର ଅଧ୍ୟକ୍ଷ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ମାନ୍ୟବର କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋଓାଲଙ୍କ ପ୍ରେରଣା ଓ ଦୃଢ ନେତୃତ୍ୱ ପାରାଦୀପ ବନ୍ଦରକୁ ସଫଳତାର ଶୀର୍ଷରେ ପହଂଚିବା ପାଇଁ ଉତ୍ସାହ ଦେଇଛି । ଏହି ସଫଳତାର ଶ୍ରେୟ ସମସ୍ତ ବନ୍ଦର ବ୍ୟବହାରକାରୀ, ଷ୍ଟିଭେଡୋର୍ସ, ଷ୍ଟିମ ସିପ୍ ଏଜେ, ଟ୍ରେଡ୍ ୟୁନିୟନ୍, ପିପିଏ ଅପରେଟର, ବନ୍ଦର ଅଧିକାରୀ, କର୍ମଚାରୀଙ୍କୁ ହିଁ ସେମାନଙ୍କ ନିଷ୍ଠାପରତା ଯୋଗୁଁ ପାରାଦୀପ ବନ୍ଦର ଏହି ସଫଳତା ହାସଲ କରି ପାରିଛି । ଏହି କାର୍ଯ୍ୟକ୍ରମରେ ଡେପୁଟି ଚ୍ୟାରମେନ ଟି.ଭେନୁ ଗୋପାଳ, ଟ୍ରାଫିକ ଉପଦେଷ୍ଟା ଏ.କେ.ବୋଷ ଓ ଟ୍ରାଫିକ୍ ମ୍ୟାନେଜର ଜି. ଏଡିସନ୍ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ କେକ୍ କାଟି ଉପସ୍ଥିତ ସମସ୍ତ ଅଧିକାରୀ ଙ୍କୁ ଅଭିନନ୍ଦନ ଜଣାଇଥିଲେ ।

# ଓଡିଶା ଖଣି ନିଗମ ଆଂଚଳିକ କାର୍ଯ୍ୟାଳୟ ଆଗରେ ଏଆଇଟିୟୁସି ନେତୃତ୍ୱରେ ଶ୍ରମିକଙ୍କ ବିକ୍ଷୋଭ

କେନ୍ଦୁଝର,୨୭/୧୧ (ନି.ପ୍ର): ଶ୍ରମିକ ବିରୋଧି ଶ୍ରମ କୋଡ୍ ତୁରନ୍ତ ବାତିଲ ଦାବିରେ ବାଂଶପାଳ ବ୍ଲକର ଶୁଆକାଟୀ ସ୍ଥିତ ଓଡିଶା ଖଣି ନିଗମ ଆଂଚଳିକ କାର୍ଯ୍ୟାଳୟ ଆଗରେ ଏଆଇଟିୟୁସି ନେତୃତ୍ୱରେ ଶ୍ରମିକ ମାନେ ବିକ୍ଷୋଭ କରିଛନ୍ତି । କେନ୍ଦୁଝର ଜିଲ୍ଲା ଏଆଇଟିୟୁସି ଡାକରାରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଖଣି ଓ କାରଖାନା ସମ୍ମୁଖରେ ହଜାର ହଜାର ଶ୍ରମିକ ବିକ୍ଷୋଭ ଜରିଆରେ ବିରୋଧୀ ଶ୍ରମ କୋର୍ଡକୁ ବିରୋଧ ଜାରି ରଖୁଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ହଠାତ ସାରା ଦେଶରେ ନୂତନ ଶ୍ରମ କୋର୍ଡ ଲାଗୁ କରିବା ପାଇଁ ଘୋଷଣା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । ଏଥି ପାଇଁ ଦେଶର ଶ୍ରମିକ ସଂଗଠନ ମାନଙ୍କ ସହ କୌଣସି ଆଲୋଚନା କରା ଯାଇ ନାହିଁ । ଦୀର୍ଘ ଦିନ ହେଲା ଏହି ୪ଟି ଶ୍ରମ କୋର୍ଡ ବାତିଲ କରିବା ଦୀର୍ଘ ଦିନ ହେବ ସମଗ୍ର ଦେଶରେ ଜୋରଦାର ଶ୍ରମିକ ଆନ୍ଦାଳନ ଚାଲୁ ରହିଥିଠବା ବେଳେ ସରକାର ରାତି ଅଧିଆ ଶ୍ରମ କୋର୍ଡ ଲାଗୁ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିକ୍ଷୋଭକାରୀ । ଏହି ଆଇନ ଲାଗୁ ହେବା ଦ୍ୱାରା ଶ୍ରମିକ ମାନଙ୍କର ନିଯୁକ୍ତି ଅଧିକ ଅସ୍ଥାୟୀ ହେବା ବୋଲି ପ୍ରକାଶ କରିଛନ୍ତି ଶ୍ରମିକମାନେ । ପୂର୍ବ ଶ୍ରମ ଆଇନ ଠିକ୍ ଭାବେ ଲାଗୁ ହୋଇ ପାରୁ ନଥିବା ବେଳେ, ମାଲିକ ସପକ୍ଷବାଦୀ ନୂଆ ଶ୍ରମ କୋର୍ଡ ସମ୍ପୁର୍ଣ୍ଣ ଭାବରେ ଶ୍ରମିକ ବିରୋଧୀ ଅଟେ କହି ଆଜି ନିଗମର ଗନ୍ଧମାର୍ଦ୍ଦନ ଖଣି ମୁଖ୍ୟ କାର୍ଯ୍ୟାଳୟରେ ସମ୍ମୁଖରେ ଶହ ଶହ ଶ୍ରମିକ ଏକତ୍ର ହୋଇ ଶ୍ରମ କୋର୍ଡ ଓଏମସି ଖଣିରେ ଲାଗୁ ନ କରିବା ପାଇଁ ଦାବି ଜଣାଇଛନ୍ତି । ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ ସଭାପତି ସାଥୀ ମହେଶ୍ୱର ରାଉତଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା ବେଳେ ନିଗମ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରା ଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀହରି ଘଣା, ହୃଦା ପାତ୍ର, ବଦ୍ରୁ ଜାମା, ବିରଂଚି ଦେହୁରୀ, ମାର୍କଣ୍ଡ ଦେହୁରୀ, ଖଗେଶ୍ୱର ମହାନ୍ତ, ବନମାଳି ନାୟକ, ଗୋବିନ୍ଦ ପ୍ରମୁଖ ଭାଗ ନେଇଥିଲେ ।

# ଉଖୁଣ୍ଡା ଶିଶୁମନ୍ଦିରର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ

କେନ୍ଦୁଝର,୨୭/୧୧ (ନି.ପ୍ର): ଝୁମ୍ପୁରା ସଂକୁଳ ଉଖୁଣ୍ଡା ଶିଶୁମନ୍ଦିରର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ ଅନୁଷ୍ଠାନର ସମ୍ପାଦକ ଶ୍ରୀଯୁକ୍ତ ଗୁଣନିଧି ମହାନ୍ତ ମୁଖ୍ୟ ଅତିଥି ଏବଂ ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ପାତ୍ରଙ୍କର ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ପ୍ରାରମ୍ଭରେ ସ୍ଥାନୀୟ ଭୋଳେଶ୍ୱର ମନ୍ଦିରରୁ ଶୋଭାଯାତ୍ରାରେ ମଶାଲ ଅଣାଯାଇ ଉଖୁଣ୍ଡା ଷ୍ଟାଡିୟମରେ ପରିକ୍ରମା କରି ଜ୍ୟୋତି ପ୍ରଜ୍ୱଳନ କରାଯାଇଥିଲା । ଏହାପରେ ବାର୍ଷିକକ୍ରୀଡା ପତାକା ଉତ୍ତୋଳନ କରି ବନ୍ଦନା ଓ ସାମୁହିକ ସଂଗୀତ ଗାନ କରାଯାଇ କ୍ରୀଡାର ଶୁଭାରମ୍ଭ ହୋଇଥିଲା । ଉଦଯାପନୀ ଉତ୍ସବରେ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ମୁଖ୍ୟ ଅତିଥି ଅନୁଷ୍ଠାନର ସଭାପତି ଭକ୍ତବନ୍ଧୁ ମହାନ୍ତି, ସମ୍ମାନୀତ ଅତିଥି ବିଦ୍ୟାଳୟର ସମ୍ପାଦକ ଗୁଣନିଧି ମହାନ୍ତ ଓ ସମ୍ମାନୀତ ଅତିଥି ଉଖୁଣ୍ଡା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ବୀଣାପାଣି ନାଏକ ଯୋଗ ଦେଇଥିଲେ ଏବଂ ପୁରସ୍କାର ବିତରଣ କରିଥିଲେ ।

# ଫୁଲବାଣୀରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

କନ୍ଧମାଳ ,୨୭/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା କୋର୍ଟ ପରିସରରେ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ୧୩.୧୨.୨୦୨୫ ତାରିଖ ଶନିବାର ଦିନ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଅଧ୍ୟକ୍ଷ, ଜିଲ୍ଲା ଆଇନସେବା ପ୍ରାଧିକରଣ , କନ୍ଧମାଳ, ଫୁଲବାଣୀ ସୂଚନା ଦେଇଛନ୍ତି । ସୂଚନାରୁ ଜଣାପଡ଼ିଛି ଯେ, ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି, (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍ , ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ) ଜମି ଅଧିଗ୍ରହଣ , ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ଦେଓ୍ୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ପ୍ରାପ୍ତ ସୂଚନାରୁ ଆଉ ମଧ ଜଣାପଡ଼ିଛି ଯେ, କେବଳ ବିଚାରାଧନ ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରୀରେ ଦାଏର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍ , ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ), ଭରଣ ପୋଷଣ ବିବାଦ, ଅନ୍ୟାନ୍ୟ ସାଲିସଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେଓ୍ୱାନୀ ମକଦ୍ଦମା ଇତ୍ୟାଦିର ମଧ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇ ପାରିବ ।

## ଛୁଆଙ୍କ ଆଗରେ ସିଗାରେଟ ଟାଣୁଥିଲେ ସାବଧାନ



ଆଜିକାଲିର ଧାଁଦଉଡ଼ ଜୀବନରେ କାମର ଚାପ,ପରିବାରରେ ସମସ୍ୟା,ଦାମ୍ପତ୍ୟ ଅଥବା ପ୍ରେମରେ ବିଫଳତା ପାଇବା ପ୍ରାୟତଃ ପ୍ରତି ମଣିଷର କଥା । ଏହି ଦୁଃଖ,କଷ୍ଟକୁ ଟିକେ ହାଲୁକା କରିବା ପାଇଁ ମଣିଷ ଏକ ସରଳ ମାଧ୍ୟମକୁ ଆଦରି ନେଇଛି 'ସିଗାରେଟ୍' । ସିଗାରେଟ୍ ଟାଣୁଥିବା ଯେକୌଣସି ବ୍ୟକ୍ତିକୁ କାହିଁକି ସିଗାରେଟ୍ ଟାଣୁଛ ପ୍ରଶ୍ନ କଲେ ସେ ନିହାତି କହିବେ ଟେନସନ୍ କୁ ଟିକେ କମେଇବା ପାଇଁ ଟାଣିଦେଉଛୁ ଆଉ । ହେଲେ ଏ ସିଗାରେଟ୍ କ'ଣ ସତରେ ଟେନସନ୍ କମାଏ ? ବର୍ତ୍ତମାନ ସିଗାରେଟକୁ ଯୁବପିଢୀ ଫ୍ୟାସନ୍ ତାଲିକାରେ ବି ସାମିଲ୍ କରିଦେଇଛନ୍ତି କହିଲେ କିଛି ଭୁଲ୍ ହେବନାହିଁ । କର୍ପୋରେଟ୍ ସେକ୍ଟର କର୍ମଚାରୀଙ୍କଠାରୁ ଆରମ୍ଭ କରି କଲେଜ୍ ପିଲା ପର୍ଯ୍ୟନ୍ତ ସମସ୍ତଙ୍କୁ ସିଗାରେଟ୍ ଯେମିତି ଏକ ଫ୍ୟାସନ୍ ଷ୍ଟାଇଲ୍ ଭଳି ଲାଗୁଛି । ବାପା-ମା' ଘରେ ଛୋଟ ପିଲା ଥିବା ସତ୍ତ୍ୱେ ସିଗାରେଟ୍ ଟାଣି ଧୂଆଁ ଏମିତି ଛାଡୁଛନ୍ତି ଯେମିତି କୌଣସି ଟ୍ରେନ୍ ଇଞ୍ଜିନ୍ । ଏଥିରେ ସମସ୍ୟା କ'ଣ ହେଉଛି ଜାଣିଛନ୍ତି ଭୁଲ୍ କରୁଛନ୍ତି ଆପଣ ହେଲେ ଦଣ୍ଡ ପାଉଛି ଆପଣଙ୍କ ଛୁଆ । ଏକ ସର୍ଭେରୁ ସାମ୍ନାକୁ ଆସିଛି ଯେ ସେକେଣ୍ଡ ହେଣ୍ଡ ସ୍ମୋକିଙ୍ଗ୍ ଯାହାକୁ ପେସିବ୍ ସ୍ମୋକିଙ୍ଗ୍ ମଧ୍ୟ କୁହାଯାଏ ଏହା ଆପଣଙ୍କ ଛୁଆ ପାଇଁ ବିପଦ ସାବ୍ୟସ୍ତ ହୋଇପାରେ । ବଡ଼ ହେଲେ ଏଭଳି ପିଲାଙ୍କ କ୍ଷେତ୍ରରେ ର୍ୟୁମେଟୋଇଡ୍ ଅର୍ଥରାଇଟିସର ଆଶଙ୍କା ୭୫ % ପର୍ଯ୍ୟନ୍ତ ବଢିଯାଏ । ଏହାର ଅର୍ଥ ଧୂମପାନ କେବଳ ଆପଣଙ୍କ ପାଇଁ ହିଁ ନୁହଁ ଆପଣଙ୍କ ଛୁଆ ପାଇଁ ମଧ୍ୟ ହାନିକାରକ । ତେବେ ଆସନ୍ତୁ ଜାଣିବା କ'ଣ ଏହି ସେକେଣ୍ଡ ହ୍ୟାଣ୍ଡ ସ୍ମୋକିଙ୍ଗ୍ ?

ଜଣେ ବ୍ୟକ୍ତି ଯେତେବେଳେ ସିଗାରେଟ୍ ଟାଣନ୍ତି ଏହାର ସଂପୂର୍ଣ୍ଣ ମାତ୍ରା ଫୁସଫୁସ୍ କୁ ନଯାଇ କିଛି ଧୂଆଁ ମାଧ୍ୟମରେ ବାୟୁରେ ମିଶିଯାଏ ଏବଂ ବାୟୁ ଦ୍ୱାରା ଅନ୍ୟ ଜଣଙ୍କ ଭିତରକୁ ଧୂଆଁ ପ୍ରବେଶ କରେ । ଏହି ପ୍ରକିୟାକୁ ସେକେଣ୍ଡ ହ୍ୟାଣ୍ଡ ସ୍ମୋକିଙ୍ଗ୍ ବୋଲି କୁହାଯାଏ ଯାହାର ଅଧିକ ପ୍ରଭାବ ଛୋଟଛୁଆଙ୍କ ଉପରେ ପଡ଼େ । ର୍ୟୁମେଟୋଇଡ୍ ଅର୍ଥରାଇଟିସରେ ଶରୀରର ଇମ୍ୟୁନ୍ ସିଷ୍ଟମ୍ ହିଁ ଗଣ୍ଠି ଉପରେ ଭାରି ପଡ଼ିଯାଏ , ଯାହାଦ୍ୱାରା ଗଣ୍ଠି ଦରଜ ଏବଂ ଫୁଲିବା ଭଳି ସମସ୍ୟା ମଧ୍ୟ ଦେଖାଯାଏ । ଚଲାବୁଲା କରିବା ବେଳେ କଷ୍ଟ ଅନୁଭବ ହୁଏ । ଯେଉଁ ଲୋକଙ୍କ ଭିତରେ ଏଭଳି ସମସ୍ୟା ଦେଖାଯାଏ ସେମାନଙ୍କ ଚିକିତ୍ସା ଉପରେ ଧ୍ୟାନ ଦିଆଯିବା ସହ କିଛି ଖାଦ୍ୟପେୟ ଉପରେ କଣ୍ଟ୍ରୋଲ୍ କରିବାର ଆବଶ୍ୟକତା ପଡ଼ିଯାଏ । ଅବହେଳା ହେଲେ ସମସ୍ୟା ସ୍ଥାୟୀ ରୂପ ନେଇ ଦିବ୍ୟାଙ୍ଗତା ଆଡ଼କୁ ମଧ୍ୟ ନେଇପାରେ । ସର୍ଭେ ଅନୁସାରେ ର୍ୟୁମେଟୋଇଡ୍ ଅର୍ଥରାଇଟିସ ଏକ ଜଟିଳ ସମସ୍ୟା । ତେଣୁ ଏଥିରେ ସାବଧାନ ରହିବା ମଧ୍ୟ ନିହାତି ଜରୁରୀ । ପରିବାରରେ ଯଦି ଏହି ସମସ୍ୟା ଆଗରୁ ରହିଛି ତାହେଲେ ସେକେଣ୍ଡ ହ୍ୟାଣ୍ଡ ସ୍ମୋକ୍ କରିବା ଆଦୌ ଠିକ୍ ନୁହଁ । ଏଥିରେ ପିଲାଙ୍କ ଫୁସଫୁସ୍ ସମ୍ବନ୍ଧ ସମସ୍ୟା ମଧ୍ୟ ଦେଖାଯାଏ । ବିଶେଷଜ୍ଞଙ୍କ ମତରେ ତମ୍ବାଖୁର ଧୂଆଁରେ ୪୦୦୦ ରୁ ଅଧିକ ରାସାୟନିକ ତତ୍ତ୍ୱ ରହିଥାଏ । ଯେଉଁଥିରେ ୨୫୦ ରୁ ଅଧିକ ରୋଗ ହେବାର ସମ୍ଭାବନା ରହିଥାଏ । ଫୁସଫୁସ୍ ସହ ଏହା ହୃଦରୋଗ ସମସ୍ୟା ମଧ୍ୟ ବଢାଏ ଏବଂ କ୍ୟାନ୍ସର ଭଳି ସମସ୍ୟା ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ । ସିଗାରେଟ୍ ଧୂଆଁର ସଂସ୍ପର୍ଶରେ ଆସୁଥିବା ପ୍ରତିଟି ଲୋକ ପାଇଁ ଏହା ବିପଦ ସୃଷ୍ଟି କରେ କହିଲେ କିଛି ଭୁଲ୍ ହେବନି । ଶିଶୁଙ୍କ ବିକଶିତ ଅଙ୍ଗ ପାଇଁ ସିଗାରେଟ୍ ଧୂଆଁ ଜହର ଭଳି କାମ କରେ । ଛୋଟପିଲା ଏବଂ ଗର୍ଭବତୀଙ୍କ ଉପସ୍ଥିତିରେ ସିଗାରେଟ୍ ଟାଣିବାର ଭୁଲ୍ ଆଦୌ କରନ୍ତୁ ନାହିଁ । ପରିବାର ଭିତରେ କିମ୍ବା କୌଣସି ଜନଗହଳିପୂର୍ଣ୍ଣ ସ୍ଥାନରେ ମଧ୍ୟ ଧୂମପାନ କରିବା ଠାରୁ ଦୂରେଇ ରୁହନ୍ତୁ । ଆପଣଙ୍କ ଛୋଟ ପ୍ରୟାସ ଅନ୍ୟର ଜୀବନକୁ ସରଳ , ସୁସ୍ଥମୟ କରିବାରେ ସହାୟକ ହେବ ।




ବହୁ ସମୟ କମ୍ପ୍ୟୁଟର ଆଗରେ ହେଉ ଅବା ଘରେ ନଇଁ କରି କାମ କରିବା ଦ୍ୱାରା ପିଠିରେ ଯନ୍ତ୍ରଣା ହୋଇଥାଏ । ମହିଳାମାନଙ୍କଠାରେ ଅଣ୍ଟା ବିନ୍ଧା ବେଶି ଦେଖାଯାଏ । ସେଥିରୁ ବିରାମ ପାଇବା ପାଇଁ ବିଭିନ୍ନ ପ୍ରକାର ଆସନ ରହିଛି । ସେଥିମଧ୍ୟରୁ କଟି ଚକ୍ରାସନ ଅନ୍ୟତମ ।

କଟି ଚକ୍ରାସନଦ୍ୱାରା ଅଣ୍ଟା, ପିଠି ଓ ନିତମ୍ବ କାର୍ଯ୍ୟକ୍ଷମ ହୁଏ । ପିଠି ଯନ୍ତ୍ରଣା ଏବଂ ଦେହ ଭଙ୍ଗୀର ସମସ୍ୟା ଠିକ୍ କରିବାରେ ସାହାଯ୍ୟ କରେ । ଏହାଦ୍ୱାରା ଶରୀର ହାଲୁକା ହେବା ସଙ୍ଗେସଙ୍ଗେ ମାନସିକ ଚାପ ଉପଶମ କରିବାରେ ଏହାକୁ ଦିନର ଯେ କୌଣସି ସମୟରେ ବ୍ୟବହାର କରାଯାଇପାରେ ।

- ପ୍ରଥମେ ପାଦକୁ ପ୍ରାୟ ଅଧାମିଟର ଛଡ଼ାରେ ରଖି ଠିଆ ହୁଅ, ହାତ ଦୁଇ କଡ଼ରେ ରଖ ।
- ନିଶ୍ୱାସ ଛାଡ଼ ଓ ଦେହକୁ ବାମ ଦିଗକୁ ମୋଡ଼ ।
- ଡାହାଣ ହାତ ବାମ କାନ୍ଧ ଉପରକୁ ଆଣ ଏବଂ ବାମ ହାତ ପିଠି ପଟେ ବୁଲାଇ ରଖ ।
- ବାମ ହାତକୁ ଅଣ୍ଟାର ଡାହାଣ କଡ଼କୁ ଆଣ ।
- ବାମ କାନ୍ଧ ଉପର ଦେଇ ଯେତେ ଦୂର ପାର ଦେଖ । ଦୁଇ ସେକେଣ୍ଡ ନିଶ୍ୱାସ ଧରିରଖ, ?ଦେହକୁ ଆଉ ଟିକିଏ ଅଧିକା ମୋଡ଼, ପେଟକୁ ଧୀରେ ପ୍ରସାରିତ କରିବାକୁ ଚେଷ୍ଟା କର ।
- ନିଶ୍ୱାସ ନିଅ ଓ ପ୍ରାରମ୍ଭିକ ସ୍ଥିତିକୁ ଫେରିଆସ
- ବିପରୀତ ଦିଗରେ ଅଭ୍ୟାସ କର ଓ ଗୋଟିଏ ଚକ୍ର ପୂରା କର ।

ଏହିପରି ୫ରୁ ୧୦ ଚକ୍ର ଅଭ୍ୟାସ କର ।

**ସଜାଗତା: ଦେହର ଗତି ନିଶ୍ୱାସର ସାମଞ୍ଜସ୍ୟ ରହିବାରେ ଏବଂ ପେଟ ଓ ମେରୁଦଣ୍ଡ ମାଂସପେଶୀ ଟାଣି ହେବାରେ ଲକ୍ଷ୍ୟ ରଖିବା ଉଚିତ ।**




ଆଜିକାଲିର ଦୈନିକ ଜୀବନଚର୍ଯ୍ୟା ବଦଳୁଛି । ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଯୋଗୁଁ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ବିଭିନ୍ନ ରାସାୟନିକ ପଦାର୍ଥର ବ୍ୟବହାର ହେତୁ ଆମ ତ୍ୱଚା ଓ କେଶରେ ମଧ୍ୟ ପ୍ରଭାବ ପରିଲକ୍ଷିତ ହେଉଛି । ଏବେ କେଶ ଝଡ଼ିବା ଯୁବପିଢ଼ିଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ । ତେବେ ଭୁର୍ସଙ୍ଗ ପତ୍ର ଖାଲି ରୋଷେଇରେ ବ୍ୟବହାର ହୁଏନି, ଏହାକୁ ସୌନ୍ଦର୍ଯ୍ୟ ଓ ପ୍ରସାଧନରେ ମଧ୍ୟ ବ୍ୟବହାର କରାଯାଏ । ଏହା ଶରୀର ସାଙ୍ଗକୁ କେଶ ଓ ତ୍ୱଚାର ସ୍ୱାସ୍ଥ୍ୟ ପାଇଁ ବି ଉପକାରୀ । କାରଣ ଭୁର୍ସଙ୍ଗ ପତ୍ରରେ ଭରି ରହିଛି ପ୍ରଚୁର ପରିମାଣର ଭିଟାମିନ୍ ଏ, ବି, ସି ଓ ଡି ଏବଂ ଏହାସହିତ କ୍ୟାଲ୍‌ସିୟମ୍, ଆଇରନ୍ ଓ ଫସ୍‌ଫରସ୍ ପରି ମିନେରାଲ୍‌ସ । ବିଭିନ୍ନ ପୋଷକ ତତ୍ତ୍ୱରେ ଭରି ରହିଥିବାରୁ ଏହାକୁ ଖାଦ୍ୟରେ ସାମିଲ କରିବାକୁ ଅନେକ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦିଅନ୍ତି ।

### କଞ୍ଚା ଭୁର୍ସଙ୍ଗ ପତ୍ରର ଫାଇଦା:

ତେବେ କଞ୍ଚା ଭୁର୍ସଙ୍ଗ ପତ୍ର ଚୋବାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ହୁଏ । ଏଥିରେ ଥିବା ବିଟା-କାରୋଟିନ୍ ଓ ପ୍ରୋଟିନ୍ କେଶକୁ ମୋଟା ଓ ଚିକ୍କଣ କରିବା, କେଶ ଝଡ଼ିବା ବନ୍ଦ, କେଶ ମୂଳ ଶକ୍ତ କରିବାରେ ସାହାଯ୍ୟ କରେ । ଖାଲି ସେତିକି ନୁହେଁ ତ୍ୱଚାର କୋଷ ବୃଦ୍ଧି, ରକ୍ତ ସଂଚାଳନ ବଢ଼ାଇବା ସହିତ ତ୍ୱଚା ସମସ୍ୟାରୁ ମୁକ୍ତିଦିଏ ବୋଲି କିଛି ବିଶେଷଜ୍ଞ ମତ ଦିଅନ୍ତି । ଭୁର୍ସଙ୍ଗ ପତ୍ରକୁ ପ୍ରଥମେ ପ୍ରଥମେ କମ୍ ପରିମାଣର ଚୋବାଇ ଖାଆନ୍ତୁ । ଅଧିକ ପରିମାଣର ଖାଇଲେ ହୁଏତ ଆଲର୍ଜି ରିଆକ୍‌ସନ୍, ହଜମ ଜନିତ ସମସ୍ୟା ପରି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ । ଏଣୁ ଏହାକୁ ଖାଇବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରି ଖାଇବା ଉଚିତ୍ । ବିଶେଷ କରି ଗର୍ଭବତୀ ମହିଳାମାନେ ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଆବଶ୍ୟକ ।








ଏମିତି ଅନେକ ବଦଭ୍ୟାସ ରହିଛି, ଯାହା ପରିହାର୍ଯ୍ୟ ହେଲେ ସୁଦ୍ଧା ତାହାକୁ ବେଳେବେଳେ ଦୂରେଇଦେବା ସମ୍ଭବ ହୋଇ ନଥାଏ । ସେଥି ମଧ୍ୟରୁ ପରିସ୍ରାକୁ ଦୀର୍ଘ ସମୟ ଧରି ଚାପି ରଖିବା ହେଉଛି ଅନ୍ୟତମ । ପରିସ୍ଥିତିରେ ପଡ଼ି ଦୀର୍ଘ ସମୟ ଧରି ପରିସ୍ରା ନଯିବାକୁ ଆମେ ବାଧ ହୋଇଥାଉ । ତେବେ ଏଭଳି ସାମାନ୍ୟ ତ୍ରୁଟି ସମୟକ୍ରମେ ଭୀଷଣ ସ୍ୱାସ୍ଥ୍ୟ ସମସ୍ୟା ଆଣିବାର ଆଶଙ୍କା ରହିଛି । ଏଭଳି 'ୟୁରିନାରି ଇନ୍‌କଣ୍ଟିନେନ୍‌ସ' ବା ଦୀର୍ଘ ସମୟ ଧରି ପରିସ୍ରା ନଯିବା ଅବସ୍ଥା ବିଶେଷ କରି ବରିଷ୍ଠ ନାଗରିକଙ୍କ ଠାରେ ଅଧିକ ଦେଖାଦେଇଥାଏ । ତେବେ ସମ୍ପ୍ରତି ଏହା ଯୁବପିଢ଼ିକୁ ମଧ୍ୟ ଆକ୍ରାନ୍ତ କରିବାରେ ଲାଗିଛି । ଅବଶ୍ୟ ଏହା ପଛରେ ଅନେକ କାରଣ ରହିଛି । କୌଣସି ଗୁରୁତ୍ୱପୂର୍ଣ୍ଣ ବୈଠକରେ ହେଉ ବା ଭୀଷଣ ଟ୍ରାଫିକ୍‌ରେ ହେଉ, ଜଣେ ସେଭଳି ସ୍ଥିତିରେ ଅଟକି ରହିଥିବା ସମୟରେ ଜୋରରେ ପରିସ୍ରା ମାଡୁଥିଲେ ମଧ୍ୟ ତାହା ଚାପି ରଖିବାକୁ ବାଧ ହୋଇଥାଏ । ମାତ୍ର ଏଭଳି କରିବା ଦ୍ୱାରା ଆମ ଶରୀରରେ ମୂତ୍ର ଠୁଳ ହୋଇ ରହୁଥିବା ଥଳି ବା ମୂତ୍ରାଶୟର ସମ୍ବେଦନଶୀଳତା କମି ଆସିଥାଏ । ଫଳରେ ମୂତ୍ରାଶୟର ମାଂସପେଶୀଗୁଡ଼ିକ ଶିଥିଳ ହୋଇଯାଇ ମୂତ୍ରନଳୀ ସଂକ୍ରମଣ (ୟୁଟିଆଇ)ର ଆଶଙ୍କା ବଢ଼ାଇଥାଏ । ତେଣୁ ପରିସ୍ରା ମାଡ଼ିଲା ମାତ୍ରେ ସ୍ଥାନ-କାଳ-ପାତ୍ର ନମାନି ଶୌଚାଳୟ ଯାଇ ତୁରନ୍ତ ତାହାକୁ ଖଲାସ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି । ନିୟମିତ ପରିସ୍ରା ଯିବା ହେଉଛି ଶରୀରର ଏକ ପ୍ରାକୃତିକ ପ୍ରକ୍ରିୟା । ଏହା ବିରୋଧରେ ଗଲେ ପରିଣାମ ବିପଜ୍ଜନକ ହୋଇପାରେ । ସେହିପରି ସ୍ଥଳବିଶେଷରେ ଯଦି କେହି ନିଜର କାର୍ଯ୍ୟକ୍ଷେତ୍ରରେ ଅଧିକ ସମୟ ବ୍ୟସ୍ତ ରହିବାର ସମ୍ଭାବନା ରହିଥାଏ, ତେବେ ତଦନୁଯାୟୀ ଆଗୁଆ ଯୋଜନା କରି ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ପରିସ୍ରା ଯିବା ଆବଶ୍ୟକ ।




ଶୀତଦିନେ ମାର୍କେଟରେ ବିଭିନ୍ନ ପ୍ରକାରର ଫଳ ମିଳେ । ଏହି ଋତୁରେ ଭିନ୍ନ ଭିନ୍ନ ପ୍ରକାରର ତାଜା ଫଳ ଓ ପନିପାରିବା ଖାଇବାର ସୁଯୋଗ ପାଆନ୍ତି ଲୋକେ । କିନ୍ତୁ କେତେକ ଫଳ ବିକ୍ରେତା ଫଳଗୁଡିକୁ ଅଧିକ ଦିନ ସତେଜ ତଥା ତାଜା ରଖିବା ପାଇଁ ଏଥିରେ ଫର୍ମାଲିନ ପରି କ୍ଷତିକାରକ ରାସାୟନିକ ସାମଗ୍ରୀ ମିଶାଇଥାଆନ୍ତି, ଯାହାକୁ ଆପଣ ଖାଇବା ଦ୍ୱାରା ଏହା ଆପଣଙ୍କ ଶରୀରରେ ଅନେକ ରୋଗ ସୃଷ୍ଟି କରିଥାଏ । ତେବେ ଆସନ୍ତୁ ଜାଣିବା କ'ଣ କରିବା ଦ୍ୱାରା ଆମେ ଏହି କ୍ଷତିକାରକ ରାସାୟନିକ ସାମଗ୍ରୀରୁ ନିଜକୁ ରକ୍ଷା କରିପାରିବା ।

ଶରୀରକୁ ସୁସ୍ଥ ରଖିବା ସହ ଶରୀରକୁ ଆବଶ୍ୟକୀୟ ପୋଷଣ ଦେବା ପାଇଁ ଆମେ ଫଳ ଖାଇଥାଉ । ବିଶେଷଜ୍ଞଙ୍କ ଅନୁସାରେ ପ୍ରତେକ ଦିନ ଫଳ ଖାଇବା ଦ୍ୱାରା ଆମ ଶରୀରକୁ ଆବଶ୍ୟକ ପୋଷଣ ମିଳିଥାଏ । ହେଲେ ଆଜିକାଲି ମାର୍କେଟରେ ମିଳୁଥିବା ସବୁ ଜିନିଷକୁ ଅଧିକରୁ ଅଧିକ ବିକ୍ରି କରିବା ପାଇଁ ଦୋକାନୀମାନେ ବିଭିନ୍ନ ପ୍ରକାର କେମିକାଲ ବ୍ୟବହାର କରିଥାଆନ୍ତି । ଯାହା ଆମ ଆଖିକୁ ଦେଖିବା ଏବଂ ପାଟିକୁ ଖାଇବାକୁ ଭଲ ଲାଗିଲେ ବି ଆମ ଶରୀରକୁ ଯାଇ ଏହା ଅନେକ କ୍ଷତି ପହଞ୍ଚାଇଥାଏ । ସେହିପରି ଫଳକୁ ଦୀର୍ଘଦିନ ଯାଏଁ ସତେଜ ରଖିବା ପାଇଁ ଦୋକାନୀମାନେ ଫର୍ମାଲିନ ପରି କ୍ଷତିକାରକ କେମିକାଲର ବ୍ୟବହାର କରିଥାଆନ୍ତି, ଯାହାକୁ ଆମେ ଖାଇବା ଦ୍ୱାରା ଆମକୁ ଅନେକ ରୋଗ ହୋଇଥାଏ । କେବଳ ଫର୍ମାଲିନ ନୁହେଁ ବାହାରେ ଉଡୁଥିବା ଧୂଳିକଣା ଏବଂ ଦୂଷିତ ପଦାର୍ଥ ଫଳରେ ଲାଗିରହିଥାଏ । ଯାହାଦ୍ୱାରା ଆମେ ଫଳକୁ ନଧୋଇ ଖାଇବା ଦ୍ୱାରା ଅନେକ ଶାରୀରିକ ସମସ୍ୟା ଦେଖାଯାଇଥାଏ ।

ଏଭଳି ରାସାୟନିକ ସାମଗ୍ରୀ ମିଶ୍ରିତ ଫଳ ବା ପରିବା ଖାଇବା ଦ୍ୱାରା ଅନେକ ଗମ୍ଭୀର ଶାରୀରିକ ସମସ୍ୟାର ହେବାର ଆଶଙ୍କା ବଢ଼ିଯାଏ । କିଛି ଲୋକଙ୍କଠାରେ ମୁଣ୍ଡବିନ୍ଧା, ଚର୍ମ କୁଣ୍ଡାଇ ହେବା ଭଳି ସମସ୍ୟା ଦେଖାଦିଏ । ଲଗାତାର ରାସାୟନିକ ସାମଗ୍ରୀ ମିଶ୍ରିତ ଫଳ ବା ପରିବା ଖାଇବା ଦ୍ୱାରା ହରମୋନ ଅସନ୍ତୁଳନ, **Neurological damage**, ପ୍ରଜନନ ସମସ୍ୟା ଏବଂ କର୍କଟ ଭଳି ରୋଗ ହେବାର ଆଶଙ୍କ ବଢ଼ିଯାଏ ।

### କିପରି ଫଳକୁ କରିବା ସଫା ?

ମାର୍କେଟରୁ ଫଳ କିଣିଲା ପରେ ପ୍ରଥମେ ଏହାକୁ ପାଣିରେ ଭଲ ଭାବରେ ଧୋଇବା ଉଚିତ୍ । ପାଣିରେ ଭଲଭାବରେ ଧୋଇବା ଦ୍ୱାରା ଏଥିରେ ଲାଗିଥିବା ଦୂଷିତ ପଦାର୍ଥ ଏବଂ ଧୂଳିକଣା ସଫା ହୋଇଯାଇଥାଏ । କିନ୍ତୁ କ୍ଷତିକାରକ କେମିକାଲ ଛାଡିନଥାଏ । ଫଳକୁ କେମିକାଲ ମୁକ୍ତ କରିବା ପାଇଁ ହାଲକା ଗରମ ପାଣିରେ ଲୁଣ ବା ଭିନେଗାର ପକାଇ ୧୦ ମିନିଟ୍ ପାଇଁ ଫଳକୁ ବୁଡାଇ ରଖିଦିଅନ୍ତୁ । ୧୦ ମିନିଟ୍ ପରେ ଏହାକୁ କାଢି ଥଣ୍ଡା ପାଣିରେ ଆଉ ଥରେ ଧୋଇ ନିଅନ୍ତୁ ଏବଂ ଏହାର ସେବନ କରନ୍ତୁ । ଏପରି କରିବା ଦ୍ୱାରା କ୍ଷତିକାରାକ ଫର୍ମାଲିନ ଫଳରୁ ସମ୍ପୂର୍ଣ୍ଣ ଭାବେ ଛାଡିଯାଇଥାଏ ।

### କେବଳ ଫଳରେ ରହିଥାଏ କି ଫର୍ମୋଲିନ ?

ଦୋକନୀମାନେ କେବଳ ଫଳରେ ଫର୍ମାଲିନର ବ୍ୟବହାର କରନ୍ତି ନାହିଁ । ବରଂ ବଜାରରେ ମିଳୁଥିବା ମାଛରେ ମଧ୍ୟ ଏହି କେମିକାଲ ବ୍ୟବହାର କରାଯାଇଥାଏ । ମାଛକୁ ଦୀର୍ଘଦିନ ପାଇଁ ସତେଜ ରଖିବା ପାଇଁ ଏହି ଫର୍ମାଲିନ ବ୍ୟବହାର କରାଯାଇଥାଏ । ବିଶେଷଜ୍ଞଙ୍କ ମତରେ ମାଛକୁ ପାଣିରେ ଅଧଘଣ୍ଟା ପର୍ଯ୍ୟନ୍ତ ରଖିବା ଦ୍ୱାରା ଏଥିରେ ରହିଥିବା ୬୦ ପ୍ରତିଶତ କେମିକାଲ କମ ହୋଇଥାଏ । ସେହିପରି ମାଛକୁ ୧ ଘଣ୍ଟା ଲୁଣପାଣିରେ ରଖିବା ଦ୍ୱାରା ସେଥିରୁ ୧୦୦ ପ୍ରତିଶତ କେମିକାଲ ନଷ୍ଟ ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନୋମିନାଲ୍ ବନାମ ରିଅଲ୍ ଜିଡିପି

ନିକଟରେ ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ (**MoSPI**) ଦ୍ୱାରା ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ (ଜୁଲାଇ-ସେପ୍ଟେମ୍ବର) ପାଇଁ ଜିଡିପି (ମୋଟ ଘରୋଇ ଉତ୍ପାଦ) ଅଭିବୃଦ୍ଧିର ତଥ୍ୟ ପ୍ରକାଶ ପାଇଛି। ଏହି ତଥ୍ୟ ଅନୁଯାୟୀ, ଭାରତୀୟ ଅର୍ଥନୀତି ୮.୨ ପ୍ରତିଶତ ହାରରେ ବୃଦ୍ଧି ପାଇଛି, ଯାହା ନିଶ୍ଚିତ ଭାବରେ ଏକ ଉତ୍ସାହଜନକ ଖବର । ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା ଏବଂ ଭୂ-ରାଜନୈତିକ ଅସ୍ଥିରତା ଲାଗି ରହିଥିବା ବେଳେ ଭାରତର ଏହି ଅଭିବୃଦ୍ଧି ହାର ବିଶ୍ୱର ପ୍ରମୁଖ ଅର୍ଥନୀତିଗୁଡ଼ିକ ମଧ୍ୟରେ ସର୍ବାଧିକ ବୋଲି ଦାବି କରାଯାଉଛି । ତେବେ ଏହି ସଂଖ୍ୟା ପଛରେ ଲୁଚି ରହିଥିବା ବାସ୍ତବତା, ବିଶେଷକରି 'ରିଅଲ୍ ଜିଡିପି' (**Real GDP**) ଏବଂ 'ନୋମିନାଲ୍ ଜିଡିପି' (**Nominal GDP**) ମଧ୍ୟରେ ଥିବା ଅସ୍ୱାଭାବିକ ସାମଞ୍ଜସ୍ୟ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଓଗର) ଦ୍ୱାରା ଭାରତୀୟ ତଥ୍ୟକୁ ଦିଆଯାଇଥିବା 'ସି' (**C**) ଗ୍ରେଡ୍ ଆମକୁ ଏହି ଅଭିବୃଦ୍ଧିର ଗୁଣାତ୍ମକ ମାନ ବିଷୟରେ ଗଭୀର ବିଶ୍ଲେଷଣ କରିବାକୁ ବାଧ୍ୟ କରୁଛି । ଏହି ସମ୍ପାଦକୀୟର ଉଦ୍ଦେଶ୍ୟ ହେଉଛି କେବଳ ସରକାରୀ ସଂଖ୍ୟାକୁ ସ୍ୱାଗତ କରିବା ନୁହେଁ, ବରଂ ଏହାର ଗାଣିତିକ ଏବଂ ଅର୍ଥନୈତିକ ଦିଗଗୁଡ଼ିକୁ ତର୍ଜମା କରି ଦେଶର ଅର୍ଥନୈତିକ ସ୍ୱାସ୍ଥ୍ୟର ପ୍ରକୃତ ଚିତ୍ର ଉପସ୍ଥାପନ କରିବା ।

ପ୍ରଥମେ ଆମକୁ ବୁଝିବାକୁ ହେବ ଯେ ଜିଡିପି ଗଣନା ଦୁଇଟି ଉପାୟରେ କରାଯାଏ - 'ନୋମିନାଲ୍' ଏବଂ 'ରିଅଲ୍' । ନୋମିନାଲ୍ ଜିଡିପି ହେଉଛି ବର୍ତ୍ତମାନର ବଜାର ଦରରେ ଦେଶର ମୋଟ ଉତ୍ପାଦନର ମୂଲ୍ୟ । ଅନ୍ୟପକ୍ଷରେ, ରିଅଲ୍ ଜିଡିପି ହେଉଛି ଏକ ନିର୍ଦ୍ଦିଷ୍ଟ ଆଧାର ବର୍ଷ (ବର୍ତ୍ତମାନ ଭାରତ ପାଇଁ ୨୦୧୧-୧୨) ତୁଳନାରେ ଉତ୍ପାଦନର ପରିମାଣ। ସାଧାରଣତଃ ଯେକୌଣସି ଅର୍ଥନୀତିରେ ମୁଦ୍ରାସ୍ଫୀତି ବା ଦରଦାମ୍ ବୃଦ୍ଧି ଘଟୁଥିବାରୁ ନୋମିନାଲ୍ ଜିଡିପି ଅଭିବୃଦ୍ଧି ହାର ରିଅଲ୍ ଜିଡିପି ଅଭିବୃଦ୍ଧି ହାର ଠାରୁ ଯଥେଷ୍ଟ ଅଧିକ ହୋଇଥାଏ । ଉଦାହରଣ ସ୍ୱରୂପ, ଯଦି ରିଅଲ୍ ଅଭିବୃଦ୍ଧି ୭% ହୁଏ ଏବଂ ମୁଦ୍ରାସ୍ଫୀତି ୪% ଥାଏ, ତେବେ ନୋମିନାଲ୍ ଅଭିବୃଦ୍ଧି ପ୍ରାୟ ୧୧% ହେବା କଥା । କିନ୍ତୁ ୨୦୨୫-୨୬ର ଦ୍ୱିତୀୟ ତ୍ରୈମାସିକ ତଥ୍ୟ ଏକ ଆଶ୍ଚର୍ଯ୍ୟଜନକ ଚିତ୍ର ପ୍ରଦାନ କରୁଛି । ଏହି ସମୟରେ ରିଅଲ୍ ଜିଡିପି ୮.୨% ବୃଦ୍ଧି ପାଇଥିବା ବେଳେ ନୋମିନାଲ୍ ଜିଡିପି ମାତ୍ର ୮.୭% ବୃଦ୍ଧି ପାଇଛି । ଏହାର ଅର୍ଥ ହେଉଛି, ସମଗ୍ର ଅର୍ଥନୀତିରେ ମୁଦ୍ରାସ୍ଫୀତିର ପ୍ରଭାବ ବା 'ଜିଡିପି ଡିଫ୍ଲେଟର' (**GDP Deflator**) ମାତ୍ର ୦.୫% ରହିଛି । ଏହା ଗତ ବହୁ ବର୍ଷ ମଧ୍ୟରେ ସର୍ବନିମ୍ନ ନୋମିନାଲ୍ ଅଭିବୃଦ୍ଧି ହାରଗୁଡ଼ିକ ମଧ୍ୟରୁ ଅନ୍ୟତମ । ଯେତେବେଳେ ଆମେ ବଜାରରେ ଖାଉଟି ସାମଗ୍ରୀର ଦରଦାମ୍ ବୃଦ୍ଧିକୁ ଅନୁଭବ କରୁଛୁ, ସେତେବେଳେ ସରକାରୀ ହିସାବରେ ମୁଦ୍ରାସ୍ଫୀତି ଏତେ କମ୍ ଦେଖାଯିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଏହି ବିସଙ୍ଗତିର ମୁଖ୍ୟ କାରଣ ହେଉଛି ଜିଡିପି ଗଣନା ପାଇଁ ବ୍ୟବହୃତ ହେଉଥିବା ପଦ୍ଧତି । ଭାରତରେ ଜିଡିପି ଡିଫ୍ଲେଟର ଗଣନା କରିବା ପାଇଁ ମୁଖ୍ୟତଃ ପାଇକାରୀ ମୂଲ୍ୟ ସୂଚକାଙ୍କ (**WPI**) ଉପରେ ନିର୍ଭର କରାଯାଏ । ସାମ୍ପ୍ରତିକ ସମୟରେ ବିଶ୍ୱ ବଜାରରେ କଞ୍ଚାମାଲ ଏବଂ ତୈଳ ଦରରେ ହ୍ରାସ ଘଟିଥିବାରୁ **WPI** ନକାରାତ୍ମକ ବା ଅତି ନିମ୍ନ ସ୍ତରରେ ରହିଛି । କିନ୍ତୁ ଖାଉଟି ମୂଲ୍ୟ ସୂଚକାଙ୍କ (**CPI**), ଯାହା ସାଧାରଣ ଜନତାଙ୍କ ଖର୍ଚ୍ଚକୁ ପ୍ରତିଫଳିତ କରେ, ତାହା ଏବେ ବି ଉଚ୍ଚ ସ୍ତରରେ ଅଛି । ଯେତେବେଳେ ଆମେ ନୋମିନାଲ୍ ମୂଲ୍ୟରୁ ଏହି ନିମ୍ନ ଜିଡିପି ଆଧାରିତ ମୁଦ୍ରାସ୍ଫୀତିକୁ ବିୟୋଗ କରୁଛୁ, ସେତେବେଳେ ଗାଣିତିକ ଭାବରେ ରିଅଲ୍ ଜିଡିପି ଅଧିକ ଦେଖାଯାଉଛି । ଅର୍ଥାତ୍, ଏହି ୮.୨% ଅଭିବୃଦ୍ଧିର ଏକ ବଡ଼ ଅଂଶ ବାସ୍ତବ ଉତ୍ପାଦନ ବୃଦ୍ଧି ଯୋଗୁଁ ନୁହେଁ, ବରଂ ପରିସଂଖ୍ୟାନଗତ ହିସାବ ବା 'ଲୋ ବେସ୍ ଇଫେକ୍ଟ' (**Low Base Effect**) ଏବଂ ନିମ୍ନ ଡିଫ୍ଲେଟର ଯୋଗୁଁ ସମ୍ଭବ ହୋଇଛି। ଯଦି ପ୍ରକୃତ ଖାଉଟି ମୁଦ୍ରାସ୍ଫୀତିକୁ ହିସାବକୁ ନିଆଯାଆନ୍ତା, ତେବେ ହୁଏତ ରିଅଲ୍ ଅଭିବୃଦ୍ଧି ହାର ଏହାଠାରୁ ଯଥେଷ୍ଟ କମ୍ ହୋଇଥାନ୍ତା।

ଏହି ପରିପ୍ରେକ୍ଷୀରେ ଆମକୁ ନୋମିନାଲ୍ ଜିଡିପି ଅଭିବୃଦ୍ଧିର ହ୍ରାସକୁ ଗୁରୁତ୍ୱର ସହ ବିଚାର କରିବାକୁ ପଡ଼ିବ । ଏକ ବିକାଶଶୀଳ ଅର୍ଥନୀତି ପାଇଁ ୮.୭% ନୋମିନାଲ୍ ଅଭିବୃଦ୍ଧି ଚିନ୍ତାଜନକ । କାରଣ ସରକାରଙ୍କ ଟିକସ ଆଦାୟ, କମ୍ପାନୀମାନଙ୍କର ଲାଭ ଏବଂ ଲୋକଙ୍କର ଦରମା ବୃଦ୍ଧି ନୋମିନାଲ୍ ଅଭିବୃଦ୍ଧି ଉପରେ ନିର୍ଭର କରେ । ବଜେଟ୍ ପ୍ରସ୍ତୁତି ସମୟରେ ସରକାର ସାଧାରଣତଃ ୧୦.୫% ରୁ ୧୧% ନୋମିନାଲ୍ ଅଭିବୃଦ୍ଧି ଆକଳନ କରିଥାନ୍ତି । ଯଦି ଏହା ୮.୭% କୁ ଖସିଆସେ, ତେବେ ସରକାରଙ୍କ ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ ହେବାରେ ବାଧା ଉପୁଜିବ । ଫଳରେ ବିତ୍ତୀୟ ନିଅଣ୍ଟ (**Fiscal Deficit**) ବୃଦ୍ଧି ପାଇବାର ଆଶଙ୍କା ରହିଛି କିମ୍ବା ସରକାରଙ୍କୁ ଜନକଲ୍ୟାଣକାରୀ ଯୋଜନାରେ ଖର୍ଚ୍ଚ କାଟ କରିବାକୁ ପଡ଼ିପାରେ। ତେଣୁ, କେବଳ ରିଅଲ୍ ଜିଡିପିର ଉଚ୍ଚ ସଂଖ୍ୟାକୁ ଦେଖି ଆତ୍ମସନ୍ତୋଷ ଲାଭ କରିବା ଅନୁଚିତ । ଏହି ସମସ୍ୟାର ଅନ୍ୟ ଏକ ପ୍ରମୁଖ ଦିଗ ହେଉଛି ତଥ୍ୟର ବିଶ୍ୱସନୀୟତା ଏବଂ ପୁରୁଣା ଆଧାର ବର୍ଷ । ବର୍ତ୍ତମାନ ସୁଦ୍ଧା ଭାରତର ଜିଡିପି ଗଣନା ୨୦୧୧-୧୨ ମସିହାର ଦରଦାମ୍ ଏବଂ ଅର୍ଥନୈତିକ ଢାଞ୍ଚା ଉପରେ ଆଧାରିତ। ଗତ ୧୪ ବର୍ଷ ମଧ୍ୟରେ ଭାରତୀୟ ଅର୍ଥନୀତିରେ ବୈପ୍ଳବିକ ପରିବର୍ତ୍ତନ ଘଟିଛି । ଡିଜିଟାଲ କାରବାର, ଇ-କମର୍ସ, ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଏବଂ ନୂତନ ସେବା କ୍ଷେତ୍ରଗୁଡ଼ିକ ଅର୍ଥନୀତିର ଏକ ବିଶାଳ ଅଂଶ ହୋଇସାରିଛି, ଯାହା ୨୦୧୧-୧୨ର ହିସାବରେ ସଠିକ୍ ଭାବରେ ପ୍ରତିଫଳିତ ହେଉନାହିଁ । ଅନ୍ୟପକ୍ଷରେ, କିଛି ପୁରୁଣା ଶିଳ୍ପର ଗୁରୁତ୍ୱ କମିଯାଇଛି କିନ୍ତୁ ସେଗୁଡ଼ିକୁ ଏବେ ବି ପୁରୁଣା 'ୱେଟେଜ୍' (**Weightage**) ବା ଗୁରୁତ୍ୱ ଦିଆଯାଉଛି। ଏହି କାରଣରୁ ନିକଟରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (**IMF**) ଭାରତର ଜାତୀୟ ହିସାବ ପରିସଂଖ୍ୟାନର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠାଇଛି ଏବଂ ଏହାକୁ 'ସି' (**C**) ଗ୍ରେଡ୍ ପ୍ରଦାନ କରିଛି । ଏକ ବିଶ୍ୱସ୍ତରୀୟ ଅର୍ଥନୈତିକ ଶକ୍ତି ହେବାକୁ ଲକ୍ଷ୍ୟ ରଖିଥିବା ଭାରତ ପାଇଁ ଏଭଳି ମୂଲ୍ୟାୟନ ନିଶ୍ଚିତ ଭାବରେ ଚିନ୍ତାର ବିଷୟ । ଆଇଏମଏଫର ମତରେ, ଏତେ ପୁରୁଣା ଆଧାର ବର୍ଷ ବ୍ୟବହାର କରିବା ଦ୍ୱାରା ଅର୍ଥନୀତିର ସଠିକ୍ ଚିତ୍ର ମିଳୁନାହିଁ ଏବଂ ନୀତି ନିର୍ଦ୍ଧାରଣରେ ତ୍ରୁଟି ରହିବାର ସମ୍ଭାବନା ରହିଛି । ସରକାରୀ ତଥ୍ୟ ଅନୁଯାୟୀ, ଉତ୍ପାଦନ (**Manufacturing**) କ୍ଷେତ୍ରରେ ୯.୧% ଏବଂ ସେବା କ୍ଷେତ୍ରରେ ୧୦.୨% ଅଭିବୃଦ୍ଧି ଘଟିଛି। ଏହା ନିଶ୍ଚିତ ଭାବରେ ଭଲ ଖବର, କିନ୍ତୁ ଏଠାରେ ମଧ୍ୟ ସେହି ଡିଫ୍ଲେଟର ସମସ୍ୟା ରହିଛି । ଯଦି କମ୍ପାନୀମାନଙ୍କର ବିକ୍ରି ମୂଲ୍ୟ ବଢୁନାହିଁ (କାରଣ ନୋମିନାଲ୍ ଅଭିବୃଦ୍ଧି କମ୍ ଅଛି), କିନ୍ତୁ କଞ୍ଚାମାଲ ଦର କମିବା ଯୋଗୁଁ ସେମାନଙ୍କର 'ଭାଲ୍ୟୁ ଆଡେଡ୍' (**Value Added**) ବଢୁଛି, ତେବେ ଏହା ଦୀର୍ଘମିଆଦୀ ଅଭିବୃଦ୍ଧିର ସଙ୍କେତ ନୁହେଁ। ଗ୍ରାମୀଣ ଚାହିଦା ଏବଂ ଘରୋଇ ଉପଭୋଗ ବ୍ୟୟରେ ସାମାନ୍ୟ ସୁଧାର ଆସିଥିଲେ ମଧ୍ୟ ଏହା ଯଥେଷ୍ଟ ନୁହେଁ। କୃଷି କ୍ଷେତ୍ରରେ ୩.୫% ଅଭିବୃଦ୍ଧି ସନ୍ତୋଷଜନକ ହେଲେ ମଧ୍ୟ ଅନିୟମିତ ମୌସୁମୀ ଏବଂ ଜଳବାୟୁ ପରିବର୍ତ୍ତନର ବିପଦ ଏବେ ବି ରହିଛି ।

ଏହି ପରିସ୍ଥିତିରେ ସରକାରଙ୍କ ଆଗରେ ଦୁଇଟି ପ୍ରମୁଖ ଆହ୍ୱାନ ରହିଛି । ପ୍ରଥମତଃ, ତୁରନ୍ତ ଜିଡିପି ଗଣନାର ଆଧାର ବର୍ଷକୁ ପରିବର୍ତ୍ତନ କରି ଏକ ନୂତନ ବର୍ଷ (ଯେପରିକି ୨୦୨୨-୨୩) ଧାର୍ଯ୍ୟ କରିବା ଆବଶ୍ୟକ । ଏହାଦ୍ୱାରା ଡିଜିଟାଲ ଅର୍ଥନୀତି ଏବଂ ଅଣସଂଗଠିତ କ୍ଷେତ୍ରର ସଠିକ୍ ଆକଳନ ହୋଇପାରିବ ଏବଂ ଆନ୍ତର୍ଜାତିକ ସ୍ତରରେ ଭାରତୀୟ ତଥ୍ୟର ବିଶ୍ୱସନୀୟତା ବୃଦ୍ଧି ପାଇବ । ଦ୍ୱିତୀୟତଃ, କେବଳ ୮.୨% ଅଭିବୃଦ୍ଧିକୁ ନେଇ ଉତ୍ସବ ମନାଇବା ପରିବର୍ତ୍ତେ ନୋମିନାଲ୍ ଅଭିବୃଦ୍ଧି ହାର କାହିଁକି କମୁଛି ଏବଂ ଏହାକୁ କିପରି ବୃଦ୍ଧି କରାଯିବ, ସେ ଦିଗରେ ଧ୍ୟାନ ଦେବା ଜରୁରୀ । ନୋମିନାଲ୍ ଅଭିବୃଦ୍ଧି ବୃଦ୍ଧି ନ ପାଇଲେ ରୋଜଗାର ସୃଷ୍ଟି ଏବଂ ନିବେଶ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ ।

୨୦୨୫-୨୬ ଦ୍ୱିତୀୟ ତ୍ରୈମାସିକର ଜିଡିପି ତଥ୍ୟ ଏକ ମିଶ୍ରିତ ଚିତ୍ର ପ୍ରଦାନ କରୁଛି। ଗୋଟିଏ ପଟେ ଏହା ଭାରତୀୟ ଅର୍ଥନୀତିର ସହନଶୀଳତା ଏବଂ ଦ୍ରୁତ ଅଭିବୃଦ୍ଧିର ପ୍ରମାଣ ଦେଉଥିବା ବେଳେ ଅନ୍ୟ ପଟେ ପରିସଂଖ୍ୟାନଗତ ତ୍ରୁଟି ଏବଂ ଗଠନମୂଳକ ସମସ୍ୟାଗୁଡ଼ିକୁ ପଦାରେ ପକାଉଛି । ଅର୍ଥନୀତି କେବଳ ସଂଖ୍ୟାର ଖେଳ ନୁହେଁ, ଏହା ସାଧାରଣ ଲୋକଙ୍କ ଜୀବନଧାରଣ ମାନ ସହ ଜଡ଼ିତ। ଯେପର୍ଯ୍ୟନ୍ତ ନୋମିନାଲ୍ ଆୟ ବୃଦ୍ଧି ନ ପାଇଛି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ନ ହୋଇଛି, ସେପର୍ଯ୍ୟନ୍ତ କେବଳ ରିଅଲ୍ ଜିଡିପିର ଉଚ୍ଚ ଅଙ୍କ ସାଧାରଣ ନାଗରିକ ପାଇଁ ବିଶେଷ ଅର୍ଥ ରଖିବ ନାହିଁ । ସରକାର ଏହି ବାସ୍ତବତାକୁ ସ୍ୱୀକାର କରି ତଥ୍ୟର ସ୍ୱଚ୍ଛତା ଏବଂ ଅର୍ଥନୈତିକ ସଂସ୍କାର ଉପରେ ଅଧିକ ଗୁରୁତ୍ୱ ଦେବା ଏକାନ୍ତ ଆବଶ୍ୟକ। ଆଇଏମଏଫର ସତର୍କ ଘଣ୍ଟିକୁ ଅଣଦେଖା ନ କରି ଆମର ପରିସଂଖ୍ୟାନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ଆଧୁନିକ କରିବା ବର୍ତ୍ତମାନ ସମୟର ଆହ୍ୱାନ ।

# ଦିବଂଗତ ଜୟଚନ୍ଦ୍ର ପତ୍ରୀଙ୍କ ଏକାଦଶାହ ଉପଲକ୍ଷେ

**ଲକ୍ଷ୍ମୀଧର ପୁଥାଳ**



୧୯୩୩ ମସିହା ଜୁଲାଇ ମାସ ୧୩ ତାରିଖରେ, ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଉଦଳା ନୁଲଙ୍ଗୀ ଭୀମତାଳି ଶାସନର ଏକ ଧର୍ମନିଷ୍ଠ ବ୍ରାହ୍ମଣ ପରିବାରରେ ନିୟତିର ନିର୍ଦ୍ଦେଶରେ ପିତା୰ ଦୈତାରୀ ପତ୍ରୀ, ମାତା ୰ ଗୌଭାଗ୍ୟ ପତ୍ରୀଙ୍କ କୋଳ ମଣ୍ଡନ କରି ଭୂମିଷ୍ଠ ହୋଇ ୨୦୨୫ ମସିହା ନଭେମ୍ବର ମାସ ୧୮ ତାରିଖରେ ଜୀବନ କ୍ରମର ଧ୍ରୁବ ସତ୍ୟ ବିନ୍ଦୁରେ ପହଂଚି ଇତିହାସରେ ଲୀନ ହୋଇ ସାରିଛନ୍ତି ।

୰ ଜୟଚନ୍ଦ୍ର ପତ୍ରୀଙ୍କ ସଂକ୍ଷିପ୍ତ ଜୀବନୀ - ଉଦଳା ଚାଟ ଶାଳୀରୁ ନିମ୍ନ ପ୍ରାଥମିକ ଶିକ୍ଷକ ୰ କାଳୀଚରଣ ପଣ୍ଡା (ରାଢ଼ୋ) । କପ୍ତିପଦା ଗୌରଚନ୍ଦ୍ର ମାନଧାତା ମଧ ଇଂରାଜୀ ବିଦ୍ୟାଳୟରୁ ଉଚ୍ଚ ପ୍ରାଥମିକ ଶିକ୍ଷା । ଉଦଳା ମଧ ଇଂରାଜୀ ବିଦ୍ୟାଳୟରୁ ନିମ୍ନ ମାଧମିକ ଶିକ୍ଷା ଓ ପରେ ନୂତନ ଭାବେ ପ୍ରତିଷ୍ଠିତ ଉଚ୍ଚ ଇଂରାଜୀ ବିଦ୍ୟାଳୟରୁ ମେଟ୍ରିକ ପାସ । ସେତେବେଳେର ପ୍ରଧାନ ଶିକ୍ଷକ ୰ଲିଙ୍ଗରାଜ ପଟ୍ଟନାୟକ (ଗାମ) । ମେଟ୍ରିକ ପରେ ଆଉ ମହାବିଦ୍ୟାଳୟ ଶିକ୍ଷା ନକରି ଘରେ ବସି ରହିଲେ । ପିତା ମାତାଙ୍କର ଏକମାତ୍ର ସନ୍ତାନ । ପିତା ଉଦଳା ବିଧାନ ସଭା ନିର୍ବାଚନ ମଣ୍ଡଳୀର ପ୍ରଥମ ବିଧାୟକ । ୧୯୫୪ରେ ବିବାହ । ଭୀମତାଳିରୁ ଆସି ଉଦଳାରେ ନବ ନିର୍ମିତ ଗୃହରେ ବସବାସ କଲେ । ଏଇ ସମୟରେ ଉଦଳାରେ ତାଙ୍କ ଉଦ୍ୟମରେ ଯୁବକସଂଘ ଗଠିତ ହେଲା ଓ ନାନା ସଂସ୍କୃତିକ କାର୍ଯ୍ୟକ୍ରମମାନ ପ୍ରଦର୍ଶିତ ହେଲା । ପିତା ଘରର ମାଲିକ । ଚାଷକାର୍ଯ୍ୟ ବୁଝନ୍ତି । ଗୀତ ଶିଖିବା ଓ ଗାଇବା ତାଙ୍କର ସଉକ । ୰ରାଧାକୃଷ୍ଣ ଭଞ୍ଜଙ୍କୁ ସେ ଅନୁସରଣ କରୁଥାନ୍ତି । ତାଙ୍କୁ ସେ ଖୁବ୍ ଭଲ ପାଆନ୍ତି ।

୧୯୫୮ ରୁ ୧୯୬୦ ଉଦଳା ଗ୍ରାମପଂଚାୟତର ସରପୁଞ୍ଚ, ୱାର୍ଡ଼ ସଭ୍ୟଙ୍କ ଦ୍ୱାରା ନିର୍ବାଚିତ) ତାଙ୍କରି ସମୟରେ ଉଦଳା ଗ୍ରା.ପ. ବିଜ୍ଞାପିତ ଅଂଚଳ ପରିଷଦ ଭାବେ ଘୋଷିତ ହେଲା । ସେଥିରେ ସେ ମନୋନିତ ସଭ୍ୟ ହୋଇ ରହିଲେ । ତା'ପରେ ଉଦଳା ଲେମ୍ପର ସଭାପତି ଓ ଉଦଳା ଭୂ-ବନ୍ଧକ ବ୍ୟାଙ୍କର ନିର୍ବାଚିତ ସଭାପତି । ୧୯୭୬ ମସିହାରେ କେନ୍ଦ୍ର ସମବାୟ ସମିତି, ବାରିପଦାର ଡ଼ିରେକ୍ଟର ଓ ସଭାପତି ଦାୟିତ୍ୱରେ ଆଠବର୍ଷ ପର୍ଯ୍ୟନ୍ତ ରହିଲେ । ଏଇ ମଧ୍ୟରେ ସମବାୟ ସମିତିର ନାନା ସଂସ୍କାର ଓ ଉନ୍ନତି କରାଉଥିଲେ ।

ଇଦେଶଗସ୍ତ ୧୯୭୬ ମସିହାରେ ପନ୍ଦରଦିନ ପାଇଁ ସମବା ସଂସ୍ଥାର ଜ୍ଞାନ କୌଶଳ ଜାଣିବା ପାଇଁ ଉଦଳା ଭୂବନ୍ଧକ ବ୍ୟାଙ୍କ ତରଫରୁ ସୁ-ଦୂର ଜାପାନ ଓ ମାଲେସିଆ ଭ୍ରମଣରେ ଯାଇଥିଲେ । ୧୯୮୨ ମସିହାରେ, ଓଡ଼ିଶା ରାଜ୍ୟ ସମବାୟ ସମିତିର ପ୍ରତିନିଧି ଭାବେ ସାରା ପୃଥିବୀ ଭ୍ରମଣରେ ଯାଇଥିଲେ । ଆମେରିକା, ରୁଷିଆ, ଜର୍ମାନ, ଫ୍ରାନ୍ସ ରାଷ୍ଟ୍ର ସମୂହ - ସମବାୟ ଆନ୍ଦୋଳନର ଏକ ଗୌରବମୟ ଇତିହାସ ତାଙ୍କ ବ୍ୟକ୍ତିତ୍ୱରେ ପ୍ରତିଫଳିତ ହୋଇଥିଲା । ସାରା ଓଡ଼ିଶାର ଦୃଷ୍ଟି ତାଙ୍କ ଠାରେ ଜଣେ ବିଶିଷ୍ଟ ସମବାୟବିତ୍ ଭାବେ ।

ଗଠନମୂଳକ କାର୍ଯ୍ୟ - ସ୍ୱର୍ଗତ ପତ୍ରୀଙ୍କ ଉଦ୍ୟମ ଓ ପ୍ରଚେଷ୍ଟାରେ ଉଦଳା ଗ୍ରା.ପ.କୁ ଏନ୍.ଏ.ସି. କରିବା, ଉଦଳା ବାଳିକା ମଧ୍ୟ ଇଂରାଜୀ, ପ୍ରତିଷ୍ଠା ଓ ଏହାକୁ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରିଣତ କରିବା, ଉଦଳା ମହାବିଦ୍ୟାଳୟ ପ୍ରତିଷ୍ଠା, ଉଦଳା ଇନ୍ଦିରାଗାନ୍ଧୀ ମହାବିଦ୍ୟାଳୟ ପ୍ରତିଷ୍ଠା, ନାଗପାଳ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା କରି ନିଜେ ସଂପାଦନରେ ଓ ପ୍ରତ୍ୟକ୍ଷ ତତ୍ୱାବଧାନରେ ପୂର୍ଣ୍ଣ ରୂପ ଦେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଦାନ ଓ ସେବା କାର୍ଯ୍ୟ :- ବିଭିନ୍ନ ଆଧାତ୍ମିକ ଅନୁଷ୍ଠାନ, ମଠ, ମନ୍ଦିର ମାନଙ୍କୁ ଯଥା ସମର୍ଥ ଅର୍ଥଦାନ କରି ଅଛନ୍ତି । ସେଥି ମଧ୍ୟରୁ ନିଜ ଗାଁ ମଧ ଇଂରାଜୀ ପାଠାଗାର ପାଇଁ ପଚିଶ ହଜାରର ଅର୍ଥ ରାଶିଦାନ କରିଛନ୍ତି । ନିଜ ସ୍ୱର୍ଗତ ପିତାଙ୍କ ନାମରେ ଉଦଳା ମହୋତ୍ସବରେ ସମ୍ବର୍ଦ୍ଧିତ ହେଉଥିବା ପ୍ରତିଭାଧରଙ୍କ ପାଇଁ ଏକଲକ୍ଷ ଟଙ୍କାର ସ୍ଥାୟୀ ଜମା କରିଛନ୍ତି । ନିରାଶ୍ରୟ, ଅସହାୟ ଗରିବଙ୍କୁ ସମସାମୟିକ ସାହାଯ୍ୟ ପ୍ରଦାନ । ଉଦଳା ରଥ ଯାତ୍ରା ସମୟରେ ରଥର ଛେରା ପହଁରା କାର୍ଯ୍ୟ କରୁଥିଲେ । ଶାରୀରିକ ଦୁର୍ବଳତା ଯୋଗୁଁ ବିଗତ ଦୁଇବର୍ଷ ହେବ ଇଂ. ସୁବାସ ପଣ୍ଡା କରୁଅଛଁ । ନିଜ ବାସ ଗୃହରେ ଉଦଳା ଭଗବତ ଟୁଙ୍ଗୀ କରିଗୀତା ଭଗବତ ପଠନ ବିଗତ ବହୁବର୍ଷ ଧରି ଚାଲି ଆସୁଥିଲା । ଏବେ ଏହା ଉଦଳା ବରିଷ୍ଠ ନାଗରିକ ବିଶ୍ରାମ ଭବନରେ ଅନୁଷ୍ଠିତ ହେଉଅଛି । ସ୍ୱାମୀ ନିଜାନନ୍ଦ ସରସ୍ୱତୀ ତାଙ୍କର ମାନସ ଗୁରୁ । ଅତୀତରେ ତାଙ୍କ ଦ୍ୱାରା ବାର୍ଷିକ ଗୀତା ଜ୍ଞାନ ଯଜ୍ଞ ଅନୁଷ୍ଠିତ ହେଉଥିଲା ।

ଉଦଳା ବରିଷ୍ଠ ନାଗରିକ ସଂଘର ମାନ୍ୟବର ସଭାପତି । ଶାରୀରିକ ଅସୁସ୍ଥତା ଯୋଗୁଁ ପଦରୁ ଦୁଇତିନିଥର ଇସ୍ତଫା ଦେଇଥିଲେ ମଧ ତାହା ସାଧାରଣ ସଭାରେ ଗୃହୀତ ହୋଇନଥିଲା । ବରଂ ତାଙ୍କ ବ୍ୟକ୍ତିତ୍ୱ ଅନାବିଳ କର୍ମନିଷ୍ଠା, ପ୍ରେରଣା ଓ ଗୁରୁତ୍ୱ ଦୃଷ୍ଟିରୁ ତାଙ୍କ ସମ୍ମାନାର୍ଥେ ଶେଷ ନିଶ୍ୱାସତକ ସଭାପତି ଆସନ ଅଳଙ୍କୃତ କରି ରହିବା ପାଇଁ ସାଧାରଣ ସଭା ଅନୁରୋଧ କରିଥାଏ ଏବଂ ତାହା ମଧ ଶେଷତକ ବଜାଇ ରହିଅଛି । ଯାହାର ବାପ ଚଢ଼େ ଘୋଡ଼ା ତା' ପୁଅ ଚଢ଼େ ଥୋଡ଼ା ଥୋଡ଼ା ଏଇ ନ୍ୟାୟରେ ୧୯୮୫ରେ ଜାଗ୍ରତ ଓଡ଼ିଶା ତରଫରୁ ଯାହାର ନେତ୍ରୀ ଥିଲେ ୰ ନନ୍ଦିନୀ ଶତପଥି, ବାରିପଦା ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ପ୍ରାର୍ଥି ପାଇଁ ମନୋନିତ ହୋଇଥିଲେ ଏଇ ସୁଯୋଗରେ ତାଙ୍କ ବ୍ୟକ୍ତିଗତ ଉଦ୍ୟମରେ ସୋନ ପ୍ରଜେକ୍ଟର (ଶାଳଚୁଆ ନିକଟରେ) ଭିତି ପ୍ରସ୍ତର ସ୍ଥାପନ ହୋଇଥିଲା । ମାତ୍ର ଜୟଚନ୍ଦ୍ର ପତ୍ରୀଙ୍କୁ ବିଧାୟକ ଟିକଟ ନ ଦେଇ ଅନ୍ୟ ଜଣଙ୍କୁ ଦିଆଗଲା । ରାଜନୀତିର ଏହି ପ୍ରବଂଚନା ତତ୍ୱକୁ ବିରୋଧ କରି ସେ ସକ୍ରୀୟ ରାଜନୀତି ଛାଡ଼ି ପ୍ରତ୍ୟେକ୍ଷ ସମାଜ ସେବାରେ ସେଇ ଦିନଠୁ ଲାଗି ରହି ଆସିଛନ୍ତି । ସେ ଯଶସ୍ୱୀ କୀର୍ତିମାନ, ଏ ଅଂଚଳର ସର୍ବମାନ୍ୟ ଓ ସର୍ବପୂଜ୍ୟ ବ୍ୟକ୍ତିତ୍ବ । ଶ୍ରଦ୍ଧାଶୀଳ ବ୍ୟବହାର, ବିଚାର ଓ ବିବେକବନ୍ତ । ମିଷ୍ଟଭାଷୀ, ଉଦାର ଓ ସଜ୍ଜନ । ଏ ଅଂଚଳରେ ସେ ଆବାଳ ବୃଦ୍ଧଙ୍କର 'ଜୟ ନନା' । ଏକ ଅମର ବ୍ୟକ୍ତିତ୍ୱ ଆମ ହୃଦୟ ଓ ମନରେ ଅନ'କାଳ ପାଇଁ ପ୍ରିୟ ହୋଇ ରହିଗଲେ । ସ୍ୱର୍ଣ୍ଣର ହୃଦୟ ସହିତ ଦୂରଦୃଷ୍ଟି ସମ୍ପନ୍ନ ଆତ୍ମାକୁ ଆମେ ଶ୍ରଦ୍ଧାଳି ଅର୍ପଣ କରନ୍ତୁ । ଏକ ନିରନ୍ତର ପ୍ରେରଣାର ଉତ୍ସ ତାଙ୍କର ମୂଲ୍ୟବୋଧ ଏବଂ ଜ୍ଞାନ ଆମକୁ ଉତ୍କର୍ଷ ପଥରେ ନିରନ୍ତର ମାର୍ଗଦର୍ଶନ କରିବା ଜୀବନ ସାରା ନିଜକୁ ଏକ କର୍ତବ୍ୟନିଷ୍ଠ ପରୋପକାରୀ ଭାବେ ପ୍ରତିପାଦିତ କରିବା ସହ ସମାଜର ସେବାରେ ନିଜକୁ ସମର୍ପିତ କରି ଇହଜଗତରୁ ବିଦାୟ ନେଇ ଶୂନ୍ୟ ଲୋକରେ ବିଲୀନ ହୋଇ ଯାଇଛନ୍ତି । ଶ୍ରୀଜଗନ୍ନାଥ ତାଙ୍କର ଅମର ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ ଏତିକି ପ୍ରାର୍ଥନା ।

+ପ୍ରତିଷ୍ଠାତା- ଭକ୍ତିଜ୍ଞାନ ସଂଚାର ସମିତି
ଉଦଳା, ୱାର୍ଡ଼ ନଂ-୭

# ଶ୍ରୀମନ୍ଦିରର ଶୂଦ୍ର ସେବକ

**କିଶୋର କୁମାର ଜେନା**



'କାହୁଁ ଭିଆଇଲୁ କ୍ଷେତ୍ର ତୋହର,
ଚଉଦ ଭୁବନ ମଧ ବାହାର । ନାଥ ! ତୋ
କ୍ଷେତ୍ରେ ସାନ ବଡ଼ ନାହିଁ, ବ୍ରାହ୍ମଣ ଚଣ୍ଡାଳ
ଯେ ସରି ଦୁଇ ।।'

ବିଶ୍ୱବିଖ୍ୟାତ ଶ୍ରୀଜଗନ୍ନାଥ ମନ୍ଦିର, ସେବା ଓ ସେବକ ଦୃଷ୍ଟିରୁ ଅଦ୍ୱିତୀୟ। ହିନ୍ଦୁ ଜଗତର ଏଭଳି କୌଣସି ମନ୍ଦିର ନାହିଁ ଯେଉଁଠାରେ ବର୍ଷସାରା ସହସ୍ରାଧିକ ସେବକ କାମ କରନ୍ତି। ସେହିଭଳି ଦୈନିକ ନୀତି, ବିଶେଷ ନୀତି ଓ ଦ୍ୱାଦଶ ଯାତ୍ରା ନୀତିର ବ୍ୟବସ୍ଥା ଶ୍ରୀ ଜଗନ୍ନାଥ ମନ୍ଦିର ସହ କୌଣସି ତୁଳନୀୟ ମନ୍ଦିରରେ ଦେଖିବାକୁ ମିଳେନାହିଁ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ସମସ୍ତ ସେବକ ଶ୍ରେଣୀ ୧୧୯ ଗୋଷ୍ଠୀରେ ବିଭକ୍ତ ଏବଂ ବର୍ଷସାରା ପାଳି ଅନୁଯାୟୀ ସେମାନଙ୍କ ସଂଖ୍ୟା ୧୧୭୬।

ସମସ୍ତ ସେବକଙ୍କୁ ଶ୍ରେଣୀ ଗୁରୁତ୍ୱ ଅନୁଯାୟୀ ମହାନାୟକ, ଅଙ୍ଗିଲା ଇତ୍ୟାଦି ଭେଦରେ ୬ଟି ଶ୍ରେଣୀଭୁକ୍ତ କରାଯାଇଛି। ଅବଶ୍ୟ ଏଭଳି ଶ୍ରେଣୀ ବିଭାଜନ ସର୍ବବାଦୀ ସମ୍ମତ ନୁହେଁ। ଆଦ୍ୟ ସେବକ ଗଜପତି ମହାରାଜ, ରାଜ ଗୁରୁ, ଦେଉଳି ପୁରୋହିତ, ପଟ୍ଟଯୋଶୀ ମହାପାତ୍ର ଇତ୍ୟାଦିଙ୍କୁ ମହାନାୟକ ସେବକ ଶ୍ରେଣୀଭୁକ୍ତ କରାଯାଇଥିବା ସ୍ଥଳେ ସିଂଘାରୀ, ପଶୁପାଳକ, ପ୍ରତିହାରୀ ଇତ୍ୟାଦିଙ୍କୁ ଅଙ୍ଗିଲା ବା ଅଙ୍ଗଲାଗି ସେବକ ଭାବେ ଗ୍ରହଣ କରାଯାଇଛି।

ସାଧାରଣତଃ ମନ୍ଦିରମାନଙ୍କରେ ବ୍ରାହ୍ମଣ ବା ସ୍ୱତନ୍ତ୍ର ସେବକ ପର୍ଯ୍ୟାୟଭୁକ୍ତ ଲୋକମାନେ ସେବାଧିକାର ପାଉଥିବା ସ୍ଥଳେ ଶ୍ରୀଜଗନ୍ନାଥ ମନ୍ଦିରରେ ଶୂଦ୍ର ସମ୍ପ୍ରଦାୟ ଲୋକମାନେ ମଧ ଗୁରୁତ୍ୱପୂର୍ଣ୍ଣ ସେବାର ଅଧିକାରୀ ହୋଇଛନ୍ତି। ଶ୍ରୀମନ୍ଦିର ସେବା ପରିଚାଳନା ଓ ବ୍ୟବସ୍ଥାରେ ଏହା ଏକ ଲକ୍ଷଣୀୟ ବୈଶିଷ୍ଟ୍ୟ। ଜାତିପ୍ରଥାର ସଂକୀର୍ଣ୍ଣତା ଲୋପ କରି ସାର୍ବଜନୀତାର ଆଦର୍ଶ ପ୍ରଚାର ପାଇଁ ସମ୍ଭବତଃ ଏଭଳି ବ୍ୟବସ୍ଥା ଏଠାରେ ଉଦ୍ଦିଷ୍ଟ।

ଶୂଦ୍ର ସେବକଙ୍କର ନିମ୍ନୋକ୍ତ କେତେକ ସେବା ବିବରଣୀରୁ ସେବା ପରିଚାଳନା କ୍ଷେତ୍ରରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ସମ୍ୟକ ସୂଚନା ମିଳିବ।

**କୋଠସୁଆଁସିଆ :** ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ ମନ୍ଦିର ଭିତରେ ରତ୍ନବେଦି ଠାରୁ ଚନ୍ଦନ କାଠ ଅର୍ଗଳି ପର୍ଯ୍ୟନ୍ତ ଖିରମାଳ ବାନ୍ଧନ୍ତି। ବର୍ଷାସାରା ପର୍ବପର୍ବାଣୀରେ ଯଥା ଶ୍ରୀକୃଷ୍ଣ ଜନ୍ମରେ ଦୋଳ ବାନ୍ଧିବା, ମାର୍କଣ୍ଡେଶ୍ୱର ପୁଷ୍କରିଣୀରେ କାଳିୟଦଳନ ଏକାଦଶୀ ମଞ୍ଚା ବାନ୍ଧିବା, ଆଶ୍ୱିନ ମାସରେ ଷୋଳପୂଜାରେ ବିମଳାଙ୍କ ପାଖରେ ଚାଳଘର ଛାମୁଣ୍ଡିଆ ତିଆରି କରିବା, ସ୍ନାନମଣ୍ଡପରେ ଚାନ୍ଦୁଆ ବାନ୍ଧିବା, ଦୋଳବେଦିରେ ଚାନ୍ଦୁଆ ବାନ୍ଧିବା, ରଥରେ କନା ପକାଇବା ଓ ତିନି କଳସ ଉଠାଇବା, ନବକଳେବରରେ ଶ୍ରୀଜୀଉଙ୍କ ବିଗ୍ରହ ସମାଧି ପାଇଁ ଶ୍ମଶାନ କାର୍ଯ୍ୟକରିବା, ନବକଳେବର କୋଇଲି ବୈକୁଣ୍ଠରେ ମଣ୍ଡପ ନିର୍ମାଣ କରିବା, ଘର, ଚାଳି ଓ ମଣ୍ଡପ ଆଦି କାର୍ଯ୍ୟ କରନ୍ତି। ଏମାନେ ଜାତିରେ ଚଷା। ଗୁଡ଼ିଆ ସାହି, ଧାନକୁଟି ସାହି, ମାର୍କଣ୍ଡେଶ୍ୱର ସାହିରେ ଅଛନ୍ତି। ସ୍ୱତ୍ୱଲିପି ଅନୁଯାୟୀ ଏମାନେ ପ୍ରାୟ ୭ଟି ପରିବାର ହେଲେ ମଧ ଦରକାର ହେଲେ ବାହାରୁ ଲୋକ ଆଣି କାମ କରନ୍ତି। ଏମାନଙ୍କ ସେବା ବଂଶାନୁକ୍ରମିକ ମାତ୍ର ଶାଢ଼ି ବନ୍ଧା ସେବକ ନୁହଁନ୍ତି।

**ବେକ :** ଦର୍ପଣିଆ, ଶାଢ଼ି ବନ୍ଧା ଦିଅଁଙ୍କ ପୂଜା ବାସନ ମାଜିବା, କେବଳ ସକାଳ ଅବକାଶରେ ଦର୍ପଣ ପୂଜା ସ୍ଥାନରେ ଥୋଇବା, ରୁନ୍ଧା ଫିଟାଇବା, ଶ୍ରୀଜୀଉଙ୍କ ବିଗ୍ରହ ବନ୍ଧା ହୋଇଥିବା ପାଟ ଦଉଡି ପଛ ପଟରୁ ସିଡ଼ି ପକାଇ ଖୋଲିବା। ବାଲିସାହିରେ ଗୋଟିଏ ପରିବାର ବର୍ତ୍ତମାନ କାମ କରୁଛନ୍ତି।

**ଚୁନରା :** ଏମାନେ ଶାଢ଼ି ବନ୍ଧା ସେବକ। ଦ୍ୱାରପାଳ ପୂଜାପୂର୍ବରୁ ଗରୁଡ଼ଙ୍କୁ ଗାଧୋଇବା, ନୀଳଚକ୍ରରେ ଧ୍ୱଜା ବାନ୍ଧିବା, ପ୍ରତ୍ୟେକ ଏକାଦଶୀରେ ମହାଦୀପ ଉଠାଇବା ପାଇଁ ରୂପାଗଡୁରେ ଘିଅବତୀ କରି ପ୍ରତି ୬ ଇଞ୍ଚ ଲମ୍ବରେ କଞ୍ଚା କଦଳୀ ବାସୁଙ୍ଗାରେ ଶୁଖିଲା କନାରେ ଘିଅ ବୁଡ଼ାଇ ତିନୋଟିଯାକ ସଂଧ୍ୟା ଧୂପ ଟେରାଫିଟିଲେ କାଠ ପାଖକୁ ନେଇ ପ୍ରତିହାରୀ ପୂଜାପଣ୍ଡାଙ୍କୁ ଦେବେ। ତାକୁ ନେଇ ସେ ମହାଦୀପ ଡାକିବାକୁ ଯିବେ। ଉକ୍ତ ସେବକମାନେ ସିଂହଦ୍ୱାର ନିକଟସ୍ଥ ଅରୁଣଙ୍କ ସେବା କରନ୍ତି। ଦେବ ଦୀପାବଳିରେ ମନ୍ଦିରରେ ଦୀପ ବସାନ୍ତି। ଏମାନେ ବର୍ତ୍ତମାନ ପ୍ରାୟ ୧୦ଘର ଦୋଳ ମଣ୍ଡପ ସାହିରେ ଅଛନ୍ତି।

**ଅଣସର ସୁଧସୁଆର :** ଅଣସର ସମୟରେ ଠାକୁରଙ୍କ ଲାଗି ଝୁଣା, ତେଲରେ ଅଠା, (ଓଷୋ) ପ୍ରସ୍ତୁତ କରନ୍ତି। ଚିତାଲାଗି ରାହୁଲେଖା ଲାଗିରେ ଔଷଧ (ଝୁଣା-ଅଠା) ଯୋଗାଇ ଥାଆନ୍ତି। ଅଣସର ୧୫ ଦିନ ପଣାଭୋଗ ପାଇଁ ପତିମହାପାତ୍ରଙ୍କୁ ଭୋଗ କରିବା ପାଇଁ ଡାକିବେ। ପନ୍ଦର ଦିନ ଯାକ ଦଇତାପତିମାନେ ଭିତରେ ଖାଇଥିବା ପଇଡ ଠୋଲା, ଖପରା, ଫଳଚୋପା ଇତ୍ୟାଦି ଯାହାକୁ ଏକ ଶବ୍ଦରେ କୁଣ କୁହାଯାଏ, ତାହା ପରିଷ୍କାର କରନ୍ତି। ନବକଳେବର ଓ ପ୍ରତି ବର୍ଷ ଗୁଣ୍ଡିଚାରେ ବିରୂପ ଶ୍ରୀଜୀଉଙ୍କ ଶ୍ରୀମୁଖ ଆବରଣକୁ ଉଠାଇ ବାଉଁଶ ପାତିଆ ପେଡ଼ିରେ ନେଇ କୋଇଲି ବୈକୁଣ୍ଠରେ ବିସର୍ଜନ କରନ୍ତି। ଏମାନେ ଶାଢ଼ୀପିନ୍ଧା ସେବକ ନୁହନ୍ତି। ବିଶେଷତଃ ଉକ୍ତ ସେବକମାନେ ନିଜ ନିଜ ଗୃହରେ ଅଣସର ଅବସରରେ ଖଳି ରାନ୍ଧି ଯୋଗାଇଥାନ୍ତି।

**ଶୁଦ୍ଧସୁଆର :** ଦୈନିକ ଗୋପାଳବଲ୍ଲଭ ଭୋଗ ପୂର୍ବରୁ ବଲ୍ଲଭପିଣ୍ଡକୁ ଓଳାଇ ପରିଷ୍କାର କରି ଥାଳି ପରଖ ଧୋଇ କନ୍ୟାଙ୍କ ପାଖେ ବଲ୍ଲଭ ଭୋଗ ବାଢ଼ିବେ। ପ୍ରତ୍ୟେକ ମହାସ୍ନାନରେ ପୂଜା ଠା କରିବେ ଏବଂ ପଣ୍ଡାଙ୍କ ହାତକୁ ପାଣିଦେବେ। ଏମାନେ ଶାଢ଼ିପିନ୍ଧା ସେବକ ନୁହନ୍ତି। ପ୍ରାୟ ୫/୬ ଘର ଦୋଳ ମଣ୍ଡପ ସାହିରେ ରୁହନ୍ତି। ମକର ସଂକ୍ରାନ୍ତି ପୂର୍ବ ରାତିରେ ଚାଉଳ ଧୋଇ ଥାଳିରେ (ମୁରୁଜ ମୂଳ) ସଜାଡ଼ିବା କାମ କରିବେ। ଏମାନେ ଦଇତାପତି ସେବକ ରୂପେ ବିଦିତ।

**ଦଉମହାପାତ୍ର :** ଶ୍ରୀମୁଖ ଶିଙ୍ଗାର କରନ୍ତି। ଠାକୁରଙ୍କ ଅଣସର ଓ ବର୍ଷାସାରା ଅନ୍ୟାନ୍ୟ ଦିନରେ ମଧ 'ବନକଲାଗି' (ମୁଖ ଚିତ୍ରକରିବା) କରନ୍ତି। ପର ଘର ଅନୁଯାୟୀ ପ୍ରତି ବୁଧବାର ବା ଗୁରୁବାର ଦିନ ଶ୍ରୀମୁଖ ବନକଲାଗି ହେବା କଥା। ଖଳିଲାଗି ଏକାଦଶୀ ଦିନ ଛତା କାହାଳୀ ବାଜି ସେମାନଙ୍କ ଘରୁ ଖଳିପ୍ରସାଦ ଆସେ। ଗୋଟିଏ ସୁନ୍ଦର ହାଣ୍ଡି ଚିତ୍ରିତ ହୋଇ ଫୁଲରେ ସଜାହୋଇ ଟାହିଆ ଇତ୍ୟାଦି ଦିଆଯାଇ ଶ୍ରୀମନ୍ଦିରକୁ ଆସେ। ସଂପୃକ୍ତ ସେବକ ମାନଙ୍କ ସ୍ତ୍ରୀଲୋକମାନେ ସେ ଦିନ ଉପବାସ କରିଥାନ୍ତି। ଉକ୍ତ ଖଡିହାଣ୍ଡିକୁ ବନ୍ଦାପନା କରିଥାନ୍ତି। ତାପରେ ଦଉମହାପାତ୍ର ସେବକ ଉକ୍ତ ହାଣ୍ଡିକୁ ନେଇ ଯାଆନ୍ତି। ଖଡ଼ିପ୍ରସାଦ ଶ୍ରୀଜୀଉଙ୍କୁ ଲାଗି ପରେ ପ୍ରସାଦ ଆକାରରେ ରାଜାଙ୍କ ଘରକୁ ଘଣ୍ଟ କାହାଳୀ ଛତା ମାଧ୍ୟମରେ ନିଅନ୍ତି। ଗୋଟିଏ ଘର ବର୍ତ୍ତମାନ ସେବା କରନ୍ତି।

**ଲେଙ୍କା :** ଉକ୍ତ ସେବକ ଶ୍ରୀଜୀଉଙ୍କ ଦୈନନ୍ଦିନ ସେବାକାର୍ଯ୍ୟରେ ଲାଗିଥିବା ସେବକମାନଙ୍କୁ ଡକାଇ ସେବାରେ ନିଯୁକ୍ତ କରାନ୍ତି। ଶ୍ରୀଜୀଉଙ୍କ ମହାସ୍ନାନରେ ଘିଅ, ଗୁଡ଼ ଦହି ଓଳି ଇତ୍ୟାଦି ଆଣି ଯୋଗାଇଥାନ୍ତି। ପ୍ରତ୍ୟେକ ଦିନ ଧ୍ୱଜାବନ୍ଧା ସମୟରେ ଉପସ୍ଥିତ ରୁହନ୍ତି। ଶ୍ରୀଜୀଉଙ୍କ ଯାନି ଯାତ୍ରାରେ ଚକ୍ରଧରି ଆଗରେ ରହନ୍ତି। ନବକଳେବର ଉତ୍ସବ ସମୟରେ ଦାରୁ ଅନ୍ୱେଷଣ କରିବାକୁ ଯିବା ସମୟରେ ଚକ୍ର ଧରି ଆଗରେ ରହି ଯାତ୍ରା କରିଥାନ୍ତି। ଶ୍ରୀଜୀଉଙ୍କ ଜନ୍ମାଷ୍ଟମୀ ଉତ୍ସବ ସମୟରେ ନନ୍ଦୋତ୍ସବ ସମୟରେ ଦୁହାଁଳିଆ ଗୋଟିଏ ଗାଈ ଆଣି ଯୋଗାଇଥାନ୍ତି। ରାମଜନ୍ମ ଠାରୁ ରାବଣ ବଧ ଓ ଜନ୍ମାଷ୍ଟମୀ ଠାରୁ କଂସବଧ ପର୍ଯ୍ୟନ୍ତ ସାହି ମାନଙ୍କରୁ ଆସୁଥିବା ଭୁଆସିକ ମାନଙ୍କ ପାଇଁ ସାହି ନାୟକ ମାନଙ୍କ ପାଖରେ ନିମନ୍ତ୍ରଣ ପତ୍ର ସ୍ୱରୂପ 'ରେଖ' (କନା କିଛି) ଯୋଗାଇଥାନ୍ତି। ବର୍ତ୍ତମାନ ଗୋଟିଏ ପରିବାର ସେବା କାର୍ଯ୍ୟ କରନ୍ତି। (କ୍ରମଶଃ)

+ଆଇନଜୀବୀ, ବଙ୍ଗାଳିସାହି,
କଟକ,
ମୋ: ୭୩୨୫୯୦୪୯୨୭




## ପରମ ସୁଖର ତାଳେ

**ଡ. ବିନୟକୃଷ୍ଣ ପଟ୍ଟନାୟକ**

ଚାଲ ସାଥି କିଛି କାଳ ମଣିଷ ବନିବା,
ତାହା ଦେଇ ଜଗତର ମହୁକୁ ଚାଖିବା।
ନିଜ ସପନେ ମହାନ ମଣିଷ ସାଜିବା,
ସେ ଯେଉଁ ଭାବରେ ଜିଏଁ ସେ ଧାରେ ଜିଇଁବା।

ସାରା ଜଗତକୁ ଆମେ ସିନିହେ ଦେଖିବା,
ଯହିଁ ଯାହା ଉଧାଉଛି ଦେଖିବା, ହସିବା।
ଆମ ହସର ଉତ୍ତର ସବୁଠୁଁ ପାଇବା,
ସଭିଙ୍କୁ ଭଲ ପାଇବା ହିତ ମନାସିବା।

ସଭିଙ୍କୁ ହସାଇବାର ବାଟ ଖୋଜିଯିବା,
ଆମେ ଜୀବନରେ ଯଥା-ବେଶି ଖୁସି ହେବା।

ଚାଲ ସାଥି କିଛି କାଳ ମଣିଷ ବନିବା,
ତାହା ଦେଇ ଜଗତର ମହୁକୁ ଚାଖିବା। (୦)

ଧୀରେଧୀରେ ଜୀବନର ମାନେଟି ବୁଝିବା,
ସୁଖ ଛାଡ଼ି ଏ ଜୀବନେ ରହି ନ ପାରିବା।
ସୁଖର ବୀଜଟି ଆମେ ନିଜଠିଁ ପାଇବା,
ନିଜ ଛଡ଼ା କେଉଁଠି ବି ସୁଖ ନ ପାଇବା।

ପୂରା ଥିର ରହି ଆମେ ନିଜକୁ ଦେଖିବା,
କୋଳରେ ଥିଲା ଶପଥ ଦେଖି ପୁଲକିବା।
ନିଜକୁ ଫୁଟାଇବାର ବାଟଟି ଖୋଜିବା,
ସେ ଯାହା ଲୋଡୁଛି ଆମେ ଯୋଗାଇଚାଲିବା।

ଯେତେ ଶରଧାରେ ଆମେ ଦେହକୁ ଶୁଣିବା,
ସେତିକି ସଠିକ୍ ଭାବେ ତା' ଯତନ ନେବା।
ପୂରା ଥିର ରହି ଆମ ଶକତି ଢାଳିବା,
ସେ ଯାହା ଚାହିଁବ ତାହା ଭଲରେ କରିବା।

ଏହି ଧାରେ ଆମେ ନିଜ ବାଟରେ ଚାଲିବା,
ହସି, ଖେଳି, ନାଚି, ଗାଇ ପାଖୁଡ଼ା ମେଲିବା।

ଚାଲ ସାଥି କିଛି କାଳ ମଣିଷ ବନିବା,
ତାହା ଦେଇ ଜଗତର ମହୁକୁ ଚାଖିବା। (୧)

ଅନ୍ତରକୁ ଆମେ ଯେତେ ଖୁସିରେ ଭରିବା,
ଜଗତର ଭାବ ଆମେ ସେତିକି ବୁଝିବା।
ଯେତେ ସରାଗରେ ଆମେ ଧରାରେ ଚାଲିବା,
ସେତିକି ସିନିହ ଆମେ ସବୁଠୁଁ ପାଇବା।

ଏହାଠାରୁ ବେଶି ସୁଖ କାହୁଁ ନ ପାଇବା,
ଜଗତର ସବୁଠାରେ ସୁଖ ହିଁ ଲଭିବା।
ସବୁ କିଛି ବଦଳିବା ଧାରାକୁ ଜାଣିବା,
ଜଗତର ଶରଧାକୁ ସବୁଠି ଦେଖିବା।

ଧୀରେ ଆମେ ସେହି ଶରଧାରେ ହଜିଯିବା,
ନିଜର ମନକୁ ଭୁଲି ଏକତାଳ ହେବା।
ତା' ସିନିହ ସାଗରରେ ବୁଡ଼ ପକାଇବା,
ଅପାର ପୁଲକେ ଆମେ ସୁଖମୟ ହେବା।

ମଣିଷ ବନିବା ଦେଇ ଏ ସୁଖ ଲଭିବା,
ସଭିଙ୍କ ପରାଣେ ଆମେ ଆଶା ତୋଳିଯିବା।

ଚାଲ ସାଥି କିଛି କାଳ ମଣିଷ ବନିବା,
ତାହା ଦେଇ ଜଗତର ମହୁକୁ ଚାଖିବା। (୨)

+ନୂଆଦିଲ୍ଲୀ

# କ୍ରିକେଟ୍ ଖେଳ ଓ ଜେଜେ

## ନଗେନ୍ଦ୍ର ନାଥ ପଟ୍ଟନାୟକ



ସେଦିନ ରବିବାର । ଗୋଧୂଳି ସମୟ; ବେଳ ରତରତ । ନିଜର ପ୍ରିୟ କ୍ରିକେଟ ଖେଳ ଆରମ୍ଭ କରିବାର ଆୟୋଜନରେ ବ୍ୟସ୍ତ ରହିଥାନ୍ତି ପିଲାମାନେ । ଖେଳଟିର ନାଁ ଗୁଲି କ୍ରିକେଟ୍ ଚମ୍ପିଆନ୍‌ସିପ । ହେଲେ ମ୍ୟାଚ୍ ଆରମ୍ଭ ହେବା ଆଗରୁ ଅଡୁଆ ପରିସ୍ଥିତି ଉପୁଜିଲା । କବୀର ବଡ଼ପାଟିରେ ଚିଲେଇଲା :'ଯାହାହଉ ପଛେ ମୁଁ ପ୍ରଥମେ ବ୍ୟାଟିଂ କରିବି ।' ମୀନା ତା' କଥାକୁ କାଟିଦେଇ କହିଲା: 'ତୁ ତ ଗଲାକାଲି ବ୍ୟାଟିଂ କରିଥିଲୁ !' ରୋହନ ନିଜକୁ ଆଉ ସମ୍ଭାଳି ପାରିଲାନି । ସେ ଗର୍ଜିଉଠି କହିଲା:'କେହିଜଣେ ଆଉଟ୍ ହୋଇଗଲେ କିଏ ନିଷ୍ପତ୍ତି ଶୁଣେଇବ ?'ପ୍ରତ୍ୟେକ ନିଜ ନିଜ ଭିତରେ ଯୁକ୍ତିରେ ଅଟଳ ରହିଲେ; କଥା କଟାକଟିରେ ମାତିଗଲେ । ବିତଣ୍ଡା ଯୁକ୍ତି ଉଗ୍ର ରୂପ ଧାରବା ଆଗରୁ କବିର ଜେଜେ



କୁଆଡେ ଥିଲେ କେଜାଣି ସେଠାରେ ଆସି ଆସି ହାଜର । ତୁମେ ସବୁ ଏମିତି ପାଟିଗୋଳ କରୁଚ କାଇଁକି ?' ପାକୁଆ ପାଟିରେ ଚାପା ହସଟିଏ ଉଛୁଳାଇ ସେ କହିଲେ । ସେଇଠୁ ମୀନା କହିଲା : 'ଜେଜେ ! ଆମେ ଏଇ କଥାକୁ ନେଇ ରାଜି ହୋଇପାରୁନୁ ।' ଜେଜେ କିଛିକ୍ଷଣ ଭାବିଲେ ; ତା'ପରେ କହିଲେ: ହୁଁ ,ତୁମେ ତା'ହେଲେ ଗୋଟିଏ ସମ୍ବିଧାନ ଚାହୁଁଚ । ସବୁପିଲା ଏକାବେଳକେ ପଚାରିଲେ: 'ସେ ସମ୍ବିଧାନଟା କ'ଣ ?' ଜେଜେ ପାକୁଆ ପାନଖିଆ ପାଟିରେ ଫିକ୍‌କିନା ହସିଦେଇ କହିଲେ: 'ଆମ ଦେଶରେ ପ୍ରଚଳିତ ସମ୍ବିଧାନ ଭଳି ଏକ ନିର୍ଦ୍ଦିଷ୍ଟ ନିୟମାବଳୀ ଉପରେ ତମେ ସବୁପିଲା ରାଜି ହେବା ଉଚିତ୍ । ୨୬ ନଭେମ୍ବର ଦିବସଟି ଆମ ଦେଶ ସମ୍ବିଧାନ ଦିବସ ପାଳନ କରି ଆସୁଅଛି । ସେଦିନ ଆମ ହାତକୁ ଯେଉଁ ନିୟମବାଳୀ ସଂକ୍ରାନ୍ତ ବହିଟି ଆସିଥିଲା ତାହା ହେଉଛି ଭାରତୀୟ ସମ୍ବିଧାନ ।'

ଜେଜେଙ୍କ ତୁଣ୍ଡରୁ ଏତକ ଶୁଣିବାମାତ୍ରେ କୁନିକୁନି ପିଲାଏ ବେଶ୍ ଉତ୍ସାହରେ ନାଚିଉଠିଲେ । ସେମାନେ ଏକାଠି ବସିପଡ଼ି ନିଜର ଗୁଲି ସମ୍ବିଧାନ ପ୍ରସ୍ତୁତ କଲେ । ସେଇ ସମ୍ବିଧାନ ଅନୁସାରେ ପ୍ରତ୍ୟେକଙ୍କୁ ଉଚିତ୍ ସୁଯୋଗ ପାଇବେ; କେହି ଅମ୍ପାଇର୍ ସଙ୍ଗେ କଳିଝଗଡା କରିବେନି, ଖେଳାଳୀମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବେ । ଆଉ ଶେଷକୁ ବଲ୍‌ଟି ଜେଜେମାଙ୍କ ଚାରାଗଛରେ ବାଜିବା ମାତ୍ରେ ଖେଳଟି ଶେଷ ହେବ । ଏ କଥା ଶୁଣିବାକ୍ଷଣି ସବୁପିଲା ହୋ ହୋ ହୋଇ ହସିବାକୁ ଲାଗିଲେ । କ୍ରିକେଟ୍ ଖେଳ ଠିକ୍‌ଭାବରେ ଚାଲିଲା ; କିଏ କାହା ସହିତ କଳିଝଗଡ଼ା କି ଟାହିଟାପରା କରୁ ନଥିଲେ। ନାଲିଆ ସୂର୍ଯ୍ୟ ପାହାଡ଼ ସେପଟେ ବୁଡ଼ିଗଲା ବେଳକୁ ମୀନା କହିଲା: 'ଜେଜେ ! ଏବେ ମୁଁ ବୁଝିଗଲି । ନିୟମାବଳୀ ଖେଳକୁ ନଷ୍ଟ କରେନି; ବରଂ ଖେଳଟିକୁ ନ୍ୟାୟପୂର୍ଣ୍ଣ କରିଦିଏ ।' ପାକୁଆ ପାଟିରୁ ନାଲି ପାନଛେପ ଲେଣ୍ଡାଏ ପକେଇ ଜେଜେ କହିଲେ : ଠିକ୍ କଥା କହିଚୁ , ସେଥିପାଇଁ ତ ଆମ ଦେଶରେ ଏ ସମ୍ବିଧାନ ।'

ନୀତିଶିକ୍ଷା : ସହମତିରେ ପ୍ରସ୍ତୁତ ନିୟମାବଳୀ ଖେଳ ଓ ମନୁଷ୍ୟ ଜୀବନ କ୍ଷେତ୍ରରେ ନ୍ୟାୟ,ଶାନ୍ତି ଓ ସନ୍ତୋଷ ଆଣିଥାଏ ।


ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡିଶା ସରକାର
ଓସ୍କାର ସିଟି, ଲେନ ନଂ-୯,ପ୍ଲଟ ନଂ-୪୫୬
ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁ ବନେଶ୍ୱର
ମୋ-୯୪୩୮୩୩୨୧୩୮


# ଚଷମା

## ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ



ଚଷମା ଅଟଇ ନାଆଁଟି ମୋହର
ମଣିଷଙ୍କର ମୁଁ ମିତ,
ତେଣୁ ଅମଙ୍ଗଳ ଚାହେଁନି ତାଙ୍କର
କରଇ ସର୍ବଦା ହିତ ।

ଆଖିକୁ ସୁରକ୍ଷା ଦିଅଇ ନିଇତି
କରେ ନାହିଁ ରାଗ ରୋଷ,
କ୍ଷମା କରିଦିଏ ବଡ଼ ହୃଦୟରେ
କଲେ ଯିଏ ବଡ଼ ଦୋଷ।

ସ୍ପଷ୍ଟ ଭାବେ ଦିଶୁ ନଥିଲେ କାହାକୁ
ପିନ୍ଧିଦେଲା ପରେ ମତେ,
ପ୍ରତ୍ୟେକ ଜିନିଷ ଜଳ ଜଳ ହୋଇ
ଦିଶେ ପରା ତାଙ୍କୁ ସତେ।

ରଙ୍ଗ ବେରଙ୍ଗର ଯାହାବି ଖୋଜିଲେ
ବଜାରରେ ଏବେ ମିଳେ,
ଯୁବକ ଯୁବତୀ ସରାଗେ କିଣନ୍ତି
ଡେରି ନକରିକି ତିଳେ।

ଯେତେ ଦାମି ପଛେ ହୋଇଥିଲେ ମୁହିଁ
ଗରବ କରଇ ନାହିଁ,
ମଣିଷଙ୍କ କାମେ ଆସିବାକୁ ସଦା
ରହିଥାଏ ପରା ଚାହିଁ।

ଗୁହାରି କରୁଛି ସଭିଙ୍କ ପାଖରେ
ଭାବିବନି କେବେ ପର,
ଛାଇ ପରି ତୁମ ସାଥିରେ ରହିବି
ନଥିବ କାହାକୁ ଡର।


ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର
ଫୋନ-୭୯୦୪୩୯୨୬୮୬


# ଶୀତ ସକାଳ ଓ ଟିକି ଚଢ଼େଇ

## ଶରତ କୁମାର ଦାସ

ଶୀତ ସକାଳର ଶୀତୁଆ ପବନେ
ହସୁଛନ୍ତି ବିଲବଣ,
ନାନାଜାତି ଫୁଲ ଫୁଟି ବଗିଚାରେ
କିଣୁଛନ୍ତି ଜନ ମନ ।

ସୁନାରଙ୍ଗୀ ଖରା ପଡୁଛି ଅଜାଡ଼ି
ଶୀତର ଲହରୀ କାଟି,
ପରଜାପତିଟି ଉଡୁଛି ହରଷେ
ଚିକିମିକି ଡେଣା ଛାଟି ।

ପତର ଗହଳେ ଟିକି ଚଢ଼େଇଟି
ଝରାଉଛି ଲୁହ ଝର,
ବରଡ଼ାପତର ପରି ସେ ଥରୁଛି
ଦେଖିଲେ ଲାଗୁଛି ଡର ।

ଏଣେତେଣେ ଚାହିଁ ନିରବରେ ବସି
ଭାବୁଛି ସେ ମନେ ମନେ,
'କେମିତି ସହିବି ଏ ଜାଡ଼ର ଦାଉ
ଖୋଲା ଦେହେ ଏଇ ବନେ ।

ପାଖେ ମୋ'ର ନାହିଁ କନ୍ଥା କି କମ୍ବଳ
ଅବା ଶୀତ ଲୁଗାପଟା,
ଘରଟିଏ ନାହିଁ ମୁଣ୍ଡ ଗୁଞ୍ଜିବାକୁ
ହୁଏ ଯାହା ହଟହଟା ।

କିଏ ବା କାହିଁକି ବୁଝିବ ମୋ କଥା
ସଭିଏ ତ ନିଜ ପାଇଁ,
ମୁଁ ସିନା ଜାଣିଛି ମୋ କଷଣ ଯେତେ
କେହି ତ ଶୁଣନ୍ତି ନାହିଁ ।

ପକ୍ଷୀ ଜନମଟି ପାଇଛି ମୁଁ ଯେଣୁ
ମଥାପାତି ସହେ ଦୁଃଖ,
କାହିଁକି ଖୋଜିବି କୋଉଠି ପାଇବି
(ସାତ)ସପନ ମୋ ପାଇଁ ସୁଖ ।

ଖରା ବରଷା ମୁଁ ସହୁଛି ଯେମିତି
ସହିବି ସେମିତି ଶୀତ,
ସବୁ ଦେଖୁଛନ୍ତି ଜଗତର ସାଇଁ
ସେ ଏକା ମୋହର ମିତ ।

ସହିବା ଶକତି ଯା' ପାଖରେ ଥାଏ
ସେ ପରା ଜଗତେ ଜିତେ,
ଆସୁ ଯେତେ ଝଡ଼ ଜୀବନର ପଥେ
ଖୁସିରେ ତା' ଦିନ ବିତେ ।


ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


# ସମ୍ମାନ

## ସତ୍ୟନାରାୟଣ ପ୍ରଧାନ



ଇଚ୍ଛା କରୁଥିବା ଚାକିରୀ ପୁଅ ପାଇ ତାର ଖୁସି କହିଲେ ନ ସରେ ଜୀବନରେ ତାର ଦୀର୍ଘ ଦିନର ଆଶା ପୂରଣ ହୋଇ ଥିବାରୁ ସାଙ୍ଗସାଥି ମାନଙ୍କୁ ନିହାତି ଠାକୁର ଭ୍ରମଣ କରାଇବା ସହିତ ଭୋଜିଭାତର ଆୟୋଜନ କରିବାର ଦିନ ମଧ ଠିକ ହୋଇଥାଏ । ତାର ଏତେ ଖୁସି ଦେଖିବାକୁ ଯାହାର ହାତ ଆଙ୍ଗୁଳି ଧରି ବାଟ ଚାଲି ଛୋଟରୁ ବଡ଼ ହୋଇଥିଲା ସେ ବାପା ଆଉ ଦୁନିଆରେ ନ ଥିଲେ । ତିଥି ବାର ଅନୁସାରେ ଘରେ ବ୍ରାହ୍ମଣ ଗୋସାଇଁ ଠାରୁ ଜେଜେ ବାପା ଗୋଟେ ବୋଲି ପୁଅର ଦିନ ବୁଝି ଆସିଥିଲେ ।

ଇଂରାଜୀ ମାସ ତାରିଖ ଠାରୁ ପାଞ୍ଜି ତାରିଖ ଭିତରେ ଅନେକ ଫରକ ଯାହା ସେ ପୁଅକୁ ଆଧୁନିକ ସମାଜରେ ବଢିଲେ ବି ଏତେଟା ଜଣା ନ ଥାଏ । ସେ ବୁଲି ଯିବା କଥା ଘରେ କହିବାରୁ ସେଦିନ ତା ବାପାଙ୍କ ଶ୍ରଦ୍ଧା ଅଛି ଯଦି ଯିବାକୁ ଇଚ୍ଛା କରୁଛୁ ତା ହେଲେ ତୋ ସାନ ଭାଇ ବି ଚାହିଁଲେ କରି ପାରିବ ବୋଲି ମାଆଠାରୁ ଶୁଣିବାକୁ ପାଇଥିଲା । ପୂର୍ବରୁ ଗାଡି ବାବଦ ପାଇଁ ଭଡା ଅଗ୍ରୀମ ଦିଆ ସାରିଥାଏ ଆଉ ତା ସହିତ ଭୋଜିଭାତ ପାଇଁ ଜିନିଷ ବି କିଣା ସାରିଛି। ସମସ୍ତଙ୍କ ମନରେ ଯିବା ପାଇଁ ଅନେକ ଖୁସିର ବାତାବରଣ ଖେଳି ଯାଇଥିଲା । ସେ ଅନେକ ଦିନ ପରେ ସେମାନଙ୍କ ଉତ୍ସାହରେ ବାଧା ସୃଷ୍ଟି କରିବା ଭଲ ନୁହେଁ ବୋଲି ଜାଣି ପାରିଥିଲା।

ଜୀବନରେ ଆଜି ନ ହେଲେ ଅନ୍ୟ ଦିନରେ ବି ଚାହିଁଲେ ବୁଲି ଯାଇ ଆସି ପାରିବ । ହେଲେ ବାପାଙ୍କ ଦିନ ଆଉ କେବେ ଆସିବ ନାହିଁ ତାକୁ ଗୋଟେ ବର୍ଷ ଅପେକ୍ଷା କଲେ ଯାଇ ପୁଣି ପଡିବ। ଅନ୍ୟ ବର୍ଷ ମାନଙ୍କରେ ପିଣ୍ଡ କ୍ରିୟା କର୍ମ କରି ଗୋଟେ ପୁଅ ହିସାବରେ କର୍ତ୍ତବ୍ୟ ପାଳନରେ ଭାରି ଖୁସି ଅନୁଭବ କରେ । ତାହା ପୁଣି ଏ ବର୍ଷ ବଦଳି ଯିବ ତାହା ଭାବିଲା ବେଳକୁ ତାକୁ ଭାରି ଦୁଃଖ ଲାଗୁଥିଲା । ସେ ସାଙ୍ଗସାଥି ମାନଙ୍କୁ ଅନେକ ବୁଝାଇବା ପରେ ନିଜେ ପଛେ ଘରେ ରହିବାକୁ ବାଛି ନେଇଥିଲା ।

ସେ ବାପାଙ୍କୁ ବୁଲାଇ ନ ପାରିଲେ ବି ତା ଦରମା ଟଙ୍କାରେ ସାଙ୍ଗସାଥି ମାନେ ଆଜି ଭଳି ଦିନରେ ବୁଲି ଆସିଲେ ତାଙ୍କ ଆତ୍ମା ପରଲୋକରେ ଥାଇ ଶାନ୍ତି ପାଇବ ବୋଲି ଭାବନା ରାଜ୍ୟକୁ ତାର ଚାଲି ଆସିଥିଲା । ଜୀବନରେ ଯେତେ ଉପରକୁ ଉଠି ଧନୀ ଜ୍ଞାନୀ ହୋଇଗଲେ ବି ଆମ ଠାରୁ ଯାହା ଆଶା କରୁଥିବା ଲୋକ ସେ ଦୁନିଆରେ ଥାଉ ଅବା ନ ଥାଉ ତାଙ୍କ ପ୍ରତି ସମ୍ମାନ ନିହାତି ରହିବା ଦରକାର ପୁଅଟି ବୁଝି ପାରିଥିଲା । ମାଆ ପୁଅର ବାପାଙ୍କ ପ୍ରତି ଥିବା ଭଲ ପାଇବା ଦେଖି ଆଖିରୁ ତାଙ୍କର ଦୁଇ ଟୋପା ଲୁହ ଝରି ପଡିଥିଲା ।


ଅଣ୍ଟିଆ, ଜେନାପୁର, ଯାଜପୁର
ପିନ- ୭୫୫୦୨୩ ,
ମୋ - ୯୧୭୮୩୧୩୬୪୪


# ଫୁଲଟି ପାଇଁ

## ପ୍ରଶାନ୍ତ କୁମାର ଦାଶ

ଫୁଟା ଫୁଲର ଶୋଭା କିଣଇ
ଆଦରେ ଜନମନ
ଫୁଲଟି ପାଇଁ ମହକି ଉଠେ
ଗଛ ବଗିଚା ବନ ।।

ଅଜଣା ଫୁଲ ହେଉ ପଛକେ
ତାର ଆଦର ବଢେ
ସେଇ ଫୁଲତ ଦୁନିଆ ହିତେ
ବିଭୁ ମଥାରେ ଚଢେ ।।

ଦୁଃଖକୁ ସହି ସତେଜ ରହି
ଗଛଡ଼ାଳରେ ଝୁଲେ
ବାସନା ତାର ପାଇ ଭଅଁର
ବଗିଚା କୋଳେ ବୁଲେ ।।

ଟାହିଆ ମାଳ ଗଜରା ପେଡା
ହୁଅଇ ପୁଣି ଫୁଲ
ସଫଳ ହୁଏ କାମତ ସବୁ
ବଢଇ ତାର ମୂଲ ।।

ପରର ହିତ କରେ ବହୁତ
ନିଜ ଦୁଃଖକୁ ଭୁଲି
ଝୁଲିଲେ ବିଭୁ ଗଳାରେ ସେତ
ଗରବେ ଉଠେ ଫୁଲି ।।

ରଙ୍ଗ ବେରଙ୍ଗ ଫୁଲ ପାଖରେ
ଥାଏ ସୁଗୁଣ ବେଶୀ
ଫୁଲଟି ପରି ଜୀବନ ବିତୁ
ଧରାରେ ହସି ହସି ।।


କୁଞ୍ଜର -ସଙ୍ଗଲାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦


# କାଉ କୁକୁଡ଼ା କୁକୁର

## ପ୍ରଦ୍ୟୁମ୍ନ ପଟ୍ଟନାୟକ









ଗାଁ ଦାଣ୍ଡରେ ଥିବା ବର ଗଛ ଡାଳରେ ଉଡ଼ି ଆସି ବସି ଗଲା କାଉଟିଏ । ତଳକୁ ଚାହିଁ ଦେଖିଲା କୁକୁଡ଼ା ଖାଇବା ଖୋଜି ବୁଲୁଥିଲା । କାଉ କୁକୁଡ଼ାକୁ ଦେଖି କା କା କରି ରାବ ଦେଲା । କୁକୁଡ଼ା ଉପରକୁ ଚାହିଁ ଦେଖିଲା କାଉ ତାକୁ ଦେଖି ଆଖି ମିଟିକା ମାରି କା କା କରୁଛି । ସେ ବି ତା ପାଦ ଟିପରେ ଠିଆ ହୋଇ କୁକୁଡୁ କୁ କରି ରାବ ଦେଲା । କାଉ ତାକୁ ଚିଡ଼ାଇବାକୁ କହିଲା, " ମୁଁ ତ ସକାଳୁ ବୁଲି ବୁଲି କା କା କରି କେତେ ଲୋକଙ୍କୁ ନିଦରୁ ଉଠାଇ ସାରିଲିଣି, ତୋର ଏବେ ନିଦ ଭାଙ୍ଗୁଛି।"

ଗଞ୍ଜା କହିଲା, "ଅସଲରେ ଆମ ରାବିବାରେ ରାତି ପାହେ । କୁକୁଡୁକୁ ରାବ ଏତେ ଜୋରରେ ଶୁଣା ଯାଏ ସେ ସାରା ଗାଁ ଲୋକଙ୍କ ନିଦ ଭାଙ୍ଗି ଯାଏ । ତୁ ଖାଲି ମିଛରେ କା କା କରୁଥାଉ । ଆମେ ଗୋଟିଏ ଜାଗାରେ ଥାଇ ରାବି ଥାଉ । ଏତେ ଚାରି ଆଡ଼ ଉଡ଼ି ବୁଲିବା ଆମର ଦରକାର ନାହିଁ ।"

ଏମିତି କାଉ କୁକୁଡ଼ାଙ୍କ ଲଢ଼େଇ ଶୁଣି ସେହି ବରଗଛ ମୂଳରେ ଶୋଇଥିବା କୁକୁର କାଳୁର ନିଦ ଭାଙ୍ଗି ଗଲା । ସେ ବିଗିଡ଼ି ଯାଇ କହିଲା, 'ତୁମେ ଦି' ଜଣ ସକାଳୁ ସକାଳୁ କାହିଁକି ଲଢେଇ କରୁଛ ? ତୁଚ୍ଛାଟାରେ ମୋ ନିଦ ଭାଙ୍ଗି ଦେଲ । ତୁମର ସିନା ରାତିରେ କିଛି କାମ ନାହିଁ ବୋଲି ସଞ୍ଜ ହେଲେ ଶୋଇ ଯାଉଛ । ଆମ କୁକୁରମାନଙ୍କର ପରା ରାତିରେ ଘର ଜଗିବା କାମ । ସେଥିପାଇଁ ଆମେ ରାତିରେ ଉଜାଗାର ରହିଥାଉ । ଚୋର ତସ୍କର କିମ୍ବା, ସାପ ଶିଆଳ ଆଦି ଜନ୍ତୁ ଦେଖି ଭୁକି ଲୋକଙ୍କୁ ସତର୍କ କରି ଦେଉ । ସେଥିପାଇଁ ଭଲରେ ଶୋଇ ପାରୁନା । ହଉ ନିଦ ତ ଭାଙ୍ଗି ଗଲାଣି, ଏଥର କୁହ କାହିଁକି ଲଢୁଥିଲ ?

ଏକା ସଙ୍ଗେ କାଉ ଏବଂ କୁକୁଡ଼ା କହିଲେ, " କହିଲ କାଳୁ ଭାଇ ଆମ ଦୁଇ ଜଣଙ୍କ ଭିତରୁ କାହାର ରାବରେ ଲୋକଙ୍କର ନିଦ ଭାଙ୍ଗେ ?"

କୁକୁର କାଳୁ ଅଡୁଆରେ ପଡ଼ିଗଲା । ସେ ତ କାଉ ରାବ ଶୁଣେ, କୁକୁଡ଼ା ରାବ ବି ଶୁଣେ, କାହା ରାବରେ ସବୁରି ନିଦ ଭାଙ୍ଗେ ଏକଥା କହିବ କେମିତି ? ସେ ଭାବି ଚିନ୍ତି କହିଲା, "କାଲି ଗୋଟିଏ ପରୀକ୍ଷା ହେବ । ଯାହା ଡାକରେ ଆଗ ମୋ ନିଦ ଭାଙ୍ଗିବ ସେ ଜିତିବ।' କାଉ ଓ କୁକୁଡ଼ା କୁକୁର କଥାରେ ରାଜି ହୋଇ ଗଲେ।

ତା' ପରଦିନ ରାତି ପାହିବା ଆଗରୁ କୁକୁଡ଼ା ତା' ଗଳା ଝାଡି, ଟିପ ଉପରେ ଠିଆ ହୋଇ କୁକୁଡୁକୁ କରି ରାବ ଦେଲା । ଆହୁରି ସମସ୍ତେ ଶୁଣିବେ ବୋଲି ଘର ଛାତ ଉପରକୁ ଉଡ଼ି ଯାଇ ଜୋର ଜୋର ରାବିଲା । କାଉର ବି ନିଦ ଭାଙ୍ଗି ଯାଇଥିଲା । ସେ ବି ଗଛ ଡାଳରେ ବସି କା କା କରିବାକୁ ଲାଗିଲା । ଏକା ବେଳେକେ ଦୁଇ ଜଣଙ୍କ ରାବ ଶୁଣି କୁକୁର ନିଦରୁ ଉଠି ପଡ଼ିଲା । ତା'ର ମନେ ପଡ଼ିଗଲା ଗତ କାଲି କହିଥିବା ପରୀକ୍ଷା କଥା । ଏତିକିବେଳେ କାଉ ଓ କୁକୁଡ଼ା ଦୁଇଜଣ ଆସି ତା' ପାଖରେ ପହଞ୍ଚି ଗଲେ । ପଚାରିଲେ, "କାଳୁ ଭାଇ ଆମ ଦୁଇ ଜଣଙ୍କ ଭିତରୁ କାହା ରାବରେ ତୁମ ନିଦ ଭାଙ୍ଗିଲା ?"

କାଳୁ ଚିନ୍ତାରେ ପଡ଼ିଗଲା । ପ୍ରକୃତରେ ତା' ନିଦ ଭାଙ୍ଗିଲା ବେଳକୁ କାଉ ଓ କୁକୁଡ଼ା ଉଭୟ ରାବୁଥିଲେ । ଜଣେ ଛାତ ଉପରେ ଏବଂ ଆଉ ଜଣେ ଗଛ ଡାଳରେ ଥାଇ । ସେ ଯାହା ନାଁ ନେବ ସିଏ ଜିତି ଯିବ । ତେଣୁ କାହା ନାଁ ନେବ ଠିକ କରି ପାରୁ ନଥିଲା । ସେତିକି ବେଳେ ଆର ସାହିର ଆଉ ଗୋଟିଏ କୁକୁର ଭାଲୁଆ ସେ ବାଟ ଦେଇ ଯାଉଥିଲା । କାଳୁ ତାକୁ ଡାକି କହିଲା, "ଭାଲୁଆ ଭାଇ ଆସିଲ, ଏ ଦୁହିଁଙ୍କ ଝଗଡ଼ାର ଫଇସଲା କରିବା।'

ଭାଲୁଆ ଅଟକି ଯାଇ କହିଲା, 'ସକାଳୁ ସକାଳୁ ଦୁଇ ପକ୍ଷୀଙ୍କ ଭିତରେ କି ଝଗଡା ?" କାଳୁ ତାକୁ ଗତ କାଲିର ପରୀକ୍ଷା କଥା ବୁଝାଇ ଦେଇ ପଚାରିଲା, "କହିଲ ଭାଇ ଆଜି ସକାଳେ କାହା ରାବ ଶୁଣି ତୁମ ନିଦ ଭାଙ୍ଗିଲା, କାଉର ନା କୁକୁଡ଼ାର ?" ଭାଲୁଆ ଟିକେ ସମୟ ରହି ଯାଇ ମନେ ପକାଇ କହିଲା "ଆଜି ସକାଳୁ ତ ମୁଁ କୁକୁଡ଼ା ଗଞ୍ଜା ରାବ ଶୁଣି ନିଦରୁ ଉଠିଲି । ଆମ ସାହିରେ ତ କେହି କୁକୁଡ଼ା ରଖି ନାହାନ୍ତି । ତେବେ ତୁମ ସାହିରୁ ଏଇ ଗଞ୍ଜାର ଜୋର ଜୋର ରଡ଼ି ଶୁଭୁଥିଲା । ସେଥି ଯୋଗୁଁ ଆମ ସମସ୍ତଙ୍କ ନିଦ ଭାଙ୍ଗିଲା ।"

ଭାଲୁଆ କଥା ଶୁଣି ଗଞ୍ଜା ତା' ଛାତିକୁ ଫୁଲାଇ ଆଉଥରେ କୁକୁଡୁ କୁ କରି ରାବ ଦେଲା। କାଉ ଲାଜରେ କା କା କରି ସେ ଜାଗାରୁ ଉଡ଼ି ପଳାଇଲା।


+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ
ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

# କୋଟପାଡ଼ରେ ଏନଏସି ସ୍ତରୀୟ ପରବର ଶୁଭ ଉଦ୍‌ଘାଟନ

ଜୟପୁର,୨୭/୧୧ (ନି.ପ୍ର): କଳା, ସଂସ୍କୃତି ଓ ଐତିହ ର ଅପୂର୍ବ ମିଳନ ହେଉଛି କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ ପରବ ।ଲୁକାୟିତ ପ୍ରତିଭା ଅନ୍ୱେଷଣ ପରବର ମୁଖ୍ୟ ଉଦେଶ୍ୟ । ଜିଲ୍ଲା ସ୍ତରୀୟ ପରବ କୋରାପୁଟ ଠାରେ ହେବାକୁ ଥିବାବେଳେ ଆଜି କୋଟପାଡ଼ ଠାରେ ଏନଏସି ସ୍ତରୀୟ ପରବର ଶୁଭ ଉଦଘାଟନ ହୋଇଯାଇଛି । ଉଦଘାଟନୀ ଉତ୍ସବରେ କୋଟପାଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ମାଉଲିଙ୍କ ପାଖରେ ପୂଜାର୍ଚ୍ଚନା ପରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ମା' ମାଉଲିଙ୍କ ମନ୍ଦିର ଠାରୁ ବାହାରି କୋଟପାଡ଼ ଭୈରବ ପଡ଼ିଆ ଠାରେ ପହଞ୍ଚିଥିଲା ।ଅନୁଷ୍ଠାନିକ ଭାବେ ପରବ ପତାକା ଉତୋଳନ ପରେ ବିଭିନ୍ନ ଖେଳ କୁଦ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏନଏସି ପରବ ମଞ୍ଚରେ କୋଟପାଡ଼ ନଭେମ୍ବର ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏନଏସି ସ୍ତରୀୟ ପରବ ପ୍ରତିଯୋଗିତାରେ ଖେଳ କୁଦ ସହ, କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ, ଅନ୍ୟାନ୍ୟ ପ୍ରତିଯୋଗିତା ଆୟୋଜିତ ହେବ ଆଜିର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟକ ରୁପୁ ଭତରା ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥିଭାବେ ଏନଏସି ଅଧକ୍ଷ ଏମ. ଶଙ୍କର ରାଓ ଙ୍କ ସହ ସମସ୍ତ ଓ୍ୱର୍ଡମେମ୍ବର, ସମସ୍ତ କ୍ରୀଡା ଶିକ୍ଷକ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଏସଏଚଜି ଗ୍ରୁପର ମହିଳାଙ୍କ ସହ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ ।

# ଜିଲ୍ଲାପାଳଙ୍କ ଦ୍ୱାରା ଶିଶୁ ଝୁଲଣା କେନ୍ଦ୍ର ଉଦ୍ଘାଟିତ

ବଲାଙ୍ଗିର,୨୭/୧୧ (ନି.ପ୍ର): ବଲାଙ୍ଗୀର ଜିଲ୍ଲାର ପାଲେସ ଲାଇନ ସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମ ମଙ୍ଗଳ ପାଠାଗାର,ସାଲେପାଲି ର ଆୟୋଜନ କ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଡକ୍ଟର ଅନୁପମା ପ୍ରଧାନ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାପାଳ ଗୌରବ ଶିବାଜୀ ଇସଲ୍ ଓ୍ୱାରଙ୍କ ଦ୍ୱାରା ଶିଶୁ ଝୁଲଣ। କେନ୍ଦ୍ର ଉଦ୍ ଘାଟିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଅବାଞ୍ଛିତ ଶିଶୁ ମାନଙ୍କୁ ଅସୁରକ୍ଷିତ ସ୍ଥାନରେ ପରିତ୍ୟାଗ କରି ସେମାନଙ୍କୁ ଏହି ଝୁଲଣ କେନ୍ଦ୍ର ସୁରକ୍ଷିତ ପାଳନରେ ରହି ଶିଶୁ ର ଜୀବନ ବଞ୍ଚାଇବା । ଅଲୋଡ଼ା ହୋଇଥିବା ଶିଶୁ ମାନଙ୍କୁ ଫିଙ୍ଗି ଦିଅନ୍ତୁ ନାହିଁ,ଗୋପନରେ ଆସି ନିଜ ପରିଚୟ ନ ଦେଇ ସୁରକ୍ଷିତ୍ ଭାବେ ଛାଡ଼ି ଦେଇ ଘଣ୍ଟି ସାଇରନ ବଜାଇ ଯାଆନ୍ତୁ, ଯଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଏକ ପରିବାର ତଥା ଏକ ପିତା ମାତା ପାଇପାରିବ। ଅଲୋଡ଼ା ଶିଶୁ ଆଉ କାହା ପାଇଁ ଯୌବନ ସଂଖାଳି ହୋଇପରିବ ।ଏହି ଅବସରରେ ଗ୍ରାମ ମଙ୍ଗଳ ପାଠାଗାର ର ସଭାପତି ପଞ୍ଚାନନ ସାମଲ,ସମ୍ପାଦକ ଭୁବନେଶ୍ୱର ସାମଲ,କର୍ଯନିର୍ବହି ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ,ଜିଲ୍ଲା ପରିଷଦ,ତରଣି ସୁନା,ମୁଖ୍ୟ ଚିକିତ୍ସାଧିକାରୀ ରମେଶ ସାହୁ ଉପସ୍ଥିତ ଥିବାବେଳେ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଆଇନ୍ ପରିବିକ୍ଷକ ଅଧିକାରୀ ଦିଗମ୍ବର କର ଝୁଲଣ କେନ୍ଦ୍ର ଉପରେ ଜଣାଇ ଥିଲେ।

## ବିବାହିତା ମହିଳାଙ୍କ ଆତ୍ମହତ୍ୟା

କୋରାଇ,୨୭/୧୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତର ସୋତି ଗ୍ରାମରେ ଜଣେ ବିବାହିତା ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପ୍ରକାଶ ଯେ ସୋତି ଗ୍ରାମର ଦିବାକର ଭୂୟାଁଙ୍କ ଏକମାତ୍ର ପୁତ୍ର ଶ୍ରୀଧର(କାଳିଆ) ସେହି ଗ୍ରାମର ଗଦାଧର ନାୟକଙ୍କ ଝିଅ ନିରୁପମା(କଣ୍ଢେଇ) ୨୮ଙ୍କୁ ବୈଦିକ ରିତୀରେ ଗତ ବର୍ଷ ମାର୍ଚ୍ଚ ୧୨ ତାରିଖରେ ବିବାହ କରିଥିଲେ। ଉଭୟଙ୍କର ଏକ ଦଶ ମାସର ପୁତ୍ର ସନ୍ତାନଟିଏ ମଧ୍ୟ ଅଛି। ଶ୍ରୀଧର ଭଦ୍ରକର ଏକ ଦୋକାନରେ ସେଲ୍ସମ୍ୟାନ ଭାବେ କାର୍ଯ୍ୟ କରୁଥିବା ବେଳେ ସେ ସପ୍ତାହକୁ ଥରେ ଘରକୁ ଆସନ୍ତି। ଘରେ କଣ୍ଢେଇଙ୍କ ସହିତ ବୃଦ୍ଧ ଶାଶୁ, ଶ୍ୱଶୁର ଓ ଏକମାତ୍ର ଅବିବାହିତ ନଣନ୍ଦ ଅଛନ୍ତି। ତେବେ ଶ୍ରୀଧରଙ୍କ ସଂସାର ହସଖୁସୀରେ ଚାଲିଥିବା ବେଳେ ଗତ ବୁଧବାର ରାତିରେ ସମସ୍ତେ ଖାଇ ପିଇ ଶୋଇବାକୁ ଯାଇଥିଲେ। ମାତ୍ର ଆଜି ମାଣବସା ଗୁରୁବାର ଥିବାରୁ କଣ୍ଢେଇର ଶାଶୁ ସକାଳୁ କଣ୍ଢେଇକୁ ଡ଼ାକିବାକୁ ଯାଇ କବାଟ ବାଡ଼େଇଥିଲେ। ମାତ୍ର କବାଟ ନଖୋଲିବାରୁ ସେ ପଡ଼ିଶା ଘରକୁ ଡ଼ାକ ପକାଇଥିଲେ। ପଡ଼ିଶା ଘରଲୋକମାନେ ଆସି ଝରକା ତାଡ଼ି ଦେଖିବା ବେଳକୁ କଣ୍ଢେଇ ଭିତର ପଟୁ କବାଟ ବନ୍ଦ କରି ଏକ ଶାଢୀରେ ଫ୍ୟାନରେ ରଶି ଲଗାଇ ଝୁଲୁଥିବାର ଦେଖି କବାଟ ତାଡ଼ି ବାହାରକୁ ଆଣିଥିଲେ। ଏ ନେଇ ଝିଅ ଘର ପରିବାର ଲୋକମାନେ ଥାନାରେ ଜଣାଇବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ୩୭/୨୫ରଜୁ କରି ସାଇଂଟିଫିକ ଟିମ ସହିତ ତଦନ୍ତ କରି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୂଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ୬୯ତମ ରାଜ୍ୟସ୍ତରୀୟ ସ୍କୁଲ ସମୂହ ଫୁଟବଲ, ଫେନସିଂ ଓ ଥାଙ୍ଗଟା ପ୍ରତିଯୋଗିତା ଉଦ୍‌ଘାଟିତ

ବଲାଙ୍ଗିର,୨୭/୧୧ (ନି.ପ୍ର): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ୬୯ତମ ରାଜ୍ୟସ୍ତରୀୟ ସ୍କୁଲ ସମୂହ ଫୁଟବଲ,ଫେନସିଂ ଓ ଥାଙ୍ଗ ଟା ରାଜ୍ୟସ୍ତରୀୟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇଶଲଓ୍ୱାରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗୀର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ,ସମ୍ମାନୀତ ଅତିଥି ଭାବେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ,ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ,ସହକାରୀ ନିର୍ଦ୍ଦେଶକ (ଶାରୀରିକ ଶିକ୍ଷା) ଜ୍ୟୋତିପ୍ରସାଦ ପରିଡ଼ା, ବଲାଙ୍ଗୀର ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ.ଶ୍ରୀକର ମିଶ୍ର,ବଲାଙ୍ଗୀର ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ହରିନାରାୟଣ ପୂଝାରୀ,ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ, ରାଜ୍ୟ ଫେନସିଂ ସଂଘ ଯୁଗ୍ମ ସଂପାଦକ ସୁମିତ କୁମାର ପୁରୋହିତ,ବଲାଙ୍ଗୀର ଅତିରିକ୍ତ ଆରକ୍ଷୀ ଅଧିକାରୀ ଗୁଣନିଧି ମଲ୍ଲିକ,ଟିଟିଲାଗଡ଼ ଡିଏଭି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବ ପ୍ରସାଦ ବେହେରା, ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଦୁର୍ଯ୍ୟୋଧନ ରାଉତ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଖେଳାଳି ମାନଙ୍କ ଖେଳୁଆଡ ମନୋବୃତ୍ତିକୁ ଆଗକୁ ବଢ଼େଇବା ପାଇଁ ପ୍ରେରଣା ଦେଇଥିଲେ। କ୍ରୀଡ଼ା ଶିକ୍ଷକ ହେମନ୍ତ ପ୍ରଧାନ ମଂଚ ପରିଚାଳନା କରିଥିବା ବେଳେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଧନ୍ୟବାଦ ଦେଇଥିଲେ । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମୋଟ ୩୧ଟି ଜିଲ୍ଲାର ୫୫୭ ପ୍ରତିଯୋଗୀ ୪୧ ଜଣ ଟିମ ମ୍ୟାନେଜର ଓ କୋଚ ଏବଂ ୧୦୩ ଜଣ ରାଜ୍ୟ ଖେଳ ପରିଚାଳକ ଓ ୧୯୫ ଜଣ ଜିଲ୍ଲା ଅଫିସିଆଲ ଯୋଗ ଦେଇଛନ୍ତି । ଏହି ଉଦଘାଟନୀ ସମାରୋହକୁ ବଲାଙ୍ଗୀର ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା,ରୀନା କୁମାରୀ ବେହେରା,ସେବାଶ୍ରୀ ଭୋଇ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ସମସ୍ତ ବ୍ଲକର ବିଇଓ, ପ୍ରଧାନ ଶିକ୍ଷକ ଓ ଜିଲ୍ଲାର ସମସ୍ତ କ୍ରୀଡ଼ା ଶିକ୍ଷକ,ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ସମ୍ବିଧାନ ଦିବସ ପାଳିତ: ସୁବାସ ନାୟକ ସମ୍ମାନିତ

ସମ୍ବଲପୁର,୨୭/୧୧ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ମହଦା ଗ୍ରାମ ସ୍ଥିତ ରାଜୀବ ଭବନ ପରିସରରେ ପଂଚାୟତ ପକ୍ଷରୁ ବୁଦ୍ଧ ସାମାଜିକ ପରିବର୍ତନ ସମିତି ସହାୟତାରେ ପିଇଓ ସାଲେଗ୍ରାମ୍ ଭୋଇଙ୍କ ସଭାପତିତ୍ୱରେ ଏବଂ ସୁରୁମଣି ଶୁନାନୀଙ୍କ ସଂଯୋଜନାରେ ସମ୍ବିଧାନ ଦିବସ ଓ ଲୋକ ସଭାର ପ୍ରଥମ ଓଡ଼ିଆ ବାଚସ୍ପତି ରବି ରାୟଙ୍କ ଜୟନ୍ତୀ ଶତବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ବିଶିଷ୍ଟ ସମାଜସେବୀ ତଥା ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସମ୍ବିଧାନ ଗଠନ ପକ୍ରିୟାରେ ଡ଼ ଆମ୍ବେଦକରଙ୍କ ଉତ୍ସର୍ଗୀକୃତ ଭୂମିକା ଓ ପ୍ରସ୍ତାବନା ଉପରେ ଆଲୋଚନା କରିବା ପରେ ଦିବଙ୍ଗତ ଲୋକସଭା ବାଚସ୍ପତି ରବି ରାୟଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୁଖ୍ୟବକ୍ତା ଭାବରେ ଧନକଉଡ଼ା ବ୍ଲକର ଅବସରପ୍ରାପ୍ତ ଏବିଇଓ ଭବାନୀ ଶଙ୍କର ସାହୁ ଯୋଗଦେଇ ସମ୍ବିଧାନ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସାମାଜିକ କର୍ମୀ ଶ୍ରଦ୍ଧାକର ଜୟପୁରୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ପୂର୍ବତନ ଲୋକସଭା ବାଚସ୍ପତି ରବି ରାୟଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜନ କମିଟି ପକ୍ଷରୁ ମୁଖ୍ୟଅତିଥି ସୁବାସ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଭୀଷ୍ମଦେବ ଶୁନାନୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ହୋମେଶ୍ୱର ମହାନନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦିଲ୍ଲୀପ ତାଣ୍ଡିଆ, ରୋହିତ ସୁନାନୀ, ଲକ୍ଷ୍ମୀକାନ୍ତ କୁସୁମ, ମନୋହର ମହାନନ୍ଦ ପ୍ରମୁଖ ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ ଉଦ୍ଘାଟିତ

ଭୁବନେଶ୍ୱର,୨୭/୧୧ (ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଏସ୍.ଆଇ.ଏସ୍.ଇ.ଆର)ର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ନିରନ୍ତର ପୁନର୍ବାସ ଶିକ୍ଷା (ସିଆରଇ) କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ ଯେ ଶିଶୁମାନଙ୍କୁ ପ୍ରଥମରୁ ଉପଯୁକ୍ତ ଯତ୍ନ ଓ ଚିକିତ୍ସା ଦିଆଯାଇପାରିଲେ ସେମାନଙ୍କର ଭିନ୍ନକ୍ଷମତାକୁ ନିୟନ୍ତ୍ରଣ କରାଯାଇପାରିବ । ଚଳିତ ବର୍ଷର ଶୀର୍ଷକ 'ବହୁବିଧ ଭିନ୍ନକ୍ଷମତା ପାଇଁ ପ୍ରାରମ୍ଭିକ ହସ୍ତକ୍ଷେପର ଗୁରୁତ୍ୱ' ରହିଥିବାବେଳେ ଏହା ଆଜିର ସମୟର ପ୍ରାସଙ୍ଗିକତା ବୋଲି ମତ ରଖି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଲେ ଯେ ଭିନ୍ନକ୍ଷମମାନଙ୍କ ମଧ୍ୟରେ ଅନେକ ଅନ୍ତର୍ନିହିତ ପ୍ରତିଭା ରହିଛି । ରାଜ୍ୟ ସରକାର ସେମାନଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା ପାଇଁ ପ୍ରତିବଦ୍ଧ । ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲା ଓ ବ୍ଲକ୍ ସ୍ତରରେ ଭିନ୍ନକ୍ଷମ ପିଲାମାନଙ୍କ ଉପଚାର ପାଇଁ ଡି.ଡି.ଆରସି , ଆଇ.ଆଇ.ସି ଏବଂ ଅନ୍ୟାନ୍ୟ ସଂସ୍ଥା ମାଧ୍ୟମରେ ପୁନର୍ବାସ କେନ୍ଦ୍ର ଖୋଲାଯାଇଛି । ସେମାନଙ୍କ ପାଇଁ ବିଭିନ୍ନ ପ୍ରକାର ଉପଚାର, ସ୍ୱତନ୍ତ୍ର ଶିକ୍ଷା ଏବଂ ଶାରୀରିକ ଓ ମାନସିକ ଯତ୍ନକୁ ଗୋଟିଏ ସମନ୍ୱିତ ବ୍ୟବସ୍ଥା କରାଯାଇଛି । ବିଭାଗୀୟ ନିର୍ଦ୍ଦେଶକ ଆଇ.ଏ.ଏସ ସୁଶ୍ରୀ ପାରୁଲ ପଟାଓ୍ୱରୀ କହିଲେ ଯେ ବିଭିନ୍ନ ପ୍ରକାର ଶାରୀରିକ ଭିନ୍ନକ୍ଷମତା ଥିବା ପିଲାମାନଙ୍କ ସହ ଅଟିଜିମ୍ ରେ ପୀଡ଼ିତ ଶିଶୁମାନଙ୍କୁ ସ୍ପିଚ୍ ଥେରାପି, ଅକୁପେସନାଲ ଥେରାପି ଦିଆଯାଇ ସେମାନଙ୍କ ସାମର୍ଥ୍ୟରେ ଉନ୍ନତି ଆଣିହେବ । ଉପଯୁକ୍ତ ଶାରୀରିକ ଓ ମାନସିକ ମାର୍ଗଦର୍ଶନ ସହ ସ୍ୱତନ୍ତ୍ର ଶିକ୍ଷା ସେମାନଙ୍କୁ ଭବିଷ୍ୟତରେ ଆତ୍ମନିର୍ଭର ହୋଇ ଜୀବନଯାପନ କରିବାରେ ସମର୍ଥ କରିପାରିବ । ଏଥି ପାଇଁ ବାଲ୍ୟକାଳରୁ ଶିଶୁଟିର ଭିନ୍ନକ୍ଷମତାର ମୂଲ୍ୟାୟନ, ନିରନ୍ତର ଯୋଜନା, ଡାକ୍ତର ଏବଂ ବିଶେଷଜ୍ଞମାନଙ୍କ ମଧ୍ୟରେ ସମନ୍ୱୟ, ପରିବାରର ଯତ୍ନର ଆବଶ୍ୟକତା ରହିଛି ।

# ଜଳେଶ୍ୱରରେ ବେଆଇନ ବାଲିଖାଦାନ ଉପରେ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଚଢ଼ାଉ

## ୩୦ ଟି ହାଇଓ୍ୱା ଟ୍ରକ୍ ଜବତ ସହ ୭ ଜଣ ଥାନାରେ ଅଟକ

ଜଳେଶ୍ୱର,୨୭/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ ପୋଲିସ୍ ବିଭାଗ ମିଳିତ ଭାବେ ଗତ କାଲି ରାତି ପ୍ରାୟ ୧୦ ଘଟିକା ସମୟରେ ଜଳେଶ୍ୱର ତହସିଲ୍ ଅଧୀନସ୍ଥ ସୁବର୍ଣ୍ଣରେଖା ନଦୀର ଚାଲନ୍ତି ଅଞ୍ଚଳରେ ଅବୈଧ ବାଲି ଉତ୍ତୋଳନ ଏବଂ ପରିବହନ ଉପରେ ଚଢ଼ାଉ କରିଥିଲେ ।ଏହି ଚଢ଼ାଉ ସମୟରେ ଅନୁମତି ବିହୀନ ଭାବେ ବାଲି ପରିବହନ କରୁଥିବା ୩୦ ଟି ହାଇଓ୍ୱା ଟ୍ରକ୍ ଜବତ କରାଯାଇଛି ।ଏହି ବିଶେଷ ଅଭିଯାନରେ ଜିଲ୍ଲାର ପ୍ରଶାସନିକ ଏବଂ ପୋଲିସ୍ ଅଧିକାରୀମାନେ ସିଧାସଳଖ ଭାବରେ ଅଂଶଗ୍ରହଣ କରିଥିଲେ ।ଜିଲ୍ଲାପାଳ ସୂର୍ଯ୍ୟବଂଶୀ



ମୟୂର ବିକାଶ,ଏସପି ପ୍ରତ୍ୟୁଷ ଦିବାକର,ଉପ ଜିଲ୍ଲାପାଳ ଶିଭ ମାଳବିୟ ଏବଂ ଡି.ଏସ.ପି. ସିଟି ମନିଷା ଶୌଗୁନଙ୍କ ନେତୃତ୍ୱରେ ଏହି ଚଢ଼ାଉ ଅନୁଷ୍ଠିତ ହୋଇଥିଲା ।ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି,ଏସଡିପିଓ ସୁବ୍ରତ କୁମାର ବେହେରା,ଆଇଆଇସି ଅଶୋକ କୁମାର ବାରିକ ଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଏବଂ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ଦଳ ମଧ୍ୟ ଏହି ସମୟରେ ଉପସ୍ଥିତ ଥିଲେ ।ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଜଣାଇଛନ୍ତି ଯେ ଅବୈଧ ଖନନ ବିରୋଧରେ ଶୂନ୍ୟ ସହିଷ୍ଣୁତା ନୀତି ଅବଲମ୍ବନ କରାଯିବ ।ଆଗାମୀ ଦିନମାନଙ୍କରେ ଏହିପରି ଚଢ଼ାଉ ଜାରି ରଖାଯିବ ବୋଲି ମଧ୍ୟ କହିଛନ୍ତି ।ଜବତ ହୋଇଥିବା ଟ୍ରକ୍ ସମେତ ଅପରାଧୀମାନଙ୍କ ବିରୁଦ୍ଧରେ ଓଡ଼ିଶା ପରିବେଶ ପାଳନ ନିୟମାବଳୀ (ଏମଏମସି) ନିୟମ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ଆଇନ ଅନୁସାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପ୍ରକ୍ରିୟା ଚାଲୁରହିବ ବୋଲି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି।

## ସହିଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

ଗଞ୍ଜାମ,୨୭/୧୧ (ନି.ପ୍ର): ରେଶମ ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ର ତରଫରୁ୨୬/୧୧ ସନ୍ତ୍ରାସବାଦ ଆକ୍ରମଣରେ ଶହୀଦ ବୀର ଯବାନମାନଙ୍କୁ ଉର୍ଦ୍ଦେଶ୍ୟରେ ଗାନ୍ଧୀ ନଗର ମୁଖ୍ୟ ରାସ୍ତାସ୍ଥିତ ଗାନ୍ଧୀ ପ୍ରତିମୂର୍ତି ନିକଟରେ ଏକ ଶ୍ରଦ୍ଧାଞ୍ଜଳି ତଥା ସମ୍ମାନ ଜ୍ଞାପନ ସଭାର ଆୟୋଜନ କରାଯାଇଥିଲା। ସହିଦଙ୍କ ତୈଳ ଚିତ୍ର ସମ୍ମୁଖରେ ଦ୍ୱୀପ ଓ ମହମ ବତୀ ପ୍ରଜ୍ୱଳନ କରାଯାଇ ପୁଷ୍ପ ଓ ଧୂପ ପ୍ରଦାନ କରାଯାଇଥିଲା।

# କନ୍ଧମାଳ ଜିଲ୍ଲା ଓ୍ୱାଇ. ଏମ୍. ସି.ଏର ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ

କନ୍ଧମାଳ,୨୭/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଓ୍ୱାଇ. ଏମ. ସି.ଏ (ୟଙ୍ଗ ମେନ୍ସ ଖ୍ରୀଷ୍ଟିଆନ ଏସୋସିଏସନ୍)ର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥଲା। ଏଥିରେ ପୂର୍ବ ବର୍ଷର କାର୍ଯକ୍ରମ ଓ ଆୟ ବ୍ୟୟ ସଂପର୍କରେ ବିଶଦ ଭାବେ ଆଲୋଚନା ପରେ ନୂତନ କର୍ମକର୍ତା ନିର୍ବାଚନ ଅନୁଷ୍ଠିତ ହୋଇଥଲା। ସଭାପତି ଭାବେ ସିମ୍ମିରନ୍ ନାୟକ, ସଧାରଣ ସମ୍ପାଦକ ଭାବରେ ସ୍ମୃତିରଞ୍ଜନ ନାୟକ, ଯୁଗ୍ମ ସମ୍ପାଦକ ଭାବେ ଅସିତ୍ କୁମାର ଦାସ, କୋଷାଧ୍ୟକ୍ଷ ଭାବେ ପରିତୋଷ ଚନ୍ଦ୍ର ମିଶ୍ର, ମନୋନୀତ ହୋଇଥିବା ବେଳେ ଏକ୍ସ ଅଫିସିଓ ମେମ୍ବର ଭାବେ ସଭାପତି ଓ ବିସୀ ଗି ଡି ଓନ ନାୟକ, ସଧାରଣ ସମ୍ପାଦକ ଓ ବି ସି ରବିନ ସାମନ୍ତ ରାୟ, ପଷ୍ଟର ବିଜୟ କରଦା, ପ୍ରିଚେର ଜିତେନ୍ଦ୍ରିୟ ସୁନାଙ୍କୁ ମୋନନୀତ କରାଯାଇଛି କ୍ଷ ସେହିପରି ବୋର୍ଡ ମେମ୍ବର ଭାବେ ଡଃ ଅରୂପ ଜେନା, ସୁଇଟ ବର୍ଣ୍ଣ ନାୟକ, ଆଲୋକ ସାମନ୍ତରାୟ, ଝିଜିକ୍ଲେ ନାୟକ, ମିଶାଇଲ ନାୟକ, ଦେବେନ୍ଦ୍ର ନାୟକ, ପୁଷ୍ପିତକ୍ଷ ରାଉତ ଓ ପୁନମ କହଁର ପ୍ରମୁଖ ମନୋନୀତ ହୋଇଛନ୍ତି। ନୂତନ ସଭାପତି ସିମିରନ ନାୟକଙ୍କ ବଳିଷ୍ଠ ନେତୃତ୍ୱ ଓ ଉତ୍ସର୍ଗୀକୃତ ମନୋଭାବ, ନୂତନ ଚିନ୍ତାଧାରା ଏହି ସଙ୍ଗଠନକୁ ଆଗେଇ ନେବା ସହ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବ ବୋଲି କୁହାଯାଇଛି। ସେହିପରି ଅଭିଜ୍ଞ, ଦକ୍ଷ, ସଚ୍ଚୋଟ ବୋର୍ଡ଼ ମେମ୍ବରମାନଙ୍କ ସଠିକ୍ ଦିଗ୍ ଦର୍ଶନ ଓ ଆନ୍ତରିକ ସହଯୋଗ ରହିବ ବୋଲି ନବନିର୍ବାଚିତ ସଭାପତି ସମିରନ ନାୟକ କହିଛନ୍ତି।

# ଭତ୍ତା ଗଣ୍ଡାକ ପାଇଁ ଅନ୍ୟର ମୃତ୍ୟୁକୁ ଅପେକ୍ଷା

ସମ୍ବଲପୁର,୨୭/୧୧ (ନି.ପ୍ର): କେଉଁଠି ଲୋକେ ଜୀବନରୁ ମୁକ୍ତି ପାଇବା ପାଇଁ ମୃତ୍ୟୁକୁ ଅପେକ୍ଷା କରିଥାନ୍ତି। ମାତ୍ର ଏବେ ଏହା କିଛି ଅଲଗା ଦିଗକୁ ଯାଇଛି। ସରକାର ଦେଉଥିବା ଭତା ଗଣ୍ଡାକ ପାଇବା ପାଇଁ ଅନ୍ୟର ମୃତ୍ୟୁକୁ ଅପେକ୍ଷା କରିବାକୁ ପଡୁଛି। ରାଜ୍ୟ ସରକାରଙ୍କର ଏହି ଅଜବ ନିୟମ ପାଇଁ ଲୋକେ ଭତା ପାଇବାରୁ ବଂଚିତ ହେଉଛନ୍ତି। ସମ୍ବଲପୁରରେ ଏହି ନିୟମ ପାଇଁ ଭତା ପାଇବାରେ ୧୩ ହଜାରରୁ ଅଧିକ ହିତାଧିକାରୀ ବଂଚିତ ରହିଛନ୍ତି। ସରକାରୀ ନିୟମ ଅନୁଯାୟୀ , ବାର୍ଦ୍ଧକ୍ୟ ଭତା ପାଉଥିବା ଜଣେ ହିତାଧିକାରୀଙ୍କ ମୃତ୍ୟୁ ପରେ ଯାଇ ଆଉ ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ଭତା। ପଛକୁ ପଛ ଧାଡି ଲାଗିଲା ପରି ଭତା ପାଇବା ପାଇଁ ଏବେ ମରଣର ଅପେକ୍ଷା କରିବାକୁ ପଡ଼ିବ। ଅନ୍ୟ ହିତାଧିକାରୀଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଜଣେ ହିତାଧିକାରୀଙ୍କୁ ଅପେକ୍ଷା କରିବାକୁ ପଡ଼ିବ। ଏହାକୁ ସରକାରୀ ଭାଷାରେ ଡେଥ୍ ଭ୍ୟାକେନ୍ସି କୁହାଯାଉଛି। ଅର୍ଥାତ ମୃତ୍ୟୁ ପରେ ଖାଲି ହେଉଥିବା ସ୍ଲଟରେ ନୂଆ ହିତାଧିକାରୀଙ୍କୁ ଭତା ଦିଆଯାଉଛି। ଏହି ଅଜବ ନିୟମ ପାଇଁ କେବଳ ସମ୍ବଲପୁର ଜିଲ୍ଲା ନୁହେଁ ବରଂ ରାଜ୍ୟର ସମସ୍ତ ଜିଲ୍ଲାର ମୋଟ ୧୩ ହଜାର ୪୩୧ ଜଣ ଯୋଗ୍ୟ ହିତାଧିକାରୀ ଅପେକ୍ଷା କରିଛନ୍ତି। ଏମାନେ ଭତା ପାଇବା ପାଇଁ ଯୋଗ୍ୟ ହେଲେ ସୁଦ୍ଧା ଅନ୍ୟ ହିତାଧିକାରୀଙ୍କ ମୃତ୍ୟୁ ପରେ ହିଁ ଏମାନଙ୍କୁ ଭତା ମିଳିବ। ସମ୍ବଲପୁର କୁଚିଣ୍ଡା ବ୍ଲକ ଜଟିଆପାଲି ଗାଁର ୮୬ ବର୍ଷୀୟା ଗୋମତୀ ବାଦୀ । ବୟସ ଅନୁସାରେ ସେ ୩୫୦୦ ଟଙ୍କା ଭତା ପାଇବା କଥା। କିନ୍ତୁ ପାଉଛନ୍ତି ୧୦୦୦ ଟଙ୍କା। ୩୫୦୦ ଭତା ପାଇଁ ଆବେଦନ କରିଛନ୍ତି। ଏ ଅଫିସରୁ ସେ ଅଫିସ ଧାଇଁ ଧାଇଁ ନୟାନ୍ତ ହେଲେଣି। କିନ୍ତୁ ତାଙ୍କୁ ବର୍ଦ୍ଧିତ ଭତା ମିଳିପାରୁନି। ଆଉ ଏହାର କାରଣ ହେଲା ସେହି ଅଜବ ନିୟମ। ଡେଥ୍ ଭେକେନ୍ସି ହେଲେ ଯାଇ ଗୋମତୀଙ୍କୁ ବର୍ଦ୍ଧିତ ଭତା ମିଳିବ। ସରକାର ଅଧିକ ଟାର୍ଗେଟ ଦେଉନଥିବାରୁ ଏଭଳି ନିୟମ ଚାଲିଥିବା ଜଣାପଡ଼ିଛି। ଜିଲ୍ଲାରେ ୯୦ ଜଣ ହିତାଧିକାରୀ ୮୦ ବର୍ଷ ପାର୍ କରିସାରିଥିଲେ ସୁଦ୍ଧା ଅନ୍ୟର ମୃତ୍ୟୁ ହେଉନି ବୋଲି ତାଙ୍କୁ ୩୫୦୦ ଟଙ୍କା ଭତା ମିଳିପାରୁନି। ଏନେଇ ମନ୍ତ୍ରୀ ରବି ନାୟକଙ୍କୁ କିଛି ଗଣମାଧ୍ୟମ ପ୍ରତିନିଧି ପଚାରିବାକୁ ଉଦ୍ୟମ କରିଥିଲେ ମଧ ଏ ସମ୍ପର୍କରେ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଥିଲେ।

# ପାରିବାରିକ ପତ୍ରିକା 'ମଧୁଲିତା'ର ବିଂଶତମ ବାର୍ଷିକ ଉତ୍ସବ




ଭୁବନେଶ୍ୱର,୨୭/୧୧ (ନି.ପ୍ର): 'ମାଆ ବିନା ମଣିଷର ଜୀବନ ଅଧୁରା। ମାଆ ହିଁ ମଣିଷକୁ ତିଆରି କରେ, ହାତ ଧରି ବଡ଼ କରେ। ମାଆକୁ ଅବହେଳା କଲେ ପରିବାର ଧ୍ୱଂସ ହେଇଯାଏ ।ଜଣେ ଉତ୍ତମ ମା' ହିଁ ଉତ୍ତମ ସନ୍ତାନ ଜନ୍ମ କରେ ଏବଂ ଏହା ସୁସ୍ଥ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ' ବୋଲି ମନନଶୀଳ ପାରିବାରିକ ପତ୍ରିକା 'ମଧୁଲିତା'ର ବିଂଶତମ ବାର୍ଷିକ ଉତ୍ସବରେ ଅତିଥିମାନେ ଏହିପରି ମତପୋଷଣ କରିଛନ୍ତି। ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ବରିଷ୍ଠ କବି ଓ ସ୍ତମ୍ଭକାର ନିରାକାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିମାନେ ପତ୍ରିକାର'ବୋଉ' ସଂସ୍କରଣର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ଉତ୍ସବକୁ ପ୍ରସିଦ୍ଧ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ବରେଣ୍ୟ ଅତିଥି ଭାବେ ପ୍ରାକ୍ତନ ଅର୍ଥମନ୍ତ୍ରୀ ତଥା ବିଶିଷ୍ଟ ଲେଖକ ପଞ୍ଚାନନ କାନୁନଗୋ ଓ ଭୁବନେଶ୍ୱର ମେୟର ତଥା ପ୍ରାକ୍ତନ ଇଟିଭି ମୁଖ୍ୟା ସୁଲୋଚନା ଦାସ ଯୋଗଦାନକରି କହିଲେ 'ମହିଳାମାନେ ଉତ୍ତମ ଶିକ୍ଷା ଓ ସଂସ୍କାର ପ୍ରାପ୍ତ ହୋଇ ପାରିଲେ,ଉତ୍ତମ ସମାଜ ଗଠନର ମୂଳଦୂଆ ପଡିପାରିବ।' ସେହିପରି ଆଇନଜୀବୀ ତଥା ବିଶିଷ୍ଟ ସମାଜସେବୀ ନମ୍ରତା ଚଢ଼ା, ପ୍ରାକ୍ତନ ଇନକମ୍ ଟ୍ୟାକ୍ସ କମିଶନର ଶୋଭନ କର,ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ବିଜେପି ନେତା ଜଗନ୍ନାଥ ପ୍ରଧାନ, ସିବିଆଇର ପ୍ରାକ୍ତନ ଆଇନ ପରାମର୍ଶଦାତା ରାଜଶ୍ରୀ ମହାପାତ୍ର ଓ ଟିଭି ଆଙ୍କର ଓ ଲେଖିକା କଳ୍ପନା ମିଶ୍ର ଓ ମହିଳା ଉଦ୍‌ଯୋଗପତି ସ୍ୱାତୀ ମହାପାତ୍ର ସମ୍ମାନନୀୟ ଅତିଥିଭାବେ ଯୋଗଦାନ କରି ସୁସ୍ଥ ପରିବାର ଗଠନରେ ମହିଳାମାନଙ୍କ ଭୂମିକା ସଂପର୍କରେ ବିସ୍ତୃତଭାବେ ଆଲୋଚନା କରିଥିଲେ। ପ୍ରତ୍ରିକାର ପ୍ରତିଷ୍ଠାତା ସମ୍ପାଦିକା ତଥା ସମାଜସେବୀ ମଧୁଲିତା ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରତ୍ରିକାର ପରିଚାଳନା ସଂପାଦିକା ତଥା ଗାଳ୍ପିକା ଅବନ୍ତୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କବି ସମ୍ମିଳନୀରେ କବୀ ଚାରୁଲତା ଭୂୟାଁ,କବୀ ମଧୁମିତା ମିଶ୍ର, ଗାଳ୍ପିକା ରଶ୍ମୀ ସାମଲ ସଂଯୋଜନା କରିଥିବାବେଳେ ଅନୁବାଦିକା ହରପ୍ରିୟା ମହାନ୍ତି ଧନ୍ୟବାଦ ଅର୍ପଣ କରିବା ସହ ମାନପତ୍ର ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୧୬ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ ପତ୍ରିକା ସମ୍ପାଦକ ସମ୍ମାନ ବିମଳ ପତି, ଯୁବ ଲେଖିକା ସମ୍ମାନ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଶ୍ରେଷ୍ଠ ଯୁବ ଗାଳ୍ପିକା ସମ୍ମାନ ଶ୍ୱେତପଦ୍ମା ପାଢ଼ୀ ତ୍ରିପାଠୀ, ଶ୍ରେଷ୍ଠ ମାଆ ସମ୍ମାନ ନମ୍ରତା ଚଢ଼ା, ଶ୍ରେଷ୍ଠ ସ୍ତମ୍ଭକାର ସମ୍ମାନ ଲଳିତେନ୍ଦୁ ପଲାଉରି, ଶ୍ରେଷ୍ଠ ପ୍ରଚ୍ଛଦ ସମ୍ମାନ ନଳିନୀ ମିଶ୍ର, ମଧୁଲିତା ପ୍ରବନ୍ଧ ସମ୍ମାନ ସୁନୀଲ ମିଶ୍ର, ମଧୁଲିତା ସ୍ୱାସ୍ଥ୍ୟସେବା ସମ୍ମାନ ଡାକ୍ତର ମୌସୁମୀ ଆଚାର୍ଯ୍ୟ, ଶ୍ରେଷ୍ଠ ଗଳ୍ପ ସମ୍ମାନ ପ୍ରଦେଶ ପ୍ରତ୍ୟୁଷ ଓ ସୁଦେଷ୍ଣା ଦାସ, ଶ୍ରେଷ୍ଠ କବିତା ସମ୍ମାନ ସରୋଜିନୀ ପାଣି ଓ ଚାରୁଲତା ଭୂୟାଁଙ୍କୁ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ରମେଶ ଚନ୍ଦ୍ର ପଟ୍ଟନାୟକ ଓ ପ୍ରତାପ ବୀରବର ଶ୍ରୀଚରଣ ପୃଷ୍ଟିଙ୍କୁ ମଧୁଲିତା ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମ୍ମାନ ପ୍ରଦାନ କରାଯାଇଥିଲାବେଳେ ସୁପରହିଟ୍ ଯୋଡ଼ି ଭାବରେ ଦୁଇଟି ଦମ୍ପତି ପ୍ରତାପ ଜେନା ଓ ସଂଘମିତ୍ରା ଜେନା ଏବଂ ଲକ୍ଷ୍ମୀକାନ୍ତ ଚୌଧୁରୀ ଓ ରାଜଲକ୍ଷ୍ମୀ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ବିଶିଷ୍ଟ କଣ୍ଠ ଶିଳ୍ପୀ ସାଗରିକା ପଟ୍ଟନାୟକ ଏବଂ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ କୁନି ପ୍ରତିଭା ଅନିନ୍ଦିତା ମିଶ୍ର ।ତାପରେ ସାବିତ୍ରୀବାଈ ଫୁଲେ ସଂଗଠନର ପିଲାମାନେ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ।

# ଦୁଲଦୁଲି କଳା ପରିଷଦ ପୁଣି ଥରେ ବଲାଙ୍ଗିର ପାଇଁ ଗୌରବ ଆଣିଲା : ସାହିତ୍ୟ ଏକାଡେମୀ ସମ୍ମାନରେ ସମ୍ମାନିତ

ବଲାଙ୍ଗିର,୨୭/୧୧ (ନି.ପ୍ର): ଜାତୀୟ ସ୍ତରରେ କଳା ଓ ସଂସ୍କୃତି ପାଇଁ ସୁଖ୍ୟାତ ଅର୍ଜନ କରିଥିବା ଦୁଲଦୁଲି କଳା ପରିଷଦ ବଲାଙ୍ଗିର ପାଇଁ ପୁଣି ଥରେ ଗୌରବ ଆଣି ଦେଇଛି । ଓଡିଶା ଭାଷ, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସଂଗୀତ ନାଟକ ଏକାଡେମୀ ଓଡିଶା ସରକାରଙ୍କ ଦ୍ୱାରା ଆୟୋଜିତ ହୋଇଥିବା ଏକାଡେମୀ ଏଓ୍ୱାର୍ଡ ୨୦୨୫ ପାଇଁ କଳା କ୍ଷେତ୍ରରେ ପାଣ୍ଡିତ୍ୟ: କଳା ସଂଗଠନ ବଲାଙ୍ଗିର ର ଦୁଲଦୁଲି କଳା ପରିଷଦକୁ ପ୍ରଦାନ କରାଯାଇଛି । ସେହି ପରି କବିଚନ୍ଦ୍ର କାଳିଚରଣ ଯୁବ ପ୍ରତିଭା ସମ୍ମାନ ସ୍ୱରୁପା ସିଂ ଙ୍କୁ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟ ସୂର୍ଯବଂଶି ଯୋଗ ଦେଇ ଥିବା ବେଳେ ଅନ୍ୟତନ ଅତିଥି ଭାବରେ ସିନେ ତାରିକା ତଥା ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସ ନାୟକ, ବିଧାୟକ ବାବୁ ସିଂ ଓ ସଂସ୍କୃତି ବିଭାଗର ସଚିବ ଓ ସଂଗୀତ ନାଟକ ଏକାଡେମୀର ସଚିବ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ଛତିଶଗଡର ରାଜଧାନୀ ରାୟପୁର ଠାରେ ୨୦୨୨ ମସିହାରେ ଆୟୋଜିତ ହୋଇଥିବା ସର୍ବ ଭାରତୀୟ ନୃତ୍ୟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ୩ଲକ୍ଷ ଟଙ୍କାର ଅର୍ଥ ପୁରସ୍କାର ପାଇଥିଲା । ଏହା ସହିତ ଭାରତ ବର୍ଷର ପ୍ରାୟ ପ୍ରାୟ ରାଜ୍ୟରେ ନିଜର ଲୋକକଳା ପ୍ରଦର୍ଶନ କରି ଦୁଲଦୁଲି କଳା ପରିଷଦ ଅନେକ ପ୍ରଶଂସିତ ହେଉଛି । ଏହି ଖବର ପ୍ରସାରିତ ହେବା ପରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ତଥା ବ୍ୟକ୍ତି ବିଶେଷଙ୍କ ଠାରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ଉତ୍ତର ଓଡିଶାର ଲୋକ ସଂସ୍କୃତି ଉପରେ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ ବାଲିଆପାଳରେ ଆଲୋଚନାଚକ୍ର



ବାଲେଶ୍ୱର, ୨୮/୧୧ (ନି.ପ୍ର): ଓଡିଶା ସାହିତ୍ୟ ଏକାଡେମୀ ତଥା ସ୍ୱାଧୀନତା ପୂର୍ବ ଉତ୍ତର ଓଡ଼ିଶାର କବି ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ନାମରେ ପ୍ରତିଷ୍ଠିତ ପ୍ରାଣକୃଷ୍ଣ କଳଚୁରାଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଉତ୍ତର ବାଲେଶ୍ୱରର ବାଲିଆପାଳସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ସଭାଗୃହରେ ଉତ୍ତର ଓଡ଼ିଶାର ଲୋକ ସଂସ୍କୃତି ଉପରେ ଏକ ଦୀକ୍ଷାନ୍ତ ଆଲୋଚନା ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ କବି ଡ଼ଃ ମନୋରମା ବିଶ୍ୱାଳ ମହାପାତ୍ରଙ୍କ ଦ୍ୱାରା ଉଦ୍ଘାଟିତ ଏହି ଆଲୋଚନା ଚକ୍ରରେ ବରିଷ୍ଠ ଗବେଷକ ଓ ବିଶିଷ୍ଟ ଆଲୋଚକ ଡ଼ଃ ଅରବିନ୍ଦ ଗିରି, ବିଶିଷ୍ଟ ଲେଖକ ଡ଼ଃ କାଳିକିଙ୍କର ମହାବିଦ୍ୟାଳୟର ଅଧକ୍ଷା ଡ଼ଃ ମାନସୀ ସାହୁ ଓ ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧାପକ ଦୟାନିଧି ସାହୁ ଯୋଗ ଦେଇ ଆଲୋଚନା କରିଥିଲେ । ଉଦ୍ଘାଟିକା ଡ଼ଃ ମନୋରମା ବିଶ୍ୱାଳ କହିଲେ ଯେ ଆମ ସଂସ୍କୃତି ଓ ଐତିହ୍ୱ ହେଉଛି ଓଡ଼ିଆ ଜାତିର ଆତ୍ମା ସଦୃଶ୍ୟ । ବାଲିଆପାଳର ଜଗାଇ ଅଞ୍ଚଳ ଓ ବିଶେଷ ଭାବରେ ଉତ୍ତର ବାଲେଶ୍ୱରରେ ଯେମିତି ଓଡିଆ ଲୋକ ଭାଷା ଓ ସଂସ୍କୃତିର ବିକାଶ, ପ୍ରକାଶ ଓ ପୃଷ୍ଠପୋଷକତା ଓଡିଶା ସାହିତ୍ୟ ଏକାଡେମୀ କରୁଛି ତାହା ଅତ୍ୟନ୍ତ ଆବଶ୍ୟକ ପଦକ୍ଷେପ । ଡ଼ଃ ମହାପାତ୍ର କହିଲେ ଯେ ଓଡିଶା ସାହିତ୍ୟ ଏକାଡେମୀ ଆମର ଏହି ସାଂସ୍କୃତିକ ଧରୋହର ଓ ଐତିହ୍ୱକୁ ସୁରକ୍ଷିତ ରଖିବାର ଯେଉଁ ପ୍ରୟାସ ଜାରି ରଖିଛନ୍ତି ତାହା ନିଶ୍ଚିତ ଅଭିନନ୍ଦନୀୟ ବୋଲି ଆଜି ଏ ମାଟି ଅନୁଭବ କରୁଛି । ବରିଷ୍ଠ ଗବେଷକ ଓ ବିଶିଷ୍ଟ ଆଲୋଚକ ଡ଼ଃ ଅରବିନ୍ଦ ଗିରି ଉତ୍ତର ଓଡ଼ିଶାର ଲୋକ ସଂସ୍କୃତି ବିଷୟରେ ତାଙ୍କର ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପିତ କରିଥିଲେ ଓ ଆଲୋଚନା କରିଥିଲେ । ବିଶିଷ୍ଟ ଲେଖକ ଡ଼ଃ କାଳିକିଙ୍କର ସ୍ୱାଧୀନତା ପୂର୍ବ ଉତ୍ତର ଓଡ଼ିଶାରେ କେମିତି ଜଗାଇ ମାଟିରେ ଜନ୍ମ ହୋଇଥିବା କବି ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ଦ୍ୱାରା ଲିଖିତ କବିତା ସୁନାଝିଅ ଘରେ ଘରେ ସଂସ୍କୃତିର ସନ୍ଦେଶ ଦେଉଥିଲା ତାହା ଉପରେ ଆଲୋଚନା କରିଥିଲେ । ଡ଼ଃ କାଳିକିଙ୍କର ଉତ୍ତର ଓଡ଼ିଶାର କଥିତ ଭାଷା, ପୋଷାକ, ସଙ୍ଗୀତ, ଲୋକକଥା, ଖାଦ୍ୟ, ବ୍ୟବସାୟ, ନୃତ୍ୟ, ଶିଳ୍ପ, ମନ୍ଦିର ଓ ଧର୍ମ ସଂସ୍କୃତି ଉପରେ ଅତ୍ୟନ୍ତ ତାତ୍ତ୍ୱିକ ଓ ଭାବମୟ ଆଲୋଚନା କରିଥିଲେ ଯାହା ପ୍ରତ୍ୟେକ ଛାତ୍ରଛାତ୍ରୀ ଓ ଗବେଷଣା କାରୁଥିବା ଛାତ୍ରଛାତ୍ରୀ ଉପଭୋଗ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷା ଡ଼ଃ ମାନସୀ ପାତ୍ର ଅତିଥୀମାନନଙ୍କର ସ୍ୱାଗତ କରିବା ସହ ଉତ୍ତର ଓଡ଼ିଶାର ସଂସ୍କୃତି ବିଷୟର ଆଲୋଚନା ଯେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ- ପ୍ରକାଶ କରିଥିଲେ । ବିଭାଗ ମୁଖ୍ୟ ପ୍ରାଧାପକ ଦୟାନିଧି ସାହୁ ଅତିଥି ପରିଚୟ ଦେବା ସହ କବି ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ପାଖରେ ଏ ମାଟି କୃତଜ୍ଞ କାରଣ ତାଙ୍କର ପ୍ରେରଣା ଓ ଆଶୀର୍ବାଦ ଯୋଗୁଁ ତାଙ୍କର ସୁଯୋଗ୍ୟା କନ୍ୟା ଡ଼ଃ ମନୋରମା ବିଶ୍ୱାଳ ମହାପାତ୍ର ଆଜି ଓଡ଼ିଆ କବିତା ଓ ଶିଶୁ ସାହିତ୍ୟ ଜଗତର ଜଣେ ଯଶସ୍ୱୀ ସ୍ରଷ୍ଟା ହୋଇ ପାରିଛନ୍ତି । ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ରବୀନ୍ଦ୍ର କୁମାର ବିଶ୍ୱାଳ ଓ ଅଧାପକ ବିଜୟ କୁମାର ଜେନା ସାହିତ୍ୟ ଏକାଡେମୀ ଓ ପ୍ରାଣକୃଷ୍ଣ କଲଚୁରାଲ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏହି ଆଲୋଚନାଚକ୍ର ଅତ୍ୟନ୍ତ ପ୍ରେରଣାଦାୟୀ ଓ ଶିକ୍ଷଣୀୟ ବୋଲି ମତ ବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗବେଷଣାରତ ଛାତ୍ରଛାତ୍ରୀଙ୍କର କିଛି ପ୍ରଶ୍ନର ଉତ୍ତର ଡ଼ଃ ଅରବିନ୍ଦ ଗିରି ଓ ଅନ୍ୟ ଅତିଥିମାନେ ଦେଇଥିଲେ । ଶେଷରେ ବିଦ୍ୟାଳୟର ଛାତ୍ରୀ ଓ ଅଧାପିକା ମାନଙ୍କ ଦ୍ୱାରା ଅଙ୍କନ କରାଯାଇଥିବା ଝୁଟି ଅତିଥିମାନେ ବୁଲି ଦେଖିଥିଲେ ଓ ପ୍ରଶଂସା କରିଥିଲେ । ଓଡ଼ିଶାର ସଂସ୍କୃତି ଉପରେ ଗବେଷଣା କରୁଥିବା ଅଧାପିକା ସୁପ୍ରସିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ଓ ବିଶେଷ ଭାବରେ ଓଡିଶା ସାହିତ୍ୟ ଏକାଡେମୀ ଓ ପ୍ରାଣକୃଷ୍ଣ କଲଚରାଲ ଟ୍ରଷ୍ଟକୁ କୃତଜ୍ଞତା ଜଣେଇଥିଲେ ।

# ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ କବି ତୀର୍ଥ ଶାନ୍ତିକାନନର ଉନ୍ନତି ପାଇଁ ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ ବିଧାୟକ ମାନସ କୁମାର ଦତ୍ତ

ବାଲେଶ୍ୱର, ୨୮/୧୧ (ନି.ପ୍ର): ଓଡ଼ିଶାରେ ନୂତନ ସରକାର ଗଠନର ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଥା ସମ୍ରାଟ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସ୍ମୃତି ପୀଠର ଉନ୍ନତି ପାଇଁ ଘୋଷଣା କରିଥିଲେ। ଏ ଦିଗରେ ସରକାରଙ୍କ ସଂସ୍କୃତି ବିଭାଗର ଉଦ୍ୟମ ସମ୍ପର୍କରେ ଜାଣିବାକୁ ବିଧାନସଭା ଶୀତକାଳୀନ ଅଧିବେଶନରେ ପ୍ରଶ୍ନ ଉଠାଇଥିଲେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ। ବ୍ୟାସକବିଙ୍କ ଜନ୍ମସ୍ଥାନ ଶାନ୍ତିକାନନ ପୀଠର ଉନ୍ନତି ମାଧ୍ୟମରେ ଫକୀର ମୋହନଙ୍କ ସ୍ମୃତି ଉଜ୍ଜିବୀତ ରଖିବା ପାଇଁ ଏକ ବୈଷୟିକ ଦଳ ଦ୍ୱାରା ଘୋଷିତ ପ୍ରକଳ୍ପର ପୂର୍ଣ୍ଣାଙ୍ଗ ଡିପିଆର ପ୍ରସ୍ତୁତି ସହ ସ୍ୱତନ୍ତ୍ର ବଜେଟ ବ୍ୟବସ୍ଥା କରିବା ଦିଗରେ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ବିଧାୟକ ଶ୍ରୀ ଦତ୍ତ ଜାଣିବାକୁ ଚାହିଁଥିଲେ। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି ପ୍ରଶ୍ନର ଉତ୍ତରରେ କହିଥିଲେ ଯେ, ରାଜ୍ୟର ବରପୁତ୍ର ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ସେମାନଙ୍କ ଜନ୍ମସ୍ଥାନଗୁଡିକୁ ସ୍ମାରକୀ ଭାବେ ରୂପାନ୍ତରିତ ପାଇଁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଶୁଭାରମ୍ଭ କରାଯାଇଛି । ଏହି କ୍ରମରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜନ୍ମସ୍ଥାନ ବାଲେଶ୍ୱର ସହରର ମଲ୍ଲିକାଶପୁର ସ୍ଥିତ କବିତୀର୍ଥ ଶାନ୍ତିକାନନକୁ ବରପୁତ୍ର ଐତିହ୍ୟ ଗ୍ରାମ ରୂପେ ଚୟନ କରାଯାଇଛି। ଯୋଜନା ଅନୁଯାୟୀ ଶାନ୍ତିକାନନ ସ୍ମୃତି ପୀଠର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ: କାରଣ ଅସ୍ପଷ୍ଟ

କୋରାଇ, ୨୮/୧୧ (ନି.ପ୍ର): ପାଣିକୋଇଲି ଥାନା ପଥରପଦା ପଂଚାୟତ ଅନ୍ତର୍ଗତ ଓଚିନ୍ଦା(ତାଜପୁର) ଗ୍ରାମର ଜଣେ ଯୁବକଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି । ପ୍ରକାଶ ଯେ ଗ୍ରାମର ଗୋଧିରାମ ଆରଣଙ୍କ ପୁଅ ପ୍ରଦୀପ( ୪୦) (ଯେକି ବୃତିରେ ଗାଡ଼ି ଚାଳକ) କୋରାଇ ରାସ୍ତା କଡ଼ରେ ପଡ଼ିଥିଲେ। ସକାଳେ ଗ୍ରାମର କିଛି ଗ୍ରାମବାସୀ ପ୍ରଦୀପଙ୍କୁ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ପରିବାର ଲୋକମାନେ ପହଂଚି ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ କୋରାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ତେବେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବେକରେ ଏକ ଦାଗ ଥିବାରୁ ହୁଏତ ସେ ଆତ୍ମହତ୍ୟା କରିଥାଇ ପାରନ୍ତି କିମ୍ବା ତାଙ୍କୁ କିଏ ବେକରେ ରଶି ଗୁଡ଼ାଇ ଶ୍ୱାସରୁଦ୍ଧ କରି ମାରିପାରନ୍ତି ବୋଲି ସନ୍ଦେହ କରାଯାଉଥିବା ବେଳେ ପରିବାର ଲୋକମାନେ କିନ୍ତୁ ଅଜଣା ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରଜୁକରି ଶବକୁ ଜବତ କରି ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରଦୀପଙ୍କର ଗୋଟିଏ ପୁଅ(୧୦) ଓ ଗୋଟିଏ ଝିଅ(୧୫) ଥିବା ବେଳେ ତାଙ୍କର ମୃତ୍ୟୁରେ ପରିବାର ଲୋକମାନଙ୍କ ଉପରେ ଦୁଃଖର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତେଷ୍ଟିକ୍ରିୟା ଶେଷ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଶୂନ ମୃତାହତ ପକ୍ଷ ...

ଅଧୀନରେ ଜଣେ ଲେଖାଏଁ ପ୍ରାୟ ୧୦ ଜଣକର ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଅଧିକ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ପରିବହନ ବିଭାଗ ଓ ପୁଲିସ ବିଭାଗ ଦୁର୍ଘଟଣା ସଂଖ୍ୟା କମ୍ କରିବା ନେଇ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସଡ଼କ ଦୁର୍ଘଟଣା ଜନିତ ଶୁନ ମୃତାହତ ପକ୍ଷ ପାଳନ କରିବା ସହିତ ସେନେଇ ସଚେତନତା ମଧ କରାଉଛନ୍ତି। ତଥାପି ଅମାନିଆ ଓ ମଦୁଆମାନଙ୍କ ପାଇଁ ବାରମ୍ବାର ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇବା ସହିତ ମୃତ୍ୟୁ ଓ ଆହତଙ୍କ ସଂଖ୍ୟା ମଧ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ବହୁ ଧନ ଜୀବନ ହାନି ହେବା ସହିତ ପରିବହନ ଓ ପୁଲିସ ବିଭାଗ ମଧ ସେନେଇ ଚିନ୍ତାରେ ଅଛି। ଅମାନିଆ ଓ ମଦୁଆମାନଙ୍କୁ ସାବାଡ୍ କରିବା ପାଇଁ ମୋଟା ଅଙ୍କର ଚାଲାଣ କାଟୁଥିଲେ ମଧ ତାହାକୁ ଖାତିର କରୁନାହାଁନ୍ତି।

### ଡିସେମ୍ବର ୪ରେ ଭାରତ...

ପୁଟିନ୍‌ଙ୍କ ଗସ୍ତ ସମୟରେ ଭାରତ ଓ ରୁଷ ମଧରେ ଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବାର ସୁଯୋଗ ମିଳିବ। ଆଗକୁ କେମିତି ଦୁଇ ଦେଶ ପରସ୍ପର ସ୍ୱାର୍ଥକୁ ଗୁରୁତ୍ୱ ଦେଇ କାମ କରିବେ ଓ ବୈଶ୍ୱିକ ପ୍ରସଙ୍ଗ କେମିତି ଦୁଇ ପାକ୍ଷିକ ସମ୍ପର୍କକୁ ପ୍ରଭାବିତ ନ କରିବ, ତା’ ଉପରେ ମଧ ଆଲୋଚନା ହେବାର ସମ୍ଭାବନା ରହିଛି। ଡିସେମ୍ବର ମାସରେ ପୁଟିନ ଭାରତ ଗସ୍ତ ଆସିବେ ବୋଲି ଅଗଷ୍ଟରୁ ହିଁ ଜଣାପଡ଼ିଥିଲା। ହେଲେ ଏହାର ତାରିଖ ସ୍ଥିର ହୋଇ ନଥିଲା। ଅଗଷ୍ଟ ମାସରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ରୁଷ ଗସ୍ତରେ ଯାଇ ପୁଟିନ୍‌ଙ୍କୁ ଭେଟିଥିଲେ। ଏହାପରେ ପୁଟିନ ଭାରତ ଗସ୍ତରେ ଆସିବାକୁ ଚାହୁଁଥିବା ସମସ୍ତଙ୍କୁ ଜଣାଇଥିଲେ। ସେହିପରି ସେପ୍ଟେମ୍ବର ମାସରେ ଚାଇନାରେ ଆୟୋଜିତ ସଙ୍ଘାଇ କର୍ପୋରେସନ ଅର୍ଗାନାଇଜେସନ (ଏସ୍‌ସିଓ) ସମ୍ମିଳନୀରେ ମଧ ମୋଦି ଓ ପୁଟିନ୍‌ଙ୍କ ଭେଟଘାଟ ହୋଇଥିଲା। ଏହି ସମୟରେ ଦୁଇ ନେତା ବେଶ କିଛି ଘଣ୍ଟା ଧରି ରୁଦ୍ଧଦ୍ୱାର ବୈଠକ କରିଥିଲେ।

### ନୀତୀଶଙ୍କ ଭେଟି...

ଡିସେମ୍ବର ୧୪ସୁଦ୍ଧା ସବୁ କିସ୍ତି ମିଳିଯିବ ବୋଲି ନୀତୀଶ କୁମାର କହିଛନ୍ତି । ଏହି କିସ୍ତି ଦେଇ ବିହାର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି କେବଳ ନିର୍ବାଚନ ପର୍ଯ୍ୟନ୍ତ ନୁହେଁ, ଆମ ସରକାର ନିର୍ବାଚନ ପରେ ମଧ ଦେଇଥିବା କଥାକୁ କାର୍ଯ୍ୟକାରୀ କରିଥାଏ। ସରକାରଙ୍କ ତରଫରୁ ଏପର୍ଯ୍ୟନ୍ତ ୧ କୋଟି ୪୦ ଲକ୍ଷ ମହିଳାଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଦିଆଯାଇଛି। ଏହି ଅର୍ଥ ରାଶି ମାଧମରେ ମହିଳାମାନେ ଦୁଗ୍ଧ ଉତ୍ପାଦନ, ହସ୍ତଶିଳ୍ପ, କୃଷିଭିତ୍ତିକ କାମ, ସିଲେଇ ଏବଂ ଛୋଟ ବ୍ୟବସାୟ ମାଧମରେ ଭଲ ରୋଜଗାର କରିବା ଆରମ୍ଭ କରିଛନ୍ତି।

### ଝାରସୁଗୁଡାରେ ୫୪ଟି ...

ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ସ୍ଥାପିତ ୧୪ଟି ବୃହତ ଶିଳ୍ପସଂସ୍ଥା ମଧରେ ରହିଛି ଇଷ୍ଟର୍ଣ୍ଣ ଷ୍ଟିଲ ଆଣ୍ଡ ପାୱାର, ବେଦାନ୍ତ ପାୱାର, ବେଦାନ୍ତ ଆଲୁମିନିୟମ, କନକାଷ୍ଟ ଷ୍ଟିଲ ଆଣ୍ଡ ପାୱାର, ଓରିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ, ଷ୍ଟେରାଲାଇନ ଟେକ୍ନୋଲୋଜି ଲିମିଟେଡ, ଜେଏସଡବ୍ଲୁ ଏନର୍ଜି, ଅଲଟ୍ରାଟେକ ସିମେଣ୍ଟ, ରୁନାୟା ରିଫାଇନିଙ୍ଗ ଏଲଏଲପି, ମେଫେୟାର ହୋଟେଲସ ଆଣ୍ଡ ରିସୋର୍ଟ ଲିମିଟେଡ ଆଦି ରହିଛନ୍ତି ।

# ଜୀ ସାର୍ଥକରେ “ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ – ସେଲିବ୍ରିଟି ୱିଥ୍ ଲିଟିଲ ମାଷ୍ଟର” ଗ୍ରାଣ୍ଡ ପ୍ରିମିୟର ଆଜି



ଭୁବନେଶ୍ୱର, ୨୮/୧୧ (ନି.ପ୍ର): ଲୋକପ୍ରିୟ ଓଡିଆ ଚ୍ୟାନେଲ ଜୀ ସାର୍ଥକରେ ଓଡିଶାର ସବୁଠୁ ବଡ ଡାନ୍ସ ରିଆଲିଟି ଶୋ “ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ ” ଏକ ନୂଆ ସିଜିନ ସହ ପୁଣି ଫେରିଛି ଟିଭି ପରଦାକୁ, ଯାହାକୁ ଏବେ “ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ – ସେଲିବ୍ରିଟି ୱିଥ୍ ଲିଲ୍ ମାଷ୍ଟର୍ସ” ଭାବରେ ପୁନଃକଳ୍ପିତ କରାଯାଇଛି । ଏହାର ପ୍ରିମିୟର ଆସନ୍ତା ୨୯ ନଭେମ୍ବର ୨୦୨୫ରେ ହେବାକୁ ଯାଉଛି। ନୂଆ ନୂଆ ଏପିସୋଡ୍ ସହ ଏକ ଦମଦାର ଗ୍ରାଣ୍ଡ ଫିନାଲେ ସହିତ ଏହି ସିଜିନ୍ ଏକ ରୋମାଞ୍ଚକର ହେବ କାରଣ ଏଥର ଓଡିଶା ଇତିହାସରେ ପ୍ରଥମ ଥର ପାଇଁ ଲୋକପ୍ରିୟ ଓଡ଼ିଆ ସେଲିବ୍ରିଟିମାନଙ୍କୁ ଅସାଧାରଣ ପ୍ରତିଭାଶାଳୀ ଶିଶୁ ପ୍ରତିଯୋଗୀ ମାନଙ୍କ ସହ ଯୋଡ଼ିବ ଏହି ଡାନ୍ସ ରିଆଲିଟି ଶୋ । ଏହି ଶୋ ପ୍ରତି ଶନିବାର ଓ ରବିବାର ସନ୍ଧ୍ୟା ୯:୩୦ରେ ପ୍ରସାରିତ ହେବ କେବଳ ଜୀ ସାର୍ଥକରେ । ଏଥର ୧୦ ଜଣ ସେଲିବ୍ରିଟି ଏବଂ ୧୦ ଜଣ ଲିଟିଲ୍ ମାଷ୍ଟର୍ସ ଦୁଇଟି ଦଳ ଗଠନ କରିବେ, ଯାହାର ନାମ ହେଲା ରଙ୍ଗବତୀ ୨.୦ ଆଉ ଲଚକମଣି ୨.୦, ଯେଉଁମାନେ ହାଇ ଭୋଲଟେଜ୍, ରୋମାଣ୍ଟିକ୍, ଫେଷ୍ଟିଭାଲ୍, କମେଡି, ଆଇଟମ୍ ନମ୍ବର ଏବଂ ଅନ୍ୟାନ୍ୟ ରୋମାଞ୍ଚକର ଥିମ୍ ରାଉଣ୍ଡରେ ପ୍ରତିଯୋଗିତା କରିବେ। ସେଲିବ୍ରିଟି ନିକିତା ,ଦେବସ୍ମିତା, ଅନନ୍ୟା, ରୋମ୍ୟାଜଂଲି, ସୁଶ୍ରୀ, ପିହୁ, ଲଭରିନ, ସୁଲଗ୍ନା,ହିତେସା ଓ ମାନସୀ ପ୍ରତ୍ୟେକ ଏପିସୋଡରେ ନୃତ୍ୟର ବିଭିନ୍ନ ଶୈଳୀ ମାଧ୍ୟମରେ ନିଜର ଲିଟିଲ୍ ମାଷ୍ଟର୍ସ ଯୋଡିମାନଙ୍କ ସହ ନିଜର ନୃତ୍ୟକଳା ଦ୍ୱାରା ଓଡ଼ିଶାର ଦର୍ଶକଙ୍କ ପାଇଁ ଆଣିବେ ଏକ ନୂତନ ଅନୁଭୂତି ।

ଏହି ଶୋ’କୁ ଲୋକ ପ୍ରିୟ ଆଙ୍କର ସୁଜିତ ପାଇକରାୟ ହୋଷ୍ଟ କରିବେ। ସମ୍ମାନିତ ବିଚାରକଙ୍କ ପ୍ୟାନେଲରେ ଦେବାଶିଷ ପାତ୍ର, ହରିହର ଦାସ, ଅମିତ ନାୟକ ଏବଂ ସୂର୍ଯ୍ୟମୟୀ ମହାପାତ୍ର ଅଛନ୍ତି ଯେଉଁମାନେ ଓଡ଼ିଆ ମନୋରଞ୍ଜନ ଏବଂ ନୃତ୍ୟ ଶିଳ୍ପ ଜଗତରେ ଅପ୍ରତିଦ୍ୱନ୍ଦୀ କଳାକାର।

ଏଥର ଏକ ସ୍ୱତନ୍ତ୍ର ସ୍ୱାଦ ଯୋଡିବେ, ୟୁଟ୍ୟୁବ୍ କମେଡି ସେନସେସନ୍ ରାଜୁ ଦାସ (ସାହୁ ବାବୁ ଫେମ) ଏବଂ ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ ମଞ୍ଚରେ ସାହୁ ଭେରାଇଟି ଷ୍ଟୋର ଏକ ମନୋରଞ୍ଜନକାରୀ ଖୋରାକ ଯୋଗାଇବା ସହ ସାହୁ ବାବୁ ଭରିବେ କମେଡିର ତଡକା।

ଥିମାଟିକ୍ ରାଉଣ୍ଡ ଏବଂ ଚମତ୍କାର ଷ୍ଟେଜ୍ ଡିଜାଇନ୍ ସହିତ ଏକ ବିଶାଳ ସ୍ତରରେ ସୁଟିଂ କରାଯାଇଛି ଏହି ସିଜିନ୍ ଯାହା ଓଡିଶାର ସବୁଠାରୁ ବଡ଼ ନୃତ୍ୟ ପ୍ରତିଯୋଗିତା ହେବ ସହ ଆକର୍ଷକ ହେବାର ପ୍ରତିଶ୍ରୁତି ଦେଉଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ରାହୁଲ ରାଓ।

# ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନକୁ କେନ୍ଦ୍ର କରି ଗୋଷ୍ଠୀ ସଙ୍ଘର୍ଷ: ଜଣଙ୍କ ଅବସ୍ଥା ସଙ୍କଟାପନ୍ନ, ଏକାଧିକ ଗୁରୁତର



ବସ୍ତା, ୨୮/୧୧ (ନି.ପ୍ର): ସିଂଲା ଥାନା ଅନ୍ତର୍ଗତ ଗିଲାଜୋଡି ଗ୍ରାମରେ ସୁବର୍ଣ୍ଣରେଖା ନଦୀ ରୁ ବାଲି ଉତ୍ତୋଳନ କୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟ ରେ ଗଣ୍ଡଗୋଳ, ପରସ୍ପର କୁ ବିଭିନ୍ନ ମାରଣାସ୍ତ୍ର ରେ ଆକ୍ରମଣ କରିଥିବା ବେଳେ ଜଣ ଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଛି, ଏକାଧିକ ଗୁରୁତର ହୋଇଛନ୍ତି ,ସମସ୍ତ ଗୁରୁତର ଙ୍କୁ ବସ୍ତା ହସପିଟାଲ ରେ ଭର୍ତ୍ତି କରା ଯାଇଛି, ଗୋଷ୍ଠୀ ସଙ୍ଘର୍ଷରେ ଗିଲାଜୋଡି ଗ୍ରାମର ତାପସ ଜେନା ଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ଯ ଚିକିତ୍ସାଳୟ କୁ ସ୍ଥାନାନ୍ତର କରା ଯାଇଛି, ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇ ଥିବାରୁ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରା ଯାଇଛି, ସୂଚନା ଅନୁଯାୟୀ ସୁବର୍ଣ୍ଣରେଖା ନଦୀ ର ବିଭିନ୍ନ ସ୍ଥାନରେ ବେଆଇନ ଭାବରେ ବାଲି ଉତ୍ତୋଳନ ହେଉଥିବା ବେଳେ ମାଫିଆ ଙ୍କୁ ସାବାଡ କରିବା ପାଂଇ ପ୍ରଶାସନ ପକ୍ଷରୁ ବାରମ୍ବାର ଚଢଉ ହେଉଥିବା ବେଳେ ଗାଡି ମଧ୍ଯ ଜବଦ କରା ଯାଉଛି, ଗତ ଦୁଇ ଦିନ ପୂର୍ବରେ ବାଲି ଉତ୍ତୋଳନ କୁ କେନ୍ଦ୍ର କରି ଗିଲାଜୋଡି ଗ୍ରାମର ଦୁଇ ଗୋଷ୍ଠୀ ମଧ୍ଯରେ ଗଣ୍ଡଗୋଳ ହେବା ପରେ ଆପୋଷ ସମାଧାନ ହୋଇଥିଲା, ମାତ୍ର ଆଜି ପୁଣି ସେହି ଘଟଣା କୁ ନେଇ ଉଭୟ ଗୋଷ୍ଠୀ ଙ୍କ ମଧ୍ଯରେ ଗଣ୍ଡଗୋଳ ଆରମ୍ଭ ହୋଇ ଉଗ୍ରରୂପ ନେଇଥିଲା, ଉଭୟ ପକ୍ଷ ବିଭିନ୍ନ ମାରଣାସ୍ତ୍ର ରେ ପରସ୍ପର କୁ ଆକ୍ରମଣ କରିଥିଲେ, ଏଥିରେ ଏକାଧିକ ବ୍ଯକ୍ତି ଗୁରୁତର ହେବ ସହ ତାପସ ଜେନା ଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ହସପିଟାଲ କୁ ସ୍ଥାନାନ୍ତର କରା ଯାଇଛି, ଘଟଣା ସ୍ଥଳରେ ବସ୍ତା ଏସଡିପିଓ ମାନସ ଦେଓ, ଜଳେଶ୍ୱର ଏସଡିପିଓ ସୁବ୍ରତ ବେହେରା, ସିଂଲା ଥାନାଧିକାରୀ ସୁଚନ୍ଦ୍ର ମହାଳିକ, ବାଲିଆପାଳ ଥାନାଧିକାରୀ ସାଲଖାନ ମୁର୍ମୁ, ବସ୍ତା ଥାନାଧିକାରୀ ରଣଜିତ ସାହୁ ,ଜଳେଶ୍ୱର ଥାନାଧିକାରୀ ଅଶୋକ ବାରିକ ଙ୍କ ସମେତ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି, ଖବର ପାଇ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ ଙ୍କ ନିର୍ଦ୍ଦେଶରେ ବିଜେପି ନେତ୍ରୀ ସିପ୍ରା ବାଜପେୟୀ, ବିଜେପି ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ପୃଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା, ବିଜେପି ନେତା ଧ୍ରୁବ ଚରଣ ନାୟକ ଆହତ ଙ୍କ ପରିବାର କୁ ଭେଟିବା ସହ ପିଡୀତା ଙ୍କ ପରିବାର ଙ୍କ ସହ ସାଂସଦ ଫୋନ ରେ କଥା ହୋଇ ଥିଲେ, ଆଇନ ଶୃଙ୍ଖଳା ପରିସ୍ଥିତି କୁ ଦୃଷ୍ଟି ରଖି ଗ୍ରାମରେ ପୋଲିସ ଫୋର୍ସ ଜଗି ରହିଛନ୍ତି, ଅନ୍ଯପଟେ ଘଟଣା ରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ଧରିବା ପାଂଇ ପୋଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି।

# ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମରେ ରାଜ୍ୟରେ ପ୍ରଥମ ବସ୍ତା ନିର୍ବାଚନ ମଣ୍ଡଳୀ: ୩୦ରେ ଯୋଡ଼ି ହେବେ ମୋଦୀ

ବସ୍ତା , ୨୮/୧୧ (ନି.ପ୍ର): ନରେନ୍ଦ୍ର ମୋଦୀ ଙ୍କ ମନ କୀ ବାତ୍ କାର୍ଯକ୍ରମ ଦେଶରେ ଏକ ସ୍ୱତନ୍ତ୍ର କାର୍ଯକ୍ରମ ଭାବେ ଉଭା ହୋଇଛି। ଆସନ୍ତା ୩୦ ତାରିଖ ରେ ଏହି କାର୍ଯ୍ୟକ୍ରମ ର ୧୨୮ ତମ ଅଧ୍ୟାୟ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ଜରିଆରେ ଦେଶର ଲକ୍ଷ ଲକ୍ଷ ଜନତା ମୋଦୀଙ୍କ ଅଭିଭାଷଣ ଶୁଣିବାକୁ ଏକତ୍ରିତ ହେଉଛନ୍ତି। କ୍ରମେ ଏହି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ମନ କି ବାତ୍ କାର୍ଯ୍ୟକ୍ରମ ଜରିଆରେ ମୋଦୀ ଦେଶ ର ଭବିଷ୍ୱତ, ଲୁକାଇତ ପ୍ରତିଭା ର ଉନ୍ମୋଚନ ପାଇଁ ଲୋକଙ୍କ ହୃଦୟ ଜିଣିବାରେ ସଫଳ ହୋଇ ପାରିଛି। ପ୍ରତ୍ୟେକ ବୁଥ ରେ ଏହି କାର୍ଯକ୍ରମ ହେଉଥିବା ବେଳେ ଆସନ୍ତା ୩୦ ତାରିଖ ରେ ପ୍ରଧାନ ମନ୍ତ୍ରୀ ମୋଦୀ ସିଧା ସଳଖ ଭାବେ ଲୋକଙ୍କ ସହିତ ଭିଡିଓ କନ ଫରେନ୍ସ ଜରିଆରେ ଯୋଡ଼ି ହେବେ ବୋଲି ସୂଚନା ମିଳିଛି। ଏନେଇ କେନ୍ଦ୍ର ସରକାର ଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଦେଶ ରେ ୧୭ ଟି ନିର୍ବାଚନ ମଣ୍ଡଳୀ ରେ ଏକ ବୁଥ ରେ ମୋଦୀ ଯୋଡ଼ି ହେବେ। ଏହି ୧୭ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଓଡ଼ିଶା ୧୪୭ ବିଧାନ ସଭା ମଧ୍ୟରୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଙ୍କ ସଂସଦୀୟ କ୍ଷେତ୍ର ମଧ୍ୟରେ ବସ୍ତା ନିର୍ବାଚନ ମଣ୍ଡଳୀ ସ୍ଥାନ ପାଇ ଦେଶ ରେ ଏକ ଗୌରବ ମୟ ଅଧ୍ୟାୟ ସୃଷ୍ଟି କରିବାକୁ ଯାଇଛି। ୧୮ ମାସ ମଧ୍ୟରେ ବସ୍ତା ନିର୍ବାଚନ ମଣ୍ଡଳୀ ୧୦ ଉର୍ଦ୍ଧ୍ୱ ଥର ରାଜ୍ୟ ରେ ପ୍ରଥମ ଓ ୩ଥର ଦେଶ ରେ ପ୍ରଥମ ହୋଇ ଥିଲେ। ସମସ୍ତ ବୁଥ ରେ ଶତ ପ୍ରତିଶତ ସଫଳତା ହୋଇଥିଲା। ଏହି କ୍ରମରେ ବସ୍ତା ନିର୍ବାଚନ ମଣ୍ଡଳୀ ର ୩୭ ନମ୍ବର ବିଧାନ ସଭା କ୍ଷେତ୍ର ବାଲିଆପାଳ ବ୍ଲକ ର ୧୪୭ ନମ୍ବର ବୁଥ ଅସ୍ତୀ ରେ ରବିବାର ଏକ ସ୍ୱତନ୍ତ୍ର କାର୍ଯକ୍ରମ ଅନୁଷ୍ଠିତ ହେବ ବୋଲି ବାଲେଶ୍ୱର ଜିଲ୍ଲା ( ଉତ୍ତର) ର ସଂଯୋଜକ କୃଷ୍ଣ ଚନ୍ଦ୍ର ଦତ୍ତ ଙ୍କ ଠାରୁ ସୂଚନା ମିଳିଛି। ଏହି କାର୍ଯକ୍ରମ ରେ ସମଗ୍ର ସଂସଦୀୟ କ୍ଷେତ୍ର ର ଜନସାଧାରଣ ଯୋଡ଼ିହେବେ । ଏଥି ସହିତ ସମସ୍ତ ବୁଥ ରେ ମଧ କାର୍ଯକ୍ରମ କୁ ଶତ ପ୍ରତିଶତ ସଫଳ ପାଇଁ ବ୍ୟାପକ ପ୍ରସ୍ତୁତି ସରିଛି। ରାଜ୍ୟ ରେ ବସ୍ତା ନିର୍ବାଚନ ମଣ୍ଡଳୀ କାର୍ଯ୍ୟକ୍ରମ ରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମୁଖ୍ୟ ଅତିଥି ଓ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ର ସଦସ୍ୟା ମୋନୋସ୍ମିତ ଖୁଣ୍ଟିଆ ସହ ଅନ୍ୟ ମାନ୍ୟଗଣ୍ୟ ଅତିଥି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠରେ ଗୀତା ଜ୍ଞାନ କାର୍ଯ୍ୟକ୍ରମ



ବାସୁଦେବପୁର, ୨୮/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କିଷ୍ମତ କୃଷ୍ଣପୁର ପଞ୍ଚାୟତର କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠରେ ଶ୍ରୀମଦ ଭଗବତ ଗୀତା ଜ୍ଞାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଡକ୍ଟର ରାମଚନ୍ଦ୍ର ପଲାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଡକ୍ଟର ପଲାଇ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ଶ୍ରୀମଦ୍ ଭଗବତ ଗୀତାର ତତ୍ତ୍ୱ ମୂଳକ ଜ୍ଞାନ ସମ୍ପର୍କରେ ବୁଝାଇ କହିଲେ ସମଗ୍ର ବିଶ୍ୱରେ ସବୁ ଦେଶରେ ଶ୍ରୀମଦ୍ ଭଗବତ ଗୀତାର ପ୍ରଚାର ପ୍ରସାର ଓ ଲୋକପ୍ରିୟତା ବୃଦ୍ଧି ପାଇଛି ଓ ବିଭିନ୍ନ ଭାଷାରେ ଅନୁବାଦ ହୋଇଛି ।ଆମ ଜୀବନରେ ପ୍ରତ୍ୟେକ ସମୟରେ ଗୀତାର ଆବଶ୍ୟକତା ରହିଛି । ମହାଭାରତର କଥା, ଭଗବାନ ଶ୍ରୀକୃଷ୍ଣ, ଅର୍ଜ୍ଜୁନ, ଧୃତରାଷ୍ଟ୍ର, ପଞ୍ଚୁ ପାଣ୍ଡବ, କୌରବ, ଦୁଃଶାସନ, ଦ୍ରୌପଦୀ ଙ୍କ କଥା କହିବା ସହିତ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ କଥା ମଧ ବର୍ଣ୍ଣନା କରିଥିଲେ। ମହାତ୍ମା ଗାନ୍ଧୀ, ସ୍ୱାମୀ ବିବେକାନନ୍ଦ, ରାମକୃଷ୍ଣ ପରମହଂସ,ଶ୍ରୀ ଅରବିନ୍ଦ ଘୋଷ, ଭାରତ ବର୍ଷର ପୂର୍ବତନ ରାଷ୍ଟ୍ରପତି ଓ ପ୍ରଖ୍ୟାତ ବୈଜ୍ଞାନିକ ଡକ୍ଟର ଅବଦୁଲ କାଲାମ , ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ ପ୍ରମୁଖ ନିଜ ପାଖରେ ସର୍ବଦା ଗୀତା ରଖିବା ସହିତ ଗୀତା ପାଠ କରୁଥିଲେ। ଗୀତାର ଜ୍ଞାନ ଯୋଗ, କର୍ମ ଯୋଗ, ଦର୍ଶନ ଯୋଗ, ଶାସ୍ତ୍ର, ପ୍ରଭୃତି ଅଧ୍ୟୟନ କରିବା ସହିତ ସମସ୍ତ ବ୍ୟକ୍ତି ଯୋଗ ଓ ପ୍ରାଣାୟାମ କରିବା ଉଚିତ। ଭାରତୀୟ ନୌସେନାର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଗଙ୍ଗାଧର ବାରିକ୍, କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ବାରିକ୍, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେଶ କୁମାର ବେହେରା, ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ରାକେଶ ନାୟକ, ବିଜୟ ଲକ୍ଷ୍ମୀ ବେହେରା, ଚନ୍ଦନ ବେହେରା, ପ୍ରଦୀପ୍ତ କୁମାର ମହାନ୍ତି, ମାନସୀ ନାଥ,ସୁମତୀ ଲତା ଦାଶ, ବଳରାମ ବାରିକ୍ ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଶେଷରେ ଦଶମ ଶ୍ରେଣୀର ଛାତ୍ର ଚନ୍ଦ୍ର ଶେଖର ବାରିକ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ନବମ ଓ ଦଶମ ଶ୍ରେଣୀର ସମସ୍ତ ଛାତ୍ର ଛାତ୍ରୀ ଯଥା ବର୍ଷା,ସୁଜ୍ଞାନୀ, ଆଦ୍ୟାଶା, ସରୋଜିନୀ, ଅମ୍ରିତା, ବିନ୍ଦେଶ୍ୱରୀ,ସୂର୍ଯ୍ୟକାନ୍ତ, ଶ୍ରୀରାମ, ବିଶ୍ୱ ରଞ୍ଜନ, ଶ୍ରୀଧର, ଅମନ୍, ବିକ୍ରମ, ସମର ଜିତ୍ ଭୋଇ, ଦେବେନ୍ଦ୍ର, ଶୁଭଲକ୍ଷ୍ମୀ, ଅଞ୍ଜଳି, ସୁଜାତା, ଲିଜା, ଜ୍ୟୋତିସ୍ମିତା ଓ ଅନ୍ୟାନ୍ୟ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ।

# ମହିଳା ହିଂସା ବିରୋଧି ଅଭିଯାନ କାର୍ଯ୍ୟକ୍ରମ

ଭଦ୍ରକ, ୨୮/୧୧ (ନି.ପ୍ର): ମହିଳା ଶିଶୁ ବିକାଶ ମନ୍ତ୍ରାଳୟ ଓଡ଼ିଶା ସରକାର ଓ ଫେଲୋସିପ୍, ଆସିଆନା, ନୁହାସ, ଶକ୍ତିସଦନ ମିଳିତ ଆନୁକୂଲ୍ୟରେ ମହିଳା ହିଂସା ବିରୋଧି ଅଭିଯାନର ଦ୍ୱିତୀୟ ଦିବସ ଭଦ୍ରକ ବ୍ଲକ ସଭାଗୃହରେ ଫେଲୋସିପର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଭଦ୍ରକ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମି ରଞ୍ଜନ ମଲ୍ଲିକ, ସମ୍ମାନୀତ ଅତିଥିଭାବେ ଜିଲ୍ଲା ସୁରକ୍ଷା ଅଧିକାରିଣୀ ଚନ୍ଦ୍ରା ସାହୁ, ନାରୀନେତ୍ର ସୁରଜିତା ନାୟକ, ଆସିୟାନାର ସମ୍ପାଦିକା ସୋଫିଆ ସେକ୍, ଜିଲ୍ଲା ସଂଯୋଜକ (ଡ଼ି.ଏଚ୍.ଇ.ଡ଼ବ୍ଲୁ) ସୂର୍ଯ୍ୟ ରଞ୍ଜନ ସାମଲ, ସବ୍ ଡ଼ିଭିଜନ୍ ସୁରକ୍ଷା ଅଧିକାରିଣୀ ସବିତା ବେହେରା ଏବଂ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ସୁବ୍ରତ କୁମାର ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ଆଇନ୍ ଯଥା ପୋକ୍ସ, ଘରୋଇ ହିଂସା ଆଇନ୍, ଯୌତୁକ ବିରୋଧି ଆଇନ୍ , ବାଲ୍ୟ ବିବାହ ଏବଂ କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ପାଇଁ ଆଇନ୍‌ରେ ଥିବା ବ୍ୟବସ୍ଥା ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ହବ୍‌ର କର୍ମକର୍ତ୍ତା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ବ୍ଲକ ଶିକ୍ଷାଧିକାରୀ, ଚାଇଲ୍ଡ ଲାଇନ୍‌ର କର୍ମକର୍ତ୍ତା, ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ସି.ଡ଼ି.ପି.ଓ., ଅଙ୍ଗନୱାଡ଼ି ୱାର୍କର, ଏସ୍.ଏଚ୍.ଜି. ମାନେ ଯୋଗ ଦେଇଥିଲେ । ସ୍ୱାଗତ ଭାଷଣ ଫେଲୋସିପ୍ ୱାନ୍ ଷ୍ଟପ୍ କେନ୍ଦ୍ର ପ୍ରଶାସିକା ପୁଷ୍ପାଞ୍ଜଳୀ ବେହେରା ଦେଇଥିବା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ଆଇନ୍ ପରାମର୍ଶଦାର୍ତ୍ତୀ ଅସୀମା ନାୟକ । ଏହି କାର୍ଯ୍ୟକ୍ରମକୁ ଆସିଆନାର ସଂଯୋଜକ ରିଆଜ୍ ଅହମ୍ମଦ୍, ଫେଲୋସିପ୍ ଶକ୍ତି ସଦନର ସୁପରିଟେଣ୍ଡେଣ୍ଟ ଯୋଗମାୟା ଚାନ୍ଦ, ଲିଷା ବେହେରା, ମୁସ୍ତରୀ ବେଗମ୍, ନୁହାସ୍ ସୁପରିଟେଣ୍ଡେଣ୍ଟ ଊଷାରାଣି ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

# ବୈଶିଙ୍ଗା ଲ୍ୟାମ୍ପସରେ ଚାଷୀମାନଙ୍କୁ ନେଇ ସାଧାରଣ ବୈଠକ

ବୈଶିଙ୍ଗା , ୨୮/୧୧ (ନି.ପ୍ର): ବୈଶିଙ୍ଗା ସ୍ଥିତ ବହୁମୁଖୀ ଆଦିବାସୀ ସମବାୟ ସମିତି ଆନୁକୂଲ୍ୟରେ ପଞ୍ଜିକୃତ ଚାଷୀ ତଥା ସାଧାରଣ ଲୋକଙ୍କୁ ନେଇ ଏକ ସାଧାରଣ ବୈଠକ ଆଜି ଶୁକ୍ରବାର ଲ୍ୟାମ୍ପ୍ସ ପରିସରରେ ଅନୁଷ୍ଠିତ ହୋଇ ଯାଇଛି ।ଏହି ଅବସରରେ କୃଷି ଯାନ୍ତ୍ରପାତି ବିକ୍ରୀ ପାଇଁ ଏକ ସୋରୁମ ଉଦଘାଟିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ସାବିତ୍ରୀ ମୁର୍ମୁ ଉପସ୍ଥିତ ରହି ଫିତା କାଟି ଏହି ସୋରୁମ୍ ଟିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମିତି ସଭ୍ୟା ସରସ୍ୱତୀ ଦାସ ଏବଂ ଲ୍ୟାମ୍ପସ ପରିଚାଳନା କମିଟିର ସଭାପତି ଶତୃଘନ ସିଂ ଉପସ୍ଥିତ ରହିଥିଲେ । ଏହା ପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।ଲ୍ୟାମ୍ପ୍ସ ଦାୟିତ୍ୱ ରେ ଥିବା କାର୍ଯ୍ୟକାରୀ ପରିଚାଳକ ଶୁଶ୍ରୀ ଶାନ୍ତା ପରିଡା ପ୍ରଥମେ ବିବରଣୀ ପାଠ ସହିତ ସାଧାରଣ



ବୈଠକର ଆଭିମୂଖ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଭାବେ ଆଇ ସି ଏସ ର ଆଞ୍ଚଳିକ ଅଧିକାରୀ ଅଜିତ୍ କୁମାର ବିଶ୍ୱାଳ ଯୋଗଦେଇ ଚାଷୀମାନଙ୍କୁ ଉଦବୋଧନ ଦେଇଥିଲେ । ପରିଚାଳନା କମିଟିର ସଭାପତି ଶତୃଘ୍ନ ସିଂ ଉପସ୍ଥିତ ଚାଷୀ ମାନଙ୍କୁ ନାଫେଡ଼ ତରଫରୁ ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି ଓ ବିହନ ବିକ୍ରୀ ପାଇଁ ଉଦଘାଟିତ ସୋରୁମ୍ ରୁ ନେବା ପାଇଁ ପରାମର୍ଶ ଦେଇଥିଲେ । ପରିଚାଳନା କମିଟିର ସଦସ୍ୟ ଭାବେ ରବିନାରାୟଣ ପଣ୍ଡା, ଚତୁର୍ଭୁଜ ପୃଷ୍ଟି ,ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଙ୍କ ସମେତ ୧୬୨ଜଣ ଚାଷୀ ସଦସ୍ୟ ଯୋଗ ଦେଇଥିଲେ ।

## ଡିସେମ୍ବର ୧ରୁ ବନ୍ଦ ହେବ ଆଦି କୈଳାସ-ଓମ୍ ପର୍ବତ ଯାତ୍ରା

ନୂଆଦିଲ୍ଲୀ,୨୮/୧୧ : ଆଦି କୈଳାସ ଓ ଓମ ପର୍ବତ ।ତ୍ରା ୨୦୨୫ ଡିସେମ୍ବର ୧ରୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯିବ। ଏହି ସୂଚନା ଦେଇ ଧାରଚୁଲାର ଉପଜିଲା ମାଜିଷ୍ଟ୍ରେଟ ଜିତେନ୍ଦ୍ର ବର୍ମା କହିଛନ୍ତି ସେ ସୋସିଆଲ୍ ମିଡିଆରେ ମିଳିଥିବା ଭିଡିଓ ଏବଂ ବି.ଆର.ଓ. ଠାରୁ ମିଳିଥିବା ରିପୋର୍ଟ ଅନୁସାରେ ପାର୍ବତୀ କୁଣ୍ଡ ଅଞ୍ଚଳରେ ତାପମାତ୍ରା ବହୁତ କମିଯାଇଛି ଏବଂ ବରଫ ଜମିବା ଆରମ୍ଭ ହୋଇଛି, ଫଳରେ ଏହି ପଥ ଏବେ ଅସୁରକ୍ଷିତ ହୋଇପଡ଼ିଛି। ସେ କହିଛନ୍ତି ଯେ ରିପୋର୍ଟରେ ଏହାମଧ୍ୟ ଲେଖାଯାଇଛି ଯେ ଉଚ୍ଚ ଅଞ୍ଚଳରୁ ସ୍ଥାନୀୟ ଲୋକମାନଙ୍କର ପଲାୟନ ଆରମ୍ଭ ହୋଇଛି ଏବଂ ଯାତ୍ରା ପାଇଁ ଆବଶ୍ୟକ ଇନର୍ ଲାଇନ୍ ପରମିଟ୍‌ର ଆବେଦନ ସଂଖ୍ୟା ମଧ୍ୟ ଅତ୍ୟନ୍ତ କମ୍ ଅଛି। ଗତ ବର୍ଷ ୨୦୨୪ରେ ମଧ୍ୟ ଏହି ପରମିଟ୍ ୧୫ ନଭେମ୍ବରରୁ ବନ୍ଦ କରାଯାଇଥିଲା।

# ଉଦଳାରେ ବାଲ ବୈଜ୍ଞାନିକ ପ୍ରଦର୍ଶନି ଅନୁଷ୍ଠିତ

## ବିଜ୍ଞାନ ଦେଇଛି ନୂଆ ଦୁନିଆଁର ବାର୍ତ୍ତା : ଡ଼ା. ମନୋରଂଜନ

ଉଦଳା, ୨୮/୧୧ (ନି.ପ୍ର): ଉଦଳା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ନଭେମ୍ବର ୨୮ ତାରିଖ ଶୁକ୍ରବାର ଦିନ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନି – ୨୦୨୫ ଅନୁଷ୍ଠିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ସପ୍ତାହ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ପ୍ରଭାତରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଓ ଉଦଳା ପଂଚାୟତ ସମିତିର ଅଧକ୍ଷା ମଂଜୁଲତା ବିଶ୍ୱାଳ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରଦର୍ଶନିକୁ ଉଦ୍‌ଘାଟନ କରିଥିଲେ । ଏହାପରେ ଛାତ୍ର ଛାତ୍ରୀ ମାନେ ଆଣିଥିବା ନିଜ ନିଜର ପ୍ରକଳ୍ପ ଗୁଡ଼ିକ ବିଷୟରେ ଦିବସ ବ୍ୟାପି ଦର୍ଶକ ମାନଙ୍କୁ ବୁଝାଇଥିଲେ । ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରି ଦିପକ କୁମାର ମିଶ୍ର ଅଧକ୍ଷତା କରି




ଆଜିର ପ୍ରଦର୍ଶନିକୁ ସଫଳ କରିବା ପାଇଁ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରି ମାନେ ମିଳିମିଶି ଯେଉଁଭଳି ଉଦ୍ୟମ କଲେ ସେଥିପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଏହାପରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଡ଼ା. ମନୋରଂଜନ ମଲିକ, ଡ଼.ସୁଧାଂଶୁ ଶେଖର ଚୈଧୁରୀ ଓ ଡ଼. ପ୍ରିୟରଂଜନ ଦାଶ ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବିଜ୍ଞାନ କିପରି ନୂଆ ଦୁନିଆଁର ବାର୍ତା ଦେଇଛି ବିଭିନ୍ନ ଉଦାହରଣମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉଦଳା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତିଶ ଘୋଷ, ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରୀ ମୀନତି ମଂଜରି ପଣ୍ଡା ଓ ସନ୍ଧ୍ୟାରାଣୀ ବାରିକ ପାଠପଢ଼ାରେ ପିଲାଙ୍କୁ ବାଲ ବୈଜ୍ଞାନିକ ପ୍ରଦର୍ଶନି କିପରି ଶାଣିତ କରିଥାଏ ବ୍ୟକ୍ତ କରିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ତପନ ମହାନ୍ତ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମିନାକ୍ଷୀ ମିଶ୍ର କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ହଂକଂର ୮ ଆବାସୀୟ ବିଲ୍ଡିଂରେ ନିଆଁ ଲାଗିବା କାରଣରୁ ୯୪ ମୃତ

ନୂଆଦିଲ୍ଲୀ,୨୮/୧୧ : ହଂକଂରେ ଭୟଙ୍କର ଅଗ୍ନିକାଣ୍ଡ । ଆଠଟି ବହୁମହଲା ଆବାସିକ ଟାୱାରରେ ଲାଗିଥିବା ନିଆଁରେ ଆଜି ସକାଳ ପର୍ଯ୍ୟନ୍ତ ୯୪ ଜଣଙ୍କ ମୃତ୍ୟୁ ହୋଇଛି। ଏହାମଧ୍ୟରୁ ଚାରିଟି ବିଲ୍ଡିଂର ନିଆଁ ବୁଧବାର ରାତି ସୁଦ୍ଧା ଲିଭାଇ ଦିଆଯାଇଥିଲା। ତିନୋଟି ବିଲ୍ଡିଂରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ କଠିନ ପ୍ରୟାସ ଜାରି ରଖିଥିଲେ। ଗୋଟିଏ ଟାୱାରକୁ ସୁରକ୍ଷିତ ବୋଲି କୁହାଯାଇଥିଲା। ଅଧିକାରୀମାନଙ୍କ କହିବା ଅନୁଯାୟୀ, ଉଦ୍ଧାର ଅଭିଯାନର ଶେଷ ଅଭିଯାନ ପରେ ବି ନିଆଁ ଉଠିଥିଲା ଏବଂ ସମଗ୍ର ଅଞ୍ଚଳ ଧୂଆଁରେ ଭରିଯାଇଥିଲା। ନିଆଁରେ ପ୍ରଭାବିତ ସମସ୍ତ ଟାୱାର 'ତାଇ ପୋର ୱାଙ୍ଗ ଫୁକ କୋର୍ଟ' ଅଞ୍ଚଳରେ ଅବସ୍ଥିତ।

# ବିପର୍ଯ୍ୟୟ ପରିଚାଳନାର ରୋଡ ମ୍ୟାପ ଗ୍ରାମ୍ୟ ସ୍ତରରୁ ଆରମ୍ଭ ହେବ

ବାରିପଦା, ୨୮/୧୧ (ନି.ପ୍ର): 'ଶୂନ୍ୟ ମୃତ୍ୟୁହାର' ତଥା 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ଏହା ହେଉଛି ବିପର୍ଯ୍ୟୟ ପରିଚାଳନାର ମୂଳମନ୍ତ୍ର। ଏଭଳି ଏକ ଆଭିମୁଖ୍ୟ ନେଇ ଗ୍ରାମ୍ୟ ସ୍ତରରୁ ବିପର୍ଯ୍ୟୟ ପରିଚାଳନାକୁ ଅଧିକରୁ ଅଧିକ କ୍ରିୟାଶୀଳ, ସୁଦୃଢ, ଓ ସଶକ୍ତ କରିବା, ଅଭିନବ ଜ୍ଞାନ କୌଶଳର ପ୍ରୟୋଗ, ସୃଜନଶୀଳତାକୁ ଗୁରୁତ୍ୱ ଦେବା, ଯୋଜନା ପ୍ରସ୍ତୁତି, ଦୁର୍ବଳ ଗୋଷ୍ଠୀ ସମୂହର ଚିହ୍ନଟକରଣ, ଗୋଷ୍ଠୀ ସହଭାଗିତା ବୃଦ୍ଧି ସହିତ ଗ୍ରାମ ଓ ପଞ୍ଚାୟତ ସ୍ତରରେ ଏହାର ସଠିକ ଓ ସଫଳ ରୂପାୟନ ସଙ୍ଗେ ସଙ୍ଗେ ଜଳବାୟୁ ପରିବର୍ତ୍ତନ ତଥା ବିଶ୍ୱ ତାପମାନ ବୃଦ୍ଧି ହେତୁ ଆଗାମୀ ଦିନରେ ସମ୍ମୁଖୀନ ହେବାକୁ ଥିବା ପ୍ରତିବନ୍ଧକ ସବୁର ସହଜ ସମାଧାନ ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ ଓ ଏଥି ନିମନ୍ତେ ବିପର୍ଯ୍ୟୟ ପରିଚାଳନାର ରୋଡ ମ୍ୟାପ କିଭଳି ଗୋଷ୍ଠୀ




ସ୍ତରରୁ ଆରମ୍ଭ ହୋଇ ପାରିବ ସେଥିପ୍ରତି ଦୃଷ୍ଟି ଦେଇ ମୟୁରଭଞ୍ଜ ଜିଲ୍ଲାର ୪୦୪ ପଞ୍ଚାୟତର କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କୁ ପର୍ଯ୍ୟାୟ କ୍ରମେ ବିପର୍ଯ୍ୟୟ ପରିଚାଳନା ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ବାରିପଦା ସ୍ଥିତ ପଞ୍ଚାୟତ ସଂସାଧନ କେନ୍ଦ୍ର ସଭା ଗୃହରେ ଆୟୋଜିତ ହେଉଅଛି ବୋଲି ଉଦଯାପନୀ ସଭାରେ ଡେପୁଟୀ କଲେକ୍ଟର ଶ୍ରଦ୍ଧା ସୁମନ ଯୋଗ ଦେଇ ମତ ପ୍ରକାଶ କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ, ବିପର୍ଯ୍ୟୟ ପରିଚାଳନା ହେଉଛି ଏକ ଟିମ୍ ୱାର୍କ ଯେଉଁଥିରେ ଉଭୟ ସରକାରୀ ସଂସ୍ଥା, ବେସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଓ ଗୋଷ୍ଠୀ ସମୂହର ସମାନ ଭୂମିକା ଥାଏ ଏବଂ ସମସ୍ତଙ୍କର ସହଯୋଗରେ ଆମେ ଅସମ୍ଭବକୁ ସମ୍ଭବ କରିଥାନ୍ତି। ଏହିକ୍ରମରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମିଳିତ ଭାବେ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ କରୁଥିବା ସେ ପ୍ରକାଶ କରିଥିଲେ। ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ଜଗବନ୍ଧୁ ମହାନ୍ତି ଏହି ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇବା ସଙ୍ଗେ ସଙ୍ଗେ ଏହି ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ସଫଳତାର ସହିତ ସମାପନ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଓସଡମାର ସ୍ୱିକୃତୀପ୍ରାପ୍ତ ମାଷ୍ଟର ଟ୍ରେନର ଶ୍ରୀ ମନୋଜ ଜେନା, ମହେନ୍ଦ୍ରନାଥ ସେନାପତି, ପ୍ରଦୀପ କୁମାର ଦାସମହାପାତ୍ର, ଓ ଆଶିଷ କୁମାର ମଲ୍ଲିକ ତାଲିମ ପ୍ରଦାନ କରିଥିଲେ। ଉକ୍ତ ପର୍ଯ୍ୟାୟରେ ଠାକୁରମୁଣ୍ଡା, ରାଇରଙ୍ଗପୁର, ବଡସାହି, ଶାମାଖୁଣ୍ଟା, ସାରସକଣା, ଶୁଳିଆପଦା, ମୋରଡ଼ା ଓ ବାଙ୍ଗିରିପୋଷି ବ୍ଲକରୁ ୫୦ ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶ ଗ୍ରହଣ କରିଥିଲେ।

# ଖୋର୍ଦ୍ଧାରେ ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ ପାଳିତ




ଖୋର୍ଦ୍ଧା , ୨୮/୧୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ସମ୍ବିଧାନ ଦିବସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଅଛି । ଉକ୍ତ ଦିବସରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀମତି କସ୍ତୁରୀବାଳା ଜେନା ମଞ୍ଚାଷିନ ଥିବା ବେଳେ ଡେପୁଟୀ କଲେକ୍ଟର, ନ୍ୟାୟିକ ସୃଷ୍ଟି ଅନନ୍ୟା ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ସାମ୍ବିଧାନିକ ଧାରା ଅନୁଯାୟୀ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ନିଷ୍ଠା ପର ଭାବେ ରାଷ୍ଟ୍ରର ଗୌରବ ଓ ସାମ୍ବିଧାନିକ ମୂଲ୍ୟବୋଧ ବଜାୟ ରଖି ଜନ ସାଧାରଣ ତଥା ଦେଶ ସେବା କର୍ତ୍ତବ୍ୟ ସମ୍ପାଦନ କରିବା ନିମନ୍ତେ ଶପଥ ପାଠ କରାଇଥିଲେ । ଦିବସରେ ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗିତାଂଶୁ ମୋହନ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ପଂଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଡେପୁଟୀ କଲେକ୍ଟର, ରାଜସ୍ୱ, ନିବେଦିତା ପରିଡ଼ା, ଡେପୁଟୀ କଲେକ୍ଟର, ନିର୍ବାଚନ ମନୋଜ ସେନାପତି, ଡେପୁଟୀ କଲେକ୍ଟର, ଆର୍ତ୍ତତ୍ରାଣ ମଲ୍ଲିକ, ଡେପୁଟି କଲେକ୍ଟର, ସଂସ୍ଥା, ରବୀନ୍ଦ୍ର କୁମାର ଦାଶ, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କଅଁର, କ୍ରିଷ୍ଣା କୁମାର ଜେନା ଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ଯୋଗଦେଇଥିଲେ ।

# ରେଳ ଦୁର୍ଘଟଣାର ପ୍ରତୀକାତ୍ମକ ଉଦ୍ଧାରଶୈଳୀ ଦେଖାଇଲା ରେଳବିଭାଗ

ନୀଳଗିରି , ୨୮/୧୧ (ନି.ପ୍ର): ସମଗ୍ର ଭାରତବର୍ଷରେ ଯାତ୍ରୀ ସହିତ ମାଲପରିବହନର ପ୍ରମୁଖ ମାଧ୍ୟମ ତଥା ଲାଇଫ୍ ଲାଇନ୍ କୁହାଯାଉଥିବା ରେଳଗାଡ଼ି ଅଧିକାଂଶ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥାଏ। ବିଗତ ୨୦୨୩ମସିହା ଜୁନ ୨ତାରିଖ ବାଲେଶ୍ୱର ନିକଟବର୍ତ୍ତୀ ବାହାନଗା ରେଳଷ୍ଟେସନ ନିକଟରେ ଏକ ମର୍ମନ୍ତୁଦ ରେଳଦୁର୍ଘଟଣା ଘଟିଥିଲା। ଏଥିରେ ୨୯୬ଜଣକର ବିଭତ୍ସ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୧ହଜାରରୁ ଅଧିକଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଏହି ଭୟାନକ ଦୁର୍ଘଟଣା ଲୋକଙ୍କ ମନରୁ ଲିଭିନଥିବା ବେଳେ କିପରି



ଲୋକଙ୍କୁ ଏପରି ବିପତ୍ତିସମୟରେ ତୁରନ୍ତ ଉଦ୍ଧାରକରି ଚିକିତ୍ସାସେବା ଯୋଗାଇଦିଆ ଯାଇପାରିବ ତାହାର ଏକ ଡେମୋ (ମକଡ୍ରିଲ) ଦକ୍ଷିଣପୂର୍ବ ରେଳବିଭାଗ ଖଡଗପୁର ଡିଭିଜନ ଦ୍ୱାରା ସ୍ଥାନୀୟ ନୀଳଗିରି ଗୋପୀନାଥପୁର ସ୍ଥିତ ରେଳଷ୍ଟେସନ ପରିସରରେ ଆୟୋଜିତ ହୋଇଥିଲା। ଏହି ପ୍ରତିକାତ୍ମକ ଦୁର୍ଘଟଣା କାର୍ଯ୍ୟକ୍ରମରେ ଉଭୟ ରେଲୱେ ଏବଂ ଏନଡିଆରଏଫ୍ ର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ମୁଣ୍ଡୁଳି ସ୍ଥିତ ଏନଡିଆରଏଫ ର ୪୦ଜଣ, ୧୪୦ଜଣ ଆର୍ ପି ଏଫ୍ ଷ୍ଟାଫ, ୩୭ଜଣ ସ୍କାଉଟ ଏବଂ ଗାଇଡ, ୫୧ଜଣ ମେଡିକାଲ ଷ୍ଟାଫ, ୧୧ଜଣ ଆମ୍ବୁଲାନ୍ସ ଏଡଭାନସଡ ଲାଇଫ ସପୋର୍ଟ ଷ୍ଟାଫ ଉପସ୍ଥିତ ଥିବାବେଳେ ପୋଲିସ କର୍ମଚାରୀ, ବହୁ ପ୍ରଶାସନିକ ଅଧିକାରୀ,ଅଗ୍ନିଶମ କର୍ମଚାରୀଙ୍କ ସହିତ ସ୍ଥାନୀୟ ଜନସାଧାରଣ ଉଦ୍ଧାରକାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଅସ୍ଥାୟୀ ତମ୍ବୁଗୃହ ନିର୍ମାଣକରାଯାଇ ରେସ୍କ୍ୟୁ କରାଯାଇଥିବା ପୀଡ଼ିତଲୋକଙ୍କର ଚିକିତ୍ସା କରାଯାଇଥିବା ସହିତ ସୂଚନାକେନ୍ଦ୍ର କରାଯାଇଥିଲା। ୦୦୦୨୬ନଂ ହାଉଡା – ଜିପିଏନବି ଉତ୍ତରପ୍ରଦେଶ ଟ୍ରେନର ଦୁଇଟି ବଗିକୁ ଗୋଟିଏ ଉପରେ ଆଉ ଗୋଟିଏ ବଗି ରଖାଯାଇ ଦୁର୍ଘଟଣାର ରୂପ ଦିଆଯାଇଥିଲା। କଟର ସାହାଯ୍ୟରେ ବଗିକାଟି ମୃତାହତଙ୍କୁ ସୁରକ୍ଷିତ ଉଦ୍ଧାର କରାଯିବା, ଦଉଡ଼ି ସାହାଯ୍ୟରେ ଉଦ୍ଧାର କରାଯାଉଥିବା ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ ଥିଲା। ଏହି କାର୍ଯ୍ୟକ୍ରମରେ ଖଡଗପୁର ଡିଭିଜନର ମ୍ୟାନେଜର ଲଳିତ ମୋହନ ପାଣ୍ଡେ ଉପସ୍ଥିତ ରହି ଏହି ମକଡ୍ରିଲକୁ ତଦାରଖ କରିଥିବା ବେଳେ ଖଡଗପୁର ଡିଭିଜନର ଡିଏସ୍ଓ ସୁଧୀର କୁମାରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଭଳି ମକଡ୍ରିଲ ଦେଖିବାପାଇଁ ଆଖପାଖ ଅଂଚଳର ବହୁଦର୍ଶକ ଉପସ୍ଥିତଥିବା ଦେଖିବାକୁ ମିଳିଥିଲା।

# ସଂରକ୍ଷିତ ଜଙ୍ଗଲ ଜମିକୁ ମାଫିଆମାନେ ନିଜ ଅକ୍ତିଆରକୁ ନେଇ ଅନ୍ୟ ବ୍ୟକ୍ତିଙ୍କୁ ବିକ୍ରି ଓ ଭଡା ଦେବା ସମ୍ପର୍କରେ ସରକାରଙ୍କଠାରେ ଅଭିଯୋଗ

ବୈଶିଙ୍ଗା , ୨୮/୧୧ (ନି.ପ୍ର): ଅସନ୍ତୁଳିତ ପରିବେଶ କୁ ରକ୍ଷା କରିବା ପାଇଁ ସରକାରଙ୍କ କେତେ କେତେ ଯୋଜନା କରାଯାଉଛି ଏବଂ ଏଥିପାଇଁ କୋଟି କୋଟି ଟଙ୍କା ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହେଉଛି। ନୂତନ ଜଙ୍ଗଲ ସୃଷ୍ଟି କରିବା, ଧ୍ୱଂସ ତଥା ଅବହେଳିତ ଜଙ୍ଗଲକୁ ରକ୍ଷାକରିବା, ଖାଲି ପଡିଥିବା ଜଙ୍ଗଲ ଜମିରେ ନୂତନ ଚାରା ରୋପଣ କରି ଦିନ ମଜୁରିଆଙ୍କୁ ସାଧନ ଯୋଗାଇବା ଦ୍ୱାରା କର୍ମ ସଂସ୍ଥାନ ବଢିବା ସାଙ୍ଗକୁ ବେରୋଜଗାର ଦୂର ହେବା ସହ ନୂତନ ଜଙ୍ଗଲ ସୃଷ୍ଟି ହୋଇ ପାରୁଛି। ଯଦ୍ୱାରା ପରିବେଶ ପ୍ରଦୂଷଣରୁ ମୁକ୍ତ ହୋଇ ପାରିବ । ମାତ୍ର କିଛି ମାଫିଆଙ୍କ ଦ୍ୱାରା ଜଙ୍ଗଲ ଜମି ନିଜ ଅକ୍ତିଆରକୁ ନେଇ ସେଥିରେ ଅଟ୍ଟାଳିକା , ପାର୍କ, ବ୍ୟବସାୟ ପେଣ୍ଠ ଆଦି ତିଆରି କରିବା ଦ୍ୱାରା ଜଙ୍ଗଲ ସୃଷ୍ଟି ରେ ବାଧା ଉପୁଜୁଛି । ଏଭଳି କିଛି ଘଟଣା ବୈଶିଙ୍ଗା ବନାଞ୍ଚଳ ଅଧିନରେ ଥିବା ରଙ୍ଗାମାଟିଆ ସଂରକ୍ଷିତ ଜଙ୍ଗଲରେ ଘଟିଥିବା ଘଟଣାକୁ



ନେଇ ଓଡ଼ିଶା ସରକାରଙ୍କ ମାନ୍ୟବର ଜଙ୍ଗଲ ବିଭାଗ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ମୟୂରଭଞ୍ଜ ଜିଲ୍ଲା ବନଖଣ୍ଡ ଅଧିକାରୀ, ବେତନଟୀ ରେଞ୍ଜ ଅଧିକାରୀଙ୍କୁ ଅବଗତ କରାଇଛନ୍ତି ।ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ରଙ୍ଗାମାଟିଆ ମୌଜା ଏବଂ ବୈଶିଙ୍ଗା ଗ୍ରାମ୍ୟ ଜଙ୍ଗଲରେ ମଧ ଜବରଦଖଲକାରୀ ମାନେ ପୁରା ଜନବସତି ସୃଷ୍ଟି କରିଦେଇଛନ୍ତି ।ଏହା ଦ୍ୱାରା ଜଙ୍ଗଲ ଜମି ଧିରେ ଧିରେ ନଷ୍ଟ ହୋଇ ଚାଲିଛି। ଏହାକୁ ରୋକା ନ ଗଲେ ଅନ୍ୟ ବ୍ୟକ୍ତିବିଶେଷ ମଧ ଜଙ୍ଗଲ ଜମି ଜବର ଦଖଲ କରିବାକୁ ଅପଚେଷ୍ଟା କରି ପାରନ୍ତି ।ଆହୁରି ଅନେକ ସମାଜସେବୀ ମଧ ଏହାକୁ ବିରୋଧ କରି ଜଙ୍ଗଲ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବାର ଜଣାଯାଇଛି ।ଆମ୍ଭ ପ୍ରତିନିଧି ଏହି ଅଭିଯୋଗ ପାଇବାପରେ ରେଞ୍ଜ ଅଧିକାରୀ ଙ୍କୁ ଯୋଗାଯୋଗ କରିଥିଲେ। ସେ କହିଲେ 'ଗ୍ରାମବାସୀଙ୍କ ଅଭିଯୋଗ ମିଳିବା ପରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦେଇଛି' । ତେବେ ତଦନ୍ତ ପରେ ଏହାର କାର୍ଯ୍ୟାନୁଷ୍ଠାନ କଣ ଗ୍ରହଣ କରାଯାଇଛି ତାର ଉତ୍ତର ମିଳିନାହିଁ ।

# ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ

ବାଲେଶ୍ୱର, ୨୮/୧୧ (ନି.ପ୍ର): ବାଲେଶ୍ୱର ମୋତିଗଞ୍ଜ ବଜାର ସ୍ଥିତ ଶ୍ରୀ ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟ ରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମଧୁସ୍ମିତା ନାୟକ ଙ୍କ ଅଧକ୍ଷ୍ୟତା ରେ ଅନୁଷ୍ଠିତ ହୋଇ ଯାଇଅଛି । ବିଦ୍ୟାଳୟ ର ଖେଳ ପଡିଆ ରେ ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ କ୍ରୀଡା ଶିକ୍ଷକ ଶ୍ରୀ



ଯୁକ୍ତ ଗଗନ ବିହାରୀ ଦାସ ଯୋଗ ଦେଇଥିଲେ । ସେ ତାଙ୍କ ଅଭିଭାଷଣ ରେ କହିଥିଲେ କ୍ରୀଡା ଶରୀର କୁ ସୁସ୍ଥ ଓ ନିରୋଗ ରଖେ । ସି ଆର ସି ଶ୍ରୀମତୀ ସରିତା ଦିବେଦୀ ଓ ଆଲମୁନି ର ସଭାପତି ଶ୍ରୀ ଯୁକ୍ତ ଓମ ପ୍ରକାଶ ଅଗ୍ରୱାଲ ନିଜ ନିଜର ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟ ର କ୍ରୀଡା ଶିକ୍ଷୟତ୍ରୀ ଶ୍ରୀମତୀ ସାଗରିକା ପରିଡା ଓ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ଙ୍କ ତତ୍ତ୍ୱବଧାନ ରେ ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତା ଆରମ୍ଭ ରେ ଓଡିଶୀ ନୃତ୍ୟ, ଲେଜିମ ଓ ଡମ୍ଫଲ ନୃତ୍ୟ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ପରିବେଷଣ ହୋଇଥିଲା । ଏହି କ୍ରୀଡା ପ୍ରତିଯୋଗିତା କୁ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ବିଦ୍ୟାଳୟ ର କର୍ମଚାରୀ ବୃନ୍ଦ ସହଯୋଗ ଦେଇ ସାଫଲ୍ୟ ମଣ୍ଡିତ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida